

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର ୨୫ ଡିସେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 25 DECEMBER 2023

Vol.No. 34 ■ No. 338 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



DADLS-65



ପବିତ୍ର ବଡ ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡ଼ଦିନ ପର୍ବ ହେଉଛି ଶାନ୍ତି, ମୈତ୍ରୀ ଓ ମାନବତାବାଦର ପର୍ବ। ଏ ଅବସରରେ ମୁଁ ଓଡ଼ିଶାର ସମସ୍ତଙ୍କୁ ବିଶେଷତଃ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ହାର୍ଦ୍ଦିକ ଶୁଭେଚ୍ଛା ଓ ଆନ୍ତରିକ ଅଭିନନ୍ଦନ ଜଣାଇବା ସହ ସମସ୍ତଙ୍କର ଶ୍ରୀ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

(ରଘୁବର ଦାସ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା

OIPR: 15001/13/0226/2324


# ବାକିରେ ବୁଡ଼ିଛନ୍ତି ସରକାର: ନିର୍ବାଚନ ପ୍ରତିଶ୍ରୁତି ପୂରଣ ପାଇଁ ଋଣ ମାଗିଲେ ମୁଖ୍ୟମନ୍ତ୍ରୀ



ମଧ୍ୟପ୍ରଦେଶ, ୨୪/୧୨ : ଦାୟିତ୍ୱ ଗ୍ରହଣ କରିବାର ମାତ୍ର ଦୁଇ ସପ୍ତାହ ପରେ ମଧ୍ୟପ୍ରଦେଶ ମୁଖ୍ୟମନ୍ତ୍ରୀ ମୋହନ ଯାଦବ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ)ରୁ ୨,୦୦୦ କୋଟି ଟଙ୍କାର ଋଣ ପାଇଁ ଅନୁରୋଧ କରିଛନ୍ତି। ପାଖାପାଖି ୪ ଲକ୍ଷ କୋଟି ଟଙ୍କାର ଋଣ ବୋଝରେ ବୁଡ଼ି ରହିଥିବା ରାଜ୍ୟ ସରକାରଙ୍କ ଆର୍ଥିକ ସ୍ଥିତି ଓ ରାଜକୋଷର କ'ଣ ରହିଛି ଏଥିରୁ ସ୍ପଷ୍ଟ ବାରି ହୋଇପଡିଛି। ଶାସକ ଭାରତୀୟ ଜନତା ପାର୍ଟି (ବିଜେପି) ନିକଟରେ ବିଧାନସଭା ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କରିବାକୁ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଛି। ସରକାରଙ୍କ ପାଖରେ ଟଙ୍କା ନାହିଁ। ତେଣୁ ଆଗକୁ ସାଧାରଣ ନିର୍ବାଚନ ରହିଥିବାରୁ ଲୋକଙ୍କୁ ଦିଆଯାଇଥିବା ପ୍ରତିଶ୍ରୁତି ପାଳନ କରିବାକୁ ଯାଇ ନୂଆ ମୁଖ୍ୟମନ୍ତ୍ରୀ ଋଣ ମାଗିଛନ୍ତି। ପୂର୍ବ ମୁଖ୍ୟମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ 'ଲାଡଲି ବେହନା' ଭଳି କଲ୍ୟାଣକାରୀ ଯୋଜନା କାର୍ଯ୍ୟକାରୀ କରିଥିଲେ। ଯାହା ବିଜେପିର ବିଜୟରେ ସହାୟକ ହୋଇଥିଲା କିନ୍ତୁ ଏହାର ଫଳସ୍ୱରୂପ ଗୁରୁତ୍ୱପୂର୍ଣ୍ଣ ଋଣବୋଝ ବଢିଛି। କୌଣସି ସଙ୍କଟ ନାହିଁ ଏବଂ ପାଣ୍ଠି ଅଭାବରୁ କୌଣସି କଲ୍ୟାଣକାରୀ ଯୋଜନା ବନ୍ଦ କରାଯିବ ନାହିଁ ବୋଲି ଏବେ ମୁଖ୍ୟମନ୍ତ୍ରୀ ▶▶ପୃଷ୍ଠା ୭

## ବଡ଼ଦିନ ପାଇଁ ସଜେଇ ହେଇଛି ଚର୍ଚ୍ଚ



ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଆସନ୍ତାକାଲି ବଡ଼ଦିନ। ପ୍ରଭୁ ଯୀଶୁଙ୍କ ଜନ୍ମଦିନ ପାଳନ ପାଇଁ ସବୁଠି ଉତ୍ସବର ମାହୋଲ। ଚର୍ଚ୍ଚ ଗୁଡ଼ିକ ସଜେଇ ହୋଇଛି। କ୍ରିସମସ୍ ଟ୍ରି ଏବଂ ରଙ୍ଗୀନ ଆଲୋକ ମାଳାରେ ଝଲସୁଛି ଚର୍ଚ୍ଚ। ପ୍ରଭୁ ଯୀଶୁଙ୍କୁ ସ୍ୱାଗତ କରିବାକୁ ବ୍ୟାପକ ଆୟୋଜନ ହୋଇଛି। କନ୍ଧମାଳ ଜିଲ୍ଲାର ସଦର ମହକୁମା ଫୁଲବାଣୀ ସହରରେ ଖ୍ରୀଷ୍ଟ ବିଶ୍ୱାସୀ ମାନେ କରୋଲ ଉପାସନା। ଉଜାଗର ଆଦି ଆରମ୍ଭ କରିଦେଇଛନ୍ତି। ଫୁଲବାଣୀର ବାପଟିଷ୍ଟ ଚର୍ଚ୍ଚରେ କ୍ୟାଣ୍ଡେଲ ଜାଳି ସମୂହ ପ୍ରାର୍ଥନା କରିବା ସହିତ ଖ୍ରୀଷ୍ଟଙ୍କ ବାକ୍ୟ ପରିବେଷଣ କରିଥିଲେ। ▶▶ପୃଷ୍ଠା ୭

## ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଲେ ୩ ନକ୍ସଲ

ଛତିଶଗଡ଼, ୨୪/୧୨ ଛତିଶଗଡ଼ର ନକ୍ସଲ ପ୍ରବଣ ଦାନ୍ତେୱାଡାରେ ସୁରକ୍ଷାକର୍ମୀଙ୍କୁ ମିଳିଛି ବଡ଼ ସଫଳତା। ସୁରକ୍ଷାକର୍ମୀଙ୍କ ଗୁଳିରେ ଟଳିଛନ୍ତି ୩ ନକ୍ସଲ। ଦାନ୍ତେୱାଡର ଟୁମକାପାଲ ଓ ଡାବା କୁନ୍ନା ଗାଁ ମଧ୍ୟରେ ଏହା ଘଟିଛି। ଏହି ଅଞ୍ଚଳରେ କିଛି ନକ୍ସଲ ଲୁଚି ରହିଥିବା ଖବର ମିଳିବା ପରେ ଡିଆରଜି, ସିଆରପିଏଫ ଓ ପୁଲିସ ପକ୍ଷରୁ ମିଳିତ ଅପରେସନ ଆରମ୍ଭ ହୋଇଥିଲା। ସର୍ଚ୍ଚ ଅପରେସନ ଚାଲିଥିବା ବେଳେ ମାଓବାଦୀମାନେ ଗୁଳିମାଡ଼ ଆରମ୍ଭ କରି ଦେଇଥିଲେ। ▶▶ପୃଷ୍ଠା ୭

## ଆଇଇଡି ବିସ୍ଫୋରଣ: ୨ ଯବାନ ଆହତ

କନ୍ଧମାଳ, ୨୪/୧୨ (ନି.ପ୍ର): ଆଇଇଡି ବିସ୍ଫୋରଣରେ ଦୁଇ ଜଣ ଏସଓଜି ଯବାନ ଆହତ ହୋଇଛନ୍ତି। କନ୍ଧମାଳ ଜିଲ୍ଲା ତୁମୁଡ଼ିବନ୍ଧ ସିର୍ଲା ଜଙ୍ଗଲରେ ଘଟିଛି ଏହି ଘଟଣା। ଆଜି ସକାଳେ ନକ୍ସଲ ବିରୋଧୀ ଅପରେସନ୍ ଚାଲିଥିବା ବେଳେ ଏହି ବିସ୍ଫୋରଣ ହୋଇଥିଲା। ବିସ୍ଫୋରଣରେ ୨ ଜଣ ଯବାନ ଆହତ ହୋଇଛନ୍ତି। ଆହତ ଯବାନଙ୍କୁ ଉଦ୍ଧାର ପରେ ବାଲିଗୁଡ଼ା ଡାକ୍ତରଖାନାକୁ ପଠାଯାଇଥିଲା। ଦୁଇ ଆହତ ଯବାନଙ୍କ ମଧ୍ୟରୁ ଜଣଙ୍କ ଆଖିରେ ଆଘାତ ଲାଗିଥିବା ଜଣାପଡ଼ିଛି। ସେମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ଭୁବନେଶ୍ୱର ଏମ୍?ସକୁ ପଠାଯିବା ନେଇ ବ୍ୟବସ୍ଥା କରାଯାଇଥିବା ଜଣାପଡ଼ିଛି। ଜଙ୍ଗଲରେ ମାଓବାଦୀଙ୍କର ଏକ ବଡ଼ ଗ୍ରୁପ୍ ଥାଇ ପାରନ୍ତି ବୋଲି ସନ୍ଦେହ କରାଯାଉଛି।। ମାଓବାଦୀଙ୍କୁ ନିପାତ କରିବା ଲାଗି ଜୋରଦାର ଅପରେସନ ଜାରି ରହିଥିବା କନ୍ଧମାଳ ଏସ୍ପି ସୂଚନା ଦେଇଛନ୍ତି।


DADLS-65



ଓଡ଼ିଶା ସରକାର

ବଡ ଦିନ ଉପଲକ୍ଷେ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ପବିତ୍ର ବଡ଼ ଦିନ ଉପଲକ୍ଷେ ରାଜ୍ୟବାସୀଙ୍କୁ ମୋର ଶୁଭେଚ୍ଛା ଜଣାଉଛି ଏବଂ ଏକ ବିକଶିତ ଓ ସଶକ୍ତ ଓଡ଼ିଶା ଗଠନରେ ସମସ୍ତଙ୍କ ସହଯୋଗ କାମନା କରୁଛି।

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR: 15001/13/0226/2324


## ବେରୋଜଗାରୀକୁ ନେଇ ବର୍ଷିଲେ ଖାଡ଼ଗେ



ନୂଆଦିଲ୍ଲୀ, ୨୪/୧୨ : କୁଆଡେ ଗଲା ପ୍ରତିବର୍ଷ ୨ କୋଟି ଚାକିରି ପ୍ରତିଶ୍ରୁତି। ବେରୋଜଗାରୀ ଦେଶର ସବୁଠାରୁ ଜ୍ୱଳନ୍ତ ପ୍ରସଙ୍ଗ।' ଏଭଳି କିଛି କହି ବିଜେପି ଉପରେ ବର୍ଷିଛନ୍ତି କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାଡ଼ଗେ। ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରକୁ ଟାର୍ଗେଟ କରି ଖାଡ଼ଗେ ଏକ୍ସରେ ଏକ ପୋଷ୍ଟରେ ଲେଖିଛନ୍ତି, ଦେଶର ଯୁବକମାନେ ପଚାରୁଛନ୍ତି ବର୍ଷକୁ ୨ କୋଟି ଚାକିରି କୁଆଡେଗଲା ? ନିଯୁକ୍ତି ପରୀକ୍ଷା ଏବଂ ଚାକିରି ସୁରକ୍ଷିତ କରିବା ମଧ୍ୟରେ ପ୍ରକ୍ରିୟା ଏତେ ଜଟିଳ କାହିଁକି ? ଜୁଲାଇ ୨୦୨୨ରୁ ଜୁନ୍ ୨୦୨୩ ମଧ୍ୟରେ ହୋଇଥିବା ପିରିଓଡିକ୍ ଲେବର ଫୋର୍ସ ସର୍ଭେ (ପିଏଲ୍ଏଫ୍ଏସ୍)କୁ ଉଦାହରଣ ଦେଇ ▶▶ପୃଷ୍ଠା ୭


DADLS-65



ଓଡ଼ିଶା ସରକାର

ପବିତ୍ର ବଡ଼ଦିନ ଉପଲକ୍ଷେ ବାର୍ତ୍ତା

ପବିତ୍ର ବଡ଼ ଦିନ ଉପଲକ୍ଷେ ରାଜ୍ୟର ସମସ୍ତ ଜନସାଧାରଣ ବିଶେଷ କରି ସମସ୍ତ ଖ୍ରୀଷ୍ଟିଆନ୍ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ। ଏହି ଅବସରରେ ମୁଁ ସେମାନଙ୍କର ଅଶେଷ ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରୁଛି।

ବସୁଧୈବ କୁଟୁମ୍ବକମ୍ ଭାବକୁ ଅତୁଟ ରଖି ଆସନ୍ତୁ ସମସ୍ତେ ମିଶି ପ୍ରଭୁ ଯିଶୁଙ୍କର ଧରାବତରଣକୁ ଆନନ୍ଦ ଓ ଉଲ୍ଲାସ ସହକାରେ ପାଳନ କରିବା

(ପ୍ରଦୀପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ଓଡ଼ିଶା

OIPR: 15001/13/0226/2324


## ୬ବର୍ଷ ପ୍ରତୀକ୍ଷାର ଅନ୍ତ ଘଟିଲା: ପଞ୍ଚାୟତ କାର୍ଯ୍ୟାଳୟ ପାଇଁ ଲାଗିଲା ଶିଳାନ୍ୟାସ ଫଳକ



ଖଇରା, ୨୪/୧୨ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ବଡନୁଆଗାଁ ପଞ୍ଚାୟତ ନୁଆ ପଞ୍ଚାୟତ କାର୍ଯ୍ୟାଳୟ ପ୍ରତିଷ୍ଠା ପାଇଁ ରବିବାର ଭିତ୍ତିପ୍ରସ୍ତର ସ୍ଥାପନା କରାଯାଇଛି । ୬ବର୍ଷର ସଂଘର୍ଷ ପରେ ବଡନୁଆଗାଁ ବାସୀଙ୍କୁ ସେମାନଙ୍କର ପରିଶ୍ରମର ଫଳ ମିଳିଛି । ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ ବର୍ଷିଆନ ଶିକ୍ଷକ ଲକ୍ଷ୍ମୀଧର ସ୍ୱାଇଁ ନୂତନ ପଞ୍ଚାୟତ କାର୍ଯ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ । ଏହି ଅବସରରେ ପୁର୍ବତନ ସମିତି ସଭ୍ୟ ରଘୁନାଥ ପଣ୍ଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ମୁଖ୍ୟଅତିଥି ଭାବେ ବକ୍ତବ୍ୟରେ ୬ବର୍ଷ ପରେ ବଡନୁଆଗାଁ ପଞ୍ଚାୟତବାସୀଙ୍କୁ ନ୍ୟାୟ ମିଳିଛି । ଯେଉଁମାନେ ବଡନୁଆଗାଁ ମାଟିର ସ୍ୱାଭିମାନ ରକ୍ଷାପାଇଁ ଲଢେଇ କରୁଥିଲେ ତାଙ୍କୁ ତାଙ୍କର ଫଳ ମିଳିଛି । ପଞ୍ଚାୟତକୁ ବିକଶିତ କରିବାକୁ ଉଦ୍ୟମ ଜାରି ରହିବ ବୋଲି କହିଥିଲେ । ପୁର୍ବତନ ସରପଞ୍ଚ ସୁଶାନ୍ତ କୁମାର ମିଶ୍ର,ପ୍ରାକ୍ତନ ସମିତିସଭ୍ୟା ନମିତା ଦାସ,ବର୍ଦ୍ଧନା ସେବା ସମବାୟ ସମିତିର ସଭାପତି ନିରଞ୍ଜନ ମହାପାତ୍ର,ପୁର୍ବତନ ସରପଞ୍ଚ କିଣୁ ଚରଣ ଗାହାଣ,ବିଶିଷ୍ଟ ବ୍ୟବସାୟୀ ରବିନ୍ଦ୍ର ନନ୍ଦ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗ ଦେଇଥିଲେ । ସମସ୍ତ ବଡନୁଆଗାଁ ପଞ୍ଚାୟତବାସୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।୨୦୧୭-୧୮ ମସିହାରେ ବଡନୁଆଗାଁ ନୂତନ ପଞ୍ଚାୟତ ଭାବେ ଘୋଷାଣା ପରେ କାର୍ଯ୍ୟାଳୟ ପାଇଁ ଚିହ୍ନଟ ହୋଇଥିବା ଯାଗାକୁ ନେଇ ୬ବର୍ଷ ଧରି ହାଇକୋର୍ଟରେ ମାମଲା ଚାଲିବା ପରେ ଏବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ଅଚଳବସ୍ଥା ହଟିଛି ।

# ପଦ୍ମମାଳୀ ମହିଳା ସଙ୍ଗଠନର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ



ବେତନଟୀ, ୨୪/୧୨ (ନି.ପ୍ର): ବେତନଟୀ ବ୍ଲକ ଅନ୍ତର୍ଗତ ସଠିଲୋ ଗ୍ରାମପଞ୍ଚାୟତର ବେଣାଗଡିଆ ଠାରେ ପଦ୍ମମାଳୀ ମହିଳା ସଙ୍ଗଠନର ସପ୍ତମ ବାର୍ଷିକ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ଏହି ପଦ୍ମମାଳୀ ମହିଳା ସଙ୍ଗଠନକୁ ପ୍ରତିଷ୍ଠା କରିଥିବା ସ୍ୱର୍ଗତଃ ରଞ୍ଜନ କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ପ୍ରଥମେ ଦୁଇ ମିନିଟ ନିରବ ପ୍ରାର୍ଥନା କରାଯାଇଥିଲା ଏବଂ ତାଙ୍କର ସ୍ମୃତିଚାରଣ କରାଯାଇଥିଲା । ପଦ୍ମମାଳୀର ସଭାପତି ତଥା ବେତନଟୀ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷା ଶ୍ରୀମତୀ ସଂଯୁକ୍ତା ଜୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରତିଷ୍ଠା ଦିବସ ପାଳନ ଅବସରରେ ସଙ୍ଗଠନର ସଦସ୍ୟା ମାନେ ନିଜନିଜର ବହୁମୂଲ୍ୟ ବକ୍ତବ୍ୟ ପ୍ରଦାନ କରିଥିଲେ । ସଙ୍ଗଠନ ପକ୍ଷରୁ ଅସହାୟ ଓ ଦରିଦ୍ର ଲୋକ ମାନଙ୍କୁ କମ୍ବଳ ଓ ସୁଖିଲା ଖାଦ୍ୟ ବଣ୍ଟନ କରାଯାଇଥିଲା । ଆଗାମୀ ଦିନରେ ମଧ ଏହିଭଳି ଭାବରେ ସମାଜସେବା ଜାରି ରହିବ ବୋଲି ସଦସ୍ୟାମାନେ ପ୍ରକାଶ କରିଥିଲେ । ପଦ୍ମମାଳୀ ମହିଳା ସଙ୍ଗଠନର ସମ୍ପାଦିକା ପ୍ରଭାତୀ ମହାନ୍ତି, ଉପସଭାପତି ସୋନା ଖାତୁନ, କାର୍ଯ୍ୟକାରୀ ସଭାପତି ଗୀତାଞ୍ଜଳୀ ଭୂୟାଁ,କୋଷାଧକ୍ଷା ବିନୋଦିନୀ ମହାନ୍ତ, ମୀନାକ୍ଷୀ ପରିଡା, ସଦସ୍ୟା ରଞ୍ଜିତା କର, ଉମା ଯାଦବ, ମନୋରମା ସାହୁ, ମନିଲତା ବଳା, ଅନିନ୍ଦିତା ସାହୁ, ମିନତୀ ସାହୁ,ରଶ୍ମିତା ଦାଶ ଓ କୁମୁଦିନୀ ମହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଫୁଲବାଣୀ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୩୪ତମ ବାର୍ଷିକ ଉତ୍ସବ

କନ୍ଧମାଳ, ୨୪/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାର ଫୁଲବାଣୀ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ୩୪ତମ ବାର୍ଷିକ ଉତ୍ସବ ବିଦ୍ୟାଳୟର ସଭାପତି ପ୍ରକୃତି ପ୍ରେମୀ, ଲେଖକ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବ୍ରଜବନ୍ଧୁ ମଲ୍ଲିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ବାର୍ଷିକ ଉତ୍ସବରେ ବାଗଦେବୀ ସରସ୍ୱତୀ ଓ ଭାରତ ମାତାଙ୍କ ଉଦ୍ଦେଶ୍ୟରେ ଅତିଥିମାନଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ଜ୍ୱଳନ ଓ ବେଦ ପାଠ ପରେ ସ୍ୱାଗତ ସଂଗୀତ ତତସହିତ ଭାରତ ମାତାଙ୍କ ବନ୍ଦନା ଗାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ରାଜେନ୍ଦ୍ର କୁମାର ପାଢ଼ୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଦ୍ୟାଳୟର ସମ୍ପାଦକ ଟି. ଶିବ ଶଙ୍କର ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜଲେଶପଟା ସଂସ୍କୃତ କନ୍ୟାଶ୍ରମ ସ୍ୱାମୀ ଜୀବନ ମୁକ୍ତାନନ୍ଦ ପୁରୀ ଜି ମହାରାଜ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ କର୍ଣ୍ଣେଲ ଶିଶିର କୁମାର ଘୋଷ ଏବଂ ମୁଖ୍ୟବକ୍ତା ଭାବେ ବିଭାଗ ସହ ସଂଘ ଚାଳକ ଲକ୍ଷ୍ମୀ ନନ୍ଦ ମଂଚାସୀନ ଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ମାନବିକତାର ଶିକ୍ଷାସହ ଉତମ ନାଗରିକ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଅଭିଭାବକ ମାନେ ନିଜ ପିଲାମାନଙ୍କୁ ସତପଥରେ ନେବାକୁ ପରାମର୍ଶ ଦେଇଥିଲେ। ସେହିପରି ସଭାପତି ଶ୍ରୀ ମଲ୍ଲିକ ଶିଶୁ ମନ୍ଦିର ଏକ ଆଦର୍ଶ ଅନୁଷ୍ଠାନ ଯାହା ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନର ଏକ ମାର୍ଗ ବୋଲି ମତ ପୋଷଣ କରିଥିଲେ। ଅନ୍ୟ ମଂଚାସୀନ ଅତିଥିବୃନ୍ଦ ଶିଶୁ ମନ୍ଦିରର ଆଦର୍ଶ ଶିକ୍ଷା ତଥା ଚୃରିତ୍ର ଗଠନର ସହାୟକ ପରି ଶିକ୍ଷାଗ୍ରହଣ ପାଇଁ ଛାତ୍ରଛାତ୍ରୀମାନଙ୍କୁ ପ୍ରେରଣା ଦେଇଥିଲେ । ସେହିପରି ମୁଖ୍ୟବକ୍ତା ଶ୍ରୀ ନନ୍ଦ କହିଲେ ପ୍ରତ୍ୟେକ ମନୁଷ୍ୟ ଧର୍ମ ମାର୍ଗରେ ପରିଚାଳିତ ହୋଇ ସତ ମାର୍ଗରେ ଗତି କରିବା ବୋଲି ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ଡଃ. ଚିତରଞ୍ଜନ ମିଶ୍ର, ବିଦ୍ୟାଳୟର ଉପଦେଷ୍ଟା ବରିଷ୍ଠ ଆଇନଜିବି ହରିଶ୍ଚନ୍ଦ୍ର ମହାରଣା, ପୂର୍ବତନ ବିଦ୍ୟାଳୟ ସମ୍ପାଦକ ବିରଂଚି ନାରାୟଣ ମିଶ୍ର, ପ୍ରିୟନାଥ ଶର୍ମା, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ରମେଶ ଚନ୍ଦ୍ର ସାହୁ, କୈଳାସ ଚନ୍ଦ୍ର ଧଳଙ୍କ ସମେତ ବହୁ ଗୁଣି ଜ୍ଞାନୀ ଓ ପୂର୍ବତନ ଛାତ୍ର ଛାତ୍ରୀମାନେ ଉପସ୍ଥିତ ଥିଲେ। ଏହା ପରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି କରାଯାଇଥିଲା । ମଂଚ ପରିଚାଳନା ବିଦ୍ୟାଳୟର ସହ ପ୍ରଧାନ ଆଚାର୍ଯ୍ୟା ବୈଜୟନ୍ତି ସାମନ୍ତରାୟ କରିଥିବା ବେଳେ ସମସ୍ତ ଆଚାର୍ଯ୍ୟ ଆଚାର୍ଯ୍ୟାଙ୍କ ସହଯୋଗ କରିଥିଲେ ।

## ଯୁବ ସମାଜସେବୀଙ୍କ ପ୍ରଥମ ଶ୍ରାଦ୍ଧ ଦିବସ ପାଳନ

କୋରେଇ, ୨୪/୧୨ (ନି.ପ୍ର): ପାଣିକୋଇଲି ଅଂଚଳର ଶେଷ ପରିଚୟ ବୃଦ୍ଧାଶ୍ରମ ପକ୍ଷରୁ ଦିବଂଗତ ସହଯୋଗୀ ତଥା ବୃଦ୍ଧାଶ୍ରମର ସକ୍ରିୟ ସଦସ୍ୟ ଅଜୟ କୁମାର ପୃଷ୍ଟିଙ୍କ ପ୍ରତମ ବାର୍ଷିକ ଶ୍ରାଦ୍ଧ ଦିବସ ସ୍ଥାନୀୟ ଶେଷ ପରିଚୟ ବୃଦ୍ଧାଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ତାଙ୍କ ସ୍ମୃତିରେ ଆଶ୍ରମର ସମସ୍ତ ଅନ୍ତେବାସୀମାନଙ୍କ ନିମନ୍ତେ ନୂତନ ପୋଷାକର ବ୍ୟବସ୍ଥା କରାଯିବା ସହିତ ଖାଦ୍ୟପେୟର ବ୍ୟବସ୍ଥା ମଧ କରାଯାଇଥିଲା। ସନ୍ଧ୍ୟାରେ ଏକ ସ୍ମୃତି ସଭାର ଆୟୋଜନ କରାଯାଇ ସମୂହ ଦୀପଦାନ କରିବା ସହିତ ଅମରଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ଅଜୟଙ୍କ ଆଶ୍ରମ ପ୍ରତିଥିବା ଅତୁଳନୀୟ ଅବଦାନକୁ ଆଶ୍ରମ କେବେ ପାଶୋରୀ ପାରିବ ନାହିଁ ବୋଲି ସମସ୍ତ ସଭ୍ୟ ମତ ଦେଇଥିଲେ। ଏହି ସ୍ମୃତି ଚାରଣ ସଭାରେ ତାରିଣୀ ପଟ୍ଟନାୟକ, ସୁଧାଶଙ୍କର ବିଶ୍ୱାଳ, ଗୋଲକ ବିହାରୀ ପରିଡ଼ା, ରାକେଶ ରଂଜନ ପଣ୍ଡା, ବାଦଲ ନାୟକ, ଶିବ ପ୍ରସାଦ ବେହେରା, ବିକାଶ ପ୍ରଧାନ ସମେତ ଆଶ୍ରମର ସମସ୍ତ ଅନ୍ତେବାସୀ ଓ ସହଯୋଗୀ ଉପସ୍ଥିତ ଥିଲେ।

# ହରିହରାନନ୍ଦ ବାଳାଶ୍ରମର ବାର୍ଷିକ ଉତ୍ସବ

କେନ୍ଦ୍ରାପଡା, ୨୪/୧୨ (ନି.ପ୍ର): ହରିହରାନନ୍ଦ ବାଳାଶ୍ରମର ୧୯ ତମ ବାର୍ଷିକ ଉତ୍ସବ ଆଜି ଶୁକ୍ରବାର ଦିନ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଅରୁଆ କଦଳିବଣ ଠାରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ଉତ୍ସବରେ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଘଠନର ସ୍ୱତନ୍ତ୍ର ପ୍ରକଳ୍ପ ନିର୍ଦ୍ଦେଶିକାୟାମିନୀ ଷଡଙ୍ଗୀମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଉକ୍ତ ଉତ୍ସବରେ ରମାଦେବୀ ବିଶ୍ୱବିଦ୍ୟାଳୟର ପ୍ରଫେସର ଡ଼ଃ ସୁଚେତା ପ୍ରିୟଦର୍ଶିନୀ, ଶିବାନନ୍ଦ ସେବେ ନାରୀ ବାଳକ ଉଚ୍ଚ ବିଦ୍ୟାଳୟ, ଭୁବନେଶ୍ୱରର ସ୍ୱାମୀ ଶିବଚିଦାନନ୍ଦ ସରସ୍ୱତୀ ମହାରାଜ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ଅତିଥିମାନଙ୍କୁ ବାଳାଶ୍ରାମରେ ପୁଷ୍ପଗୁଛ ଦେଇ ସ୍ୱାଗତ କରାଯାଇଥିଲା। ଅତିଥିମାନେ ବିଦ୍ୟାଳୟ ପରିସର ବୁଲି ପ୍ରଜ୍ଞାନ ମିଶନ ଦ୍ୱାରା ପରିଚାଳିତ ଓ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମହାନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀଙ୍କ ଦ୍ୱାରା ଓଡ଼ିଶାର ଗରିବ ଓ ଅବହେଳିତ ପିଲାମାନଙ୍କ ପାଇଁ ଗଢି ଉଠିଥିବା ଏହି ଆଦର୍ଶ ବିଦ୍ୟାଳୟର (ହରିହରାନନ୍ଦ ବାଳାଶ୍ରମ) ପରିଚାଳନା ବ୍ୟବସ୍ଥା ଓ ଆଭିମୁଖ୍ୟର ପ୍ରଶଂସା କରିଥିଲେ ଓ ପିଲାମାନେ ଉକ୍ତ ବିଦ୍ୟାଳୟ ଦ୍ୱାରା ପ୍ରଦାନ କରାଯାଉଥିବା ସମସ୍ତ ସୁବିଧା ସୁଯୋଗକୁ ସଦ୍ ଉପଯୋଗ କରି ଦେଶ ଓ ପ୍ରଜ୍ଞାନାନନ୍ଦଜୀ ମହାରାଜାଙ୍କ ମାନ ରଖିବାକୁ ପରାମର୍ଶ ଦେଇଥିଲେ। ଏହି ଉତ୍ସବରେପ୍ରଜ୍ଞାନର ମିଶନ ବରିଷ୍ଠ ସନ୍ୟାସି ସ୍ୱାମୀ ସମର୍ପଣାନନ୍ଦ ଗିରି ଓ ସଭାପତି ସ୍ୱାମୀ ଗୁରୁକୃପାନନ୍ଦ ଗିରି ତାଙ୍କ ଅଭିଭାଷଣରେ ଛାତ୍ରଛାତ୍ରୀମାନଙ୍କୁ ଅନେକ ସୁଉପଦେଶ ପ୍ରଦାନ କାରିଥିଲେ। ଉକ୍ତ ଉତ୍ସବରେ ମହାନ କ୍ରିୟାଯୋଗୀ ପରମହଂସ ପ୍ରଜ୍ଞାନାନନ୍ଦଜୀ ମହାରାଜ ଛାତ୍ରଛାତ୍ରୀ ଓ ଜନସାଧାରଣମାନଙ୍କୁ 'ସଦାଚାରୀ, ଚରିତ୍ରବାନ ଓ ପ୍ରରିଶ୍ରମି' ହେବାକୁ ପରାମର୍ଶ ଦେଇଛନ୍ତି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟତ୍ରୀ ଡ଼ଃ ବୀଣାପାଣି ଦାଶ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଉତ୍ସବରେ ସ୍ୱାମୀ ସୁଗୀତାନନ୍ଦ ଗିରି, ବ୍ରହ୍ମଚାରୀ ବୋଧାନନ୍ଦ, ସ୍ୱାମୀ ଅନିର୍ବାଣାନନ୍ଦ ଗିରି, ସ୍ୱାମୀ ଆନନ୍ଦାନନ୍ଦ ଗିରି, ଡ଼ଃ ସ୍ମୃତି ମହାପାତ୍ର, ପ୍ରଶାନ୍ତ ବାସୁଦ୍ୱେନ୍, ପ୍ରଜ୍ଞାନ ମିଶନର ସନ୍ୟାସୀ ଓ ସଂନ୍ୟାସୀନୀଗଣ, ଗୋପୀନାଥ କର, ତ୍ରିଜୀବ ଦାଶ, କ୍ଷୀରୋଦ ଦାଶ, ବ୍ରଜକିଶୋର ପଣ୍ଡା, ନିମନ୍ତ୍ରିତ ମାନ୍ୟଗଣ୍ୟ ବ୍ୟକ୍ତି, ଶିକ୍ଷକ ଓ ଶିକ୍ଷୟତ୍ରୀବୃନ୍ଦ ଯୋଗ ଦେଇଥିଲେ। ବିଦ୍ୟାଳୟର ଏହି ମନୋରମ ଉତ୍ସବକୁ ଛାତ୍ରଛାତ୍ରୀ ମାନେ ସୁନ୍ଦର ଭାବରେ ସଂଯୋଜନା କରିଥିଲେ। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଆୟୋଜିତ କରାଯାଇଥିବା ଚିତ୍ରକଳା, ବିଜ୍ଞାନ ପ୍ରଦର୍ଶନୀ ଅତିଥି ମାନଙ୍କ ଦ୍ୱାରା ଉଦଘାଟିତ ହୋଇଥିଲା । ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଉକ୍ତ ଉତ୍ସବକୁ ସରସ ଓ ସୁନ୍ଦର କରିବାରେ ବିଦ୍ୟାଳୟର କର୍ମଚାରୀ ବିଜୟ କୁମାର ସାହୁ, ପର୍ଶୁରାମ ଦାସ, ତପନ କୁମାର ପାତ୍ର, ଗୋପୀନାଥ ଦାଶଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀମାନେ ସହଯୋଗ କରିଥିଲେ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ ତମ ଜୟନ୍ତୀ ପାଳିତ



ବାଲେଶ୍ୱର, ୨୪/୧୨ (ନି.ପ୍ର): ବଟେଶ୍ୱରରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ନାମରେ ନାମିତ ଶ୍ରୀରାମଚନ୍ଦ୍ର ସଂସ୍କୃତ ମହାବିଦ୍ୟାଳୟରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ୧୫୩ ତମ ଜୟନ୍ତୀ ଲାବଣ୍ୟ ମହାନ୍ତିଙ୍କ ଅଧକ୍ଷତାରେ ପାଳିତ ହୋଇଯାଇଛି । ଜୟନ୍ତୀରେ ମୁଖ୍ୟଅତିଥି ଭାବେ ସୁପ୍ରବଚକ, ଜଗନ୍ନାଥ ସଂସ୍କୃତିର ଗବେଷକ ଓ 'ପ୍ରତିଶ୍ରୁତି' ପତ୍ରିକାର ସଂପାଦକ ପଣ୍ଡିତ ଭାଗବତ ପଣ୍ଡା ଯୋଗଦେଇ ମହାରାଜାଙ୍କ ସମାଗ୍ରିକ କୃତି, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ନ୍ୟାୟ, ଶିଳ୍ପ, ରେଳବାଇ, ସମବାୟ, ରାଜସ୍ୱ ଆଦି କ୍ଷେତ୍ରରେ ଅତୁଳନୀୟ ଅବଦାନର ଚିତ୍ର ପ୍ରଦାନ ସହ ସେ ସୁଶାସନରେ ସୁବର୍ଣ୍ଣ ଯୁଗର ପ୍ରବର୍ତ୍ତକ ଥିଲେ ବୋଲି ଅଭିହିତ କରିଥିଲେ । ସ୍ୱଳ୍ପ ଜୀବନ ଅବଧି ମଧରେ ମାହରାଜାଙ୍କ ଜୀବନ ଦୁଃଖମୟ ଥିଲେହେ ଉତ୍କଳମାତାର ସେବାରେ ତାଙ୍କର ଐକାନ୍ତିକ ନିଷ୍ଠା ତଙ୍କୁ ଚିର ଅମର କରି ରଖିବ ବୋଲି ବକ୍ତବ୍ୟରେ କହିଥିଲେ । ଡ. ନିରଞ୍ଜନ ଦାଶ ଅତିଥି ସ୍ୱାଗତ କରିଥିବା ବେଳେ ଅଧାପକ କମଳାକାନ୍ତ ଦାଶ ମହାରାଜାଙ୍କ କୃତିତ୍ୱର ସୂଚନା ପ୍ରଦାନ କରିଥିଲେ । ଅଧାପକ ଡ. ଶରତ ଚନ୍ଦ୍ର ମିଶ୍ର, ଡ. ଲକ୍ଷ୍ମଣ ଚରଣ ବିଶ୍ୱାଳ, ଡ. ସନ୍ଧ୍ୟାରାଣୀ ବେରା ଓ ଜିତେନ୍ଦ୍ର ପଲାଇ ଅଂଶ ଗ୍ରହଣ କରିଥିଲେ । ଶତାଧିକ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ ।

# ଚମ୍ପୁଆ ଶିଶୁ ବିଦ୍ୟା ମନ୍ଦିରରେ ୩୯ ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ଚମ୍ପୁଆ, ୨୪/୧୨ (ନି.ପ୍ର): ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୩୯ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି । ଏହି ବାର୍ଷିକ ଉତ୍ସବ ଅବସରରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ତହସିଲଦାର ଧର୍ମେନ୍ଦ୍ର ଶତପଥୀ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମାଜରେ ସର୍ବଦା ଦୁସ୍ଥ ଅବହେଳିତ ଲୋକମାନଙ୍କୁ ସାହାଯ୍ୟ କରିବାକୁ ପରାମର୍ଶ ଦେଇଥିଲେ । ସମ୍ମାନୀତ ଅତିଥି ଭାବେ ଚମ୍ପୁଆ ଆଇ.ଆଇ.ସି. ତ୍ରିନାଥ ସେଠୀ ଯୋଗଦେଇ ଶିଶୁ ବିଦ୍ୟା ମନ୍ଦିରକୁ ଏକ ମଣିଷ ତିଆରି ଅନୁଷ୍ଠାନ ଓ ଏଠାରେ ଛାତ୍ର ଛାତ୍ରୀ ମାନେ ଶୃଙ୍ଖଳିତ ଚରିତ୍ର ଶିକ୍ଷା ଲାଭ କରିଥାନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥି ଭାବେ ବକାରୋ ସେଲ ର ମେକାନିକାଲ ଇଞ୍ଜିନିୟର ଲକ୍ଷ୍ମଣ କୁମାର ବାରିକ ଯୋଗ ଦେଇ ପ୍ରତ୍ୟେକ କ୍ଷେତ୍ରରେ ସଫଳତା ହାସଲ କରିବାକୁ ହେଲେ ଶୃଙ୍ଖଳିତ ହେବା ସହିତ ଅଧିକ ପରିଶ୍ରମ କରିବାକୁ ଆହ୍ୱାନ କରିଥିଲେ । ମୁଖ୍ୟବକ୍ତା ଭାବେ ରାଷ୍ଟ୍ରଦୀପର ସମ୍ପାଦକ ଚିତରଞ୍ଜନ ମହାପାତ୍ର ଯୋଗଦେଇ ଭାରତୀୟ ପାରିବାରିକ ବ୍ୟବସ୍ଥା, ମାକୋଲେ ଶିକ୍ଷାନୀତି ଓ ଜାତୀୟ ଶିକ୍ଷାନୀତି ମଧ୍ୟରେ ପାର୍ଥକ୍ୟ ଦର୍ଶାଇଥିଲେ ତଥା ଶିଶୁ ବିଦ୍ୟା ମନ୍ଦିରର ଗୁରୁଜୀ ଗୁରୁମାଆ ମାନଙ୍କର ରାଷ୍ଟ୍ର ପ୍ରତି ସମର୍ପଣ ଭାବ ବିଷୟରେ ଉଦାହରଣ ମାଧ୍ୟମରେ ପ୍ରେରଣା ପ୍ରଦାନ କରିଥିଲେ।

## ବଣ୍ଡା ଛାତ୍ରୀ କର୍ମା ମୁଦୁଲିଙ୍କୁ ସମ୍ବର୍ଦ୍ଧନା

ମାଲକାନଗିରି, ୨୪/୧୨ (ନି.ପ୍ର): କର୍ମା ମୁଦୁଲି ଯୁକ୍ତ ତିନି ବାଣିଜ୍ୟ ସମ୍ମାନ ଛାତ୍ରୀ ସୁଦୂର ବଣ୍ଡା ଅଂଚଳରୁ ରମା ଦେବୀ ମହିଳା ବିଶ୍ୱ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରୀଙ୍କୁ ୪୩ ତମ ରାଜ୍ୟ ବାଣିଜ୍ୟ ସଂଘ ତରଫରୁ ସ୍ଥାନୀୟ ରମା ଦେବୀ ପ୍ରେକ୍ଷାଳୟ ଠାରେ ମୁଖ୍ୟ ଅତିଥି ଲିପ୍ସା ହଂସ, ପ୍ରତିଷ୍ଠାତା ତଥା ନାରୀ ଉଦ୍ୟୋଗୀ ଚାନ୍ଦି ଭଣ୍ଡାରଙ୍କ ଦ୍ୱାରା ପୁସ୍ତକ ଏବଂ ଆର୍ଥିକ ସହାୟତା ଦେଇ ସମ୍ମାନିତ କରାଯାଇଛି। ଏହି ସମ୍ବର୍ଦ୍ଧନା ଉତ୍ସବକୁ ମାଲକାନଗିରି ମହାବିଦ୍ୟାଳୟ ବାଣିଜ୍ୟ ବିଭାଗ ମୁଖ୍ୟ ତଥା ଓଡିଶା କମର୍ସ ସଂଘର ନିର୍ବାହୀ ସଭ୍ୟ ଡକ୍ଟର ରଞ୍ଜନ କୁମାର ସ୍ୱାଇଁଙ୍କ ସହାୟତାରେ ଏହି ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ରୂପେ ପ୍ରଫେସର ମଳୟ କୁମାର ମହାନ୍ତି, ସାଧାରଣ ସମ୍ପାଦକ ଡକ୍ଟର ସୁଧାଂଶୁ ଶେଖର ଦାସ, କାର୍ଯ୍ୟକାରୀ ସଭାପତି ମେଜର ଡକ୍ଟର ଏସ.ଏ. ତାହିର, ଡକ୍ଟର ମନ୍ମଥ ନାୟକ, ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଯୁଗ୍ମ ସମ୍ପାଦକ ଡକ୍ଟର ବିଶ୍ୱ ମୋହନ ଜେନା ଛାତ୍ରୀ କର୍ମା ମୁଦୁଲିଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଆସନ୍ତା ଦିନରେ ସେ କିପରି ଭଲ ପାଠ ପଢି କର୍ମ ନିଯୁକ୍ତି ପାଇ ପାରିବ ସେ ବିଷୟରେ ଛାତ୍ରୀ କର୍ମାଙ୍କୁ ଆଶୀର୍ବାଦ ସହିତ ପରାମର୍ଶ ଦେଇଛନ୍ତି। ବିଭାଗୀୟ ମୁଖ୍ୟ ଡକ୍ଟର ସାବତ କୁମାର ଡିଗଲ ମଧ ସାହାଯ୍ୟ କରିବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

## ପୂର୍ବତନ ବିଡ଼ିଓ ସିଲ୍‌ଭାନସ ଲାକ୍ରାଙ୍କୁ ୨ ବର୍ଷ ଜେଲ୍

ବଲାଙ୍ଗିର, ୨୪/୧୨ (ନି.ପ୍ର): ଆୟ ବର୍ହିଭୂତ ସମ୍ପତି ଠୁଳ ମାମଲାରେ ଆଜି ବଲାଙ୍ଗିର ଜିଲ୍ଲା ଆଗଲପୁର ବ୍ଲକର ପୂର୍ବତନ ବିଡ଼ିଓ ସିଲ୍‌ଭାନସ ଲାକ୍ରାଙ୍କୁ ୨ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି ବଲାଙ୍ଗିର ଭିଜିଲାନ୍ସ ସ୍ୱତନ୍ତ୍ର କୋର୍ଟର ବିଚାରପତି ମଳୟ ରଞ୍ଜନ ଦାସ । ଏଥିସହ ତାଙ୍କୁ ୫ ଲକ୍ଷ ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି କୋର୍ଟ। ଜୋରିମାନା ଅନାଦେୟ ତାଙ୍କୁ ୫ ମାସ ସଶ୍ରମ କାରାଦଣ୍ଡ ନିର୍ଦ୍ଦେଶ ହୋଇଛି । ସେ ଚାକିରୀ କାଳରେ ୧୯,୦୨, ୨୮୨ ଟଙ୍କାର ସମ୍ପତି ବେଆଇନ ଭାବେ ଠୁଳ କରିଥିଲେ । ଏହି ମାମଲାକୁ ପରିଚାଳନା କରିଥିଲେ ବଲାଙ୍ଗିର ଭିଜିଲାନ୍ସ ସ୍ପେଶିଆଲ ପବ୍ଲିକ ପ୍ରସିକ୍ୟୁଟର ଜୟକୃଷ୍ଣ ସାହୁ । ଚଳିତ ଡିସେମ୍ବର ମାସରେ ବଲାଙ୍ଗିର ଭିଜିଲାନ୍ସ ସ୍ପେଶାଲ କୋର୍ଟ ଅନ୍ୟ ତିନୋଟି ମାମଲାରେ ଭ୍ରଷ୍ଟାଚାରୀ ସରକାରୀ କର୍ମଚାରୀଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡିତ କରିଛନ୍ତି ।

# 'ତ୍ୟାଗ'ର ୧୦ କର୍ମଶାଳାରେ ମେଗା ରକ୍ତଦାନ ଶିବିର

ସମ୍ବଲପୁର, ୨୩ ଡିସେମ୍ବର (ହି ସ) - ଅଗ୍ରଣୀ ଅନୁଷ୍ଠାନ 'ତ୍ୟାଗ' ଓ ବୁର୍ଲା ଇନ୍ଦିରା କ୍ଲବର ମିଳିତ ଆନୁକୂଲ୍ୟରେ ଏକ ମେଗା ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ଏଥିରେ ଶତାଧିକ ସ୍ୱେଚ୍ଛାସେବୀ ରକ୍ତଦାନ କରିଥିଲେ । ରକ୍ତଦାନ ଜୀବନ ଦାନ ଓ ମହା ପୁଣ୍ୟ କରି କରାଇଲେ ଜୀବନ ଧନ୍ୟର ବାର୍ତା ଜନତାଙ୍କ ନିକଟରେ ପହଞ୍ଚାଇବା ପାଇଁ ବହୁ ସ୍ୱେଚ୍ଛାସେବୀ ପ୍ରଥମ କରି ରକ୍ତଦାନ କରିଥିଲେ । ବୁର୍ଲା ରକ୍ତ ଭଣ୍ଡାରରେ ଅନୁଷ୍ଠିତ ତ୍ୟାଗ ର ଏହି ଶିବିରକୁ ବରିଷ୍ଠ ନାଗରିକ ସମାଜସେବୀ ଦୃତିକୃଷ୍ଣ ପାଢ଼ୀ , ବରିଷ୍ଠ ସମାଜସେବୀକା ସୁଲୋଚନା ପାଢ଼ୀ ଉଭୟେ ଅତିଥି ରୂପେ ଯୋଗ ଦେଇ ଉଦ୍ଘାଟନ କରିଥିଲେ । ଉଭୟେ ବହୁ ରକ୍ତଦାତା, ସାମାଜିକ କର୍ମୀ, ସ୍ୱେଚ୍ଛାସେବୀ ଓ ବରିଷ୍ଠ ନାଗରିକଙ୍କୁ ପ୍ରଶଂସା ପତ୍ର ,ପ୍ରମାଣ ପତ୍ର ଦେଇ ସମ୍ମାନିତ କରିଥିଲେ! ଶିବିରରେ 'ରକ୍ତଦାନ ମହପୁଣ୍ୟ' ପ୍ରଚାର ପୁସ୍ତିକା ଓ 'ତ୍ୟାଗ' ର ୧୦ମ ଜାତୀୟ କର୍ମଶାଳା ପୁସ୍ତିକା ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଡାକ୍ତର ବ୍ରଜ ମିଶ୍ର, ଡାକ୍ତର ପ୍ରଦୀପ ମହାନ୍ତି, ଡାକ୍ତର ବି ବି ପଣ୍ଡା, ଡାକ୍ତର ଶ୍ରିବସ୍ତ ମହାପତ୍ର, ଡାକ୍ତର ଶୁଶାନ୍ତ କର, ଡାକ୍ତର ସଞ୍ଜୟ ପଟ୍ଟନାୟକ, ପ୍ରଫେସର ସଂଜତ କୁମାର ସାହୁ, ଡ ସରୋଜ ଦେବତା, ଡ ସନ୍ତୋଷ କାନୁନଗୋ, ଇ ଦିଗମ୍ବର ପାତ୍ର, ବରିଷ୍ଠ ନାଗରିକ ପ୍ରଶାନ୍ତ ମହାନ୍ତି, ବରିଷ୍ଠ ନାଗରିକ ଫକିର ରଣା, ବରିଷ୍ଠ ନାଗରିକ ଗୁଡ୍ଡୁ ଉତ୍ପଲ୍, ଅବସର ପ୍ରାପ୍ତ ବରିଷ୍ଠ ଶିକ୍ଷକ ହିମାଂଶୁ ଠାକୁର, ଗଗନ ଗଡନାୟକ ଓ ଯତୀନ୍ଦ୍ର ପଣ୍ଡା, ଭିନ୍ନକ୍ଷମ ରକ୍ତଦାତା ସଙ୍କର ମେହେଟା, ବିଶିଷ୍ଟ ରକ୍ତଦାତା ତପନ ବେହେରା, ମହିଳା ରକ୍ତଦାତା, ସାମ୍ବାଦିକ ବୁନୁ ପଣ୍ଡା, କୋବିଡ ବେଳେ ରକ୍ତଦାନ କରିଥିବା ବହୁ ରକ୍ତଦାତାଙ୍କୁ ତାଙ୍କ ସେବା ପାଇଁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ତ୍ୟାଗ ର ସଭାପତି ଦୁର୍ଗା ପାଢ଼ୀ ଏହି ଶିବିରରେ ନିଜ ୧୦୬ ତମ ରକ୍ତଦାନ ନିଜ ମାତା ପିତାଙ୍କ ଉପସ୍ଥିତିରେ କରିଥିଲେ । ସେ ରକ୍ତଦାନ କରିବା ସମୟରେ ତ୍ୟାଗର ବହୁ ସଭ୍ୟ ଉପସ୍ଥିତ ଥିଲେ ! ବୁର୍ଲା ରକ୍ତଭଣ୍ଡାରର ଅଧିକାରୀ ମାନେ ରକ୍ତ ସଂଗ୍ରହ କରିଥିଲେ । ରକ୍ତ ଭଣ୍ଡାରର କର୍ମଚାରିଙ୍କୁ ବି ପ୍ରଶଂସା ପତ୍ର ତ୍ୟାଗ ଓ ଇନ୍ଦିରା କ୍ଲବ ପକ୍ଷରୁ ପ୍ରଦାନ କରାଯାଇଥିଲା। ଶିବିରକୁ ପ୍ରଶାନ୍ତ ମହାନ୍ତି, ଦଶରଥ ଦାସ, ଲାଲୁ ବିଶ୍ୱାସ, ବିରଂଚି ମହାପାତ୍ର, ସରୋଜ ତ୍ରିପାଠୀ, ପ୍ରଦୀପ ପଣ୍ଡା, ଶିବ ସେଠି, ଶଙ୍କର ବଗର୍ତି, ବିକି ଶର୍ମା, ସଞ୍ଜୀବ ପଣ୍ଡା, ପ୍ରଭାକର ବେହେରା, ବାଦଲ ମେହେଟ୍ଟା, ସୁରିନ୍ଦର ସିଂ ପ୍ରମୁଖ ପରିଚାଳାନା କରିଥିଲେ ! ଶେଷରେ ବିରଂଚି ମହାପାତ୍ର ଧନ୍ୟବାଦ୍ ପ୍ରଦାନ କରିଥିଲେ । ଆୟୋଜିତ ରକ୍ତଦାନ ଉପରେ ତ୍ୟାଗ ପକ୍ଷରୁ ଅନୁଷ୍ଠିତ ହୋଇଯାଇଥିବା ୯ଟି ଜାତୀୟ ଅଧିବେଶନର ସର୍ବାଧିକ ଥର ଅଂଶ ଗ୍ରହଣ କରିଥିବା ପ୍ରତିନିଧି ମାନଙ୍କୁ ସ୍ୱତନ୍ତ୍ର ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ନେପାଲ, ବାଂଲାଦେଶ ଓ ଇଥୋପିଆର ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶଂସା ପତ୍ର ଅଧାପକ ସରୋଜ କୁମାର ତ୍ରିପାଠୀ ପାଠ କରିଥିଲେ ।

## କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ଆଇନ ସକାଶେ ସଚେତନତା ଶିବିର

ଜୟପୁର, ୨୪/୧୨ (ନି.ପ୍ର): ଜିଲ୍ଲା ଓ ଦୌରା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, କୋରାପୁଟ-ଜୟପୁର ସତ୍ୟ ନାରାୟଣ ମିଶ୍ରଙ୍କ ତତ୍ୱାବଧାନରେ ଆଜି "କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ଆଇନ" ସମନ୍ଧରେ ସରକାରୀ ଏ.ଏନ.ଏମ୍, ତାଲିମ କେନ୍ଦ୍ର ଜୟପୁର ଠାରେ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ହିସାବରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି, ଜୟପୁର ସୁମନ ଜେନା ଯୋଗଦେଇଥିଲେ. ଶିବିରରେ ଉପସ୍ଥିତ ଥିବା କର୍ମଚାରୀ ଏବଂ ଛାତ୍ରୀ ମାନଙ୍କୁ କହିଥିଲେ ଯେ, ସୁପ୍ରିମକୋର୍ଟ ୧୯୯୭ ରେ ବିଶାଖା ଗାଇଡ଼ଲାଇନ ନାମକ ନିର୍ଦ୍ଦେଶାବଳୀ କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯ୍ୟାତନା ଆଇନର ପୁନଃନିର୍ମାଣ ଅଧିନିୟମ,୨୦୧୩ ପାଇଁ ମୂଳଦୁଆ ପ୍ରଦାନ କରିଥିଲା। ଏହି ଆକ୍ଟ ଏବଂ ଭାରତ ସରକାର ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ଦ୍ୱାରା ନିର୍ମିତ ହ୍ୟାଣ୍ଡବୁକ୍ କର୍ମକ୍ଷେତ୍ରକୁ ପରିଭାଷିତ କରେ ତା ସହିତ ବିଭିନ୍ନ ବିଭିନ୍ନ ଧାରା ଓ ଏହାର କାର୍ଯ୍ୟକାରିତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସରକାରୀ ଏ.ଏନ.ଏମ୍ ତାଲିମ କେନ୍ଦ୍ର ର ପ୍ରିନ୍ସପାଲ ଶ୍ରୀମତୀ ସରଶ୍ୱତୀ ବେହେରା ଏବଂ ତାଲିମ କେନ୍ଦ୍ରର ଅନ୍ୟାନ୍ୟ ସହ କର୍ମୀବୃନ୍ଦ, ପାରା ଲିଗାଲ ସ୍ୱେଚ୍ଛାସେବୀ ସୋମନାଥ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର କର୍ମକର୍ତା ଦେବେନ୍ଦ୍ର କହଁର, ନିଳାଚଳ ପାଣିଗ୍ରାହୀ, ଦୁର୍ଜ୍ୟାଧନ ନାୟକ ଏବଂ ଶ୍ୟାମସୁନ୍ଦର ବାରିକ ଏହି ସଚେତନତା କାର୍ଯ୍ୟକ୍ରମଟିକୁ ସୂଚାରୁ ରୂପେ ସମ୍ପାଦନା କରିବାରେ ସମ୍ପୂର୍ଣ ସହଯୋଗ କରିଥିଲେ।

# ଫାଇଭ-ଟି ଅଧକ୍ଷଙ୍କ କୋରାପୁଟ ଜିଲ୍ଲା ଗସ୍ତ

ଜୟପୁର, ୨୪/୧୨ (ନି.ପ୍ର): ଫାଇଭ-ଟି ଅଧକ୍ଷ ଭି.କେ. ପାଣ୍ଡିଆନ ଶନିବାର କୋରାପୁଟ ଜିଲା ଗସ୍ତ କରିଥିଲେ । ପ୍ରଥମେ କୋରାପୁଟ ଠାରେ ଯୁବ ଓଡିଶା ଓ ନବୀନ ଓଡିଶା କାର୍ଜ୍ୟକ୍ରମରେ ଯୋଗଦେଇଥିଲେ । ପରେ ଜୟପୁର ନିର୍ବାଚନ ମଣ୍ଡଳି ପାଇଁ ଦଶହରା ପଡିଆ ଠାରେ ଆୟୋଜିତ ସ୍ୱତନ୍ତ୍ର କାଯ୍ୟକ୍ରମରେ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ। ମନ୍ଦିର, ମସଜିଦ, ଚର୍ଚ୍ଚ, କମ୍ୟୁନିଟି ହଲର ଦାବି ମୁଖ୍ୟମନ୍ତ୍ରୀ ୭ ଦିନ ଭିତରେ ପୁରଣ କରିବେ ବୋଲି ସୂଚନା ଦେଇଥିଲେ । ଭଲ କାମ କର ଯଦି ନିର୍ମାଣରେ ଅଧିକା ଟଙ୍କା ଦରକାର ପଡେ ତେବେ ମୁଖମନ୍ତ୍ରୀ ପୁଣି ଦ୍ୱିତିୟ କିସ୍ତି ଦେବେ ବୋଲି ସୂଚନା ଦେଇଥିଲେ । ମୁଖ୍ୟମନ୍ତ୍ରୀ ଯେଉଁ ଟଙ୍କା ଘୋଷଣା କରିବେ ତାହା ଲୋକଙ୍କ ଟଙ୍କା, ପ୍ରତ୍ୟେକ ଟଙ୍କାକୁ ନିଜର ଭାବି ସ୍ୱଛତା ସହକାରେ କାମ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଲୋକ ମାନଙ୍କ ସହ ସେ ସେଲଫି ନେଇ ହାତ ମିଶାଇ ଥିଲେ । ପରେ ଜୟପୁର ବିକ୍ରମ ଦେ କଲେଜ ବିଶ୍ୱବିଦ୍ୟାଳୟ ହେବା, ଜିଲା ଚିକିତ୍ସାଳୟ ଜୟପୁରକୁ ଆସିବା, ଜଗନ୍ନାଥ ସାଗରର ବିକାଶ, ସମସ୍ତ ମନ୍ଦିରର ବିକାଶ କରାଯାଇଥିବା ସୂଚନା ଦେଇଥିଲେ । ସମସ୍ତ ପଂଚାୟତରେ ବ୍ୟାଙ୍କ ସୁବିଧା ଖୁବ ଶିଘ୍ର ହେବ ବୋଲି ଅଧକ୍ଷ ପାଣ୍ଡିଆନ ସୂଚନା ଦେଇଥିଲେ । ଅବିଭକ୍ତ କୋରାପୁଟ ଜିଲା ବାସୀଙ୍କୁ ବ୍ରହ୍ମପୁର ଯିବାକୁ ପଡୁଥିଲା। ଛାତ୍ର ଛାତ୍ରୀ ବହୁ ଖର୍ଚ୍ଚାନ୍ତ ହେଉଥିଲେ । ତେଣୁ ବିକ୍ରମ ଦେବ କଲେଜକୁ ବିଶ୍ୱବିଦ୍ୟାଳୟ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ । ଜିଲାକୁ ଲକ୍ଷ୍ମୀ ବସ ଯୋଜନା, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା କରାଯାଇଛି । ଜଗନ୍ନାଥ ସାଗର ପାଇ ୨୦ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଜୟପୁର ସ୍ଥିତ ଜିଲା ହସପିଟାଲକୁ ଫାଇଭ-ଟିରେ ରୂପାନ୍ତରିତ କରାଯାଇଛି । ବର୍ତମାନ ଶହେ କୋଟି ଟଙ୍କା ବିନିମୟରେ ହସପିଟାଲ କାର୍ଯ୍ୟ ଚାଲିଛି । ନବିନ ଓଡିଶା ଗଠନ ପାଇ ମୁଖ୍ୟମନ୍ତ୍ରୀଙ୍କ ହାତ ମୁଠାକୁ ଟାଣ କରିବାକୁ ଅନୁରୋଧ ସେ କରିଥିଲେ । ଏଠାରେ ଫାଇଭ-ଟି ଅଧକ୍ଷଙ୍କ ସହ କୋରାପୁଟ ଜିଲାପାଳ ଅବଦୁଲ ମହମ୍ମଦ ଆକ୍ତର, ଏସପି ଅଭିନବ ସୋନାକାର, ଜୟପୁର ଉପ ଜିଲାପାଳ ପ୍ରଭାତ କୁମାର ପରିଡା, ଏସଡିପିଓ ହରିସ ବିସି, ବିଡିଓ ଶକ୍ତି ମହାପାତ୍ର ଏବଂ ପ୍ରଶାସନିକ ଅଧିକାରି ଉପସ୍ଥିତ ଥିଲେ । ବିଜେଡିର ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ସଭାପତି ଝିନ ହିକକ ,ପୁବତନ ମନ୍ତ୍ରୀ ରବି ନାରାୟଣ ନନ୍ଦ, ସୁବାସ ରାଉତ,ଅନୁପ ପାତ୍ର, ସୂର୍ଯ୍ୟ ନାରାୟଣ ରଥ, ବାଲା ରାୟ, ଦୁର୍ଗା ମିଶ୍ର, ବିନ୍ଦୁ ରାଣି ମିଶ୍ର. ଇନ୍ଦିରା ନନ୍ଦ ସହ ଜୟପୁର ନିବାଚନ ମଣ୍ଡଳିର ଜୟପୁର ବ୍ଲକ, ସହର, ବୋରିଗ୍ମାର ବିଜେଡି କର୍ମି ଓ ନେତା ମାନେ ଉପସ୍ଥିତ ଥିଲେ । ପରେ ଜୟପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ କୋରାପୁଟ, ନବରଙ୍ଗପୁର, ମାଲକାନଗିରି ୯ଟି ନିର୍ବାଚନ ମଣ୍ଡଳିକୁ ନେଇ ବୈଠକ ଅନୁଷ୍ଠିତ ହୋଇଥିଲା । ବୈଠକରେ ଫାଇଭ-ଟି ଅଧକ୍ଷ ଭି.କେ. ପାଣ୍ଡିଆନ ଯୋଗଦେଇ ଅଭିଯୋଗ ପତ୍ର ଗ୍ରହଣ କରିଥିଲେ । ବିଜେଡି ବିକାଶ ଉପରେ ସୂଚନା ଦେଇଥିଲେ ।

# ବଡଦିନ ପ୍ରଭୁ ଯୀଶୁଙ୍କ ଜନ୍ମୋତ୍ସବ



ଆଚାର୍ଯ୍ୟ ଡାଃ. ବ୍ରଜକାନ୍ତ ସିଂ

ସର୍ବ ପ୍ରଥମେ ସମସ୍ତଙ୍କୁ ବଡଦିନର ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭେଚ୍ଛା ।

ବାସ୍ତବିକ୍ ଡିସେମ୍ବର ୨୫ ତାରିଖ ବଡଦିନ ସମସ୍ତଙ୍କ ନିମନ୍ତେ ଅତ୍ୟନ୍ତ ଆନନ୍ଦ ଓ ଉଲ୍ଲାସର ଦିନ । ଏହି ଦିନକୁ ଲୋକମାନେ ଧର୍ମ ନିର୍ବିଶେଷରେ ଅତି ଆନନ୍ଦରେ ପାଳନ କରନ୍ତି । ବିଶେଷ କରି ଖ୍ରୀଷ୍ଟିୟ ସମ୍ପ୍ରଦାୟର ଲୋକମାନେ ଗୀର୍ଜାଗୃହକୁ ଯାଇ ଯୀଶୁଙ୍କ ଆରାଧନା ଉପାସନା କରନ୍ତି । ହଁ ଚଳିତ ବର୍ଷ କରୋନା ମହାମାରୀ ସକାଶେ ପୂର୍ବ ବର୍ଷଗୁଡିକ ଅପେକ୍ଷା ଏହି ବର୍ଷ ବଡଦିନ ପାଳନରେ କିଛିଟା ପ୍ରଭାବ ପଡିଛି । ବଡଦିନ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ଜନ୍ମଦିନ ଭାବରେ ପାଳନ କରାଯାଇଥାଏ । ଯୀଶୁଖ୍ରୀଷ୍ଟଙ୍କୁ ଖ୍ରୀଷ୍ଟିୟାନ ଧର୍ମଶାସ୍ତ୍ର ପବିତ୍ର ବାଇବଲରେ ଈଶ୍ୱରଙ୍କ ପୁତ୍ର ବୋଲି ପ୍ରକାଶ କରାଯାଇଛି । ଈଶ୍ୱରଙ୍କ ପୁତ୍ର ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମନୁଷ୍ୟ ଭାବରେ ଜଗତରେ ଜନ୍ମ ହେବାର ବାଇବଲ ଭିକ ତାତ୍ପର୍ଯ୍ୟ ତଥା ଖ୍ରୀଷ୍ଟ ବିଶ୍ୱାସ ଉପରେ ସମ୍ୟକ୍ ଆଲୋକପାତ କରିବା ।

ଯୀଶୁଖ୍ରୀଷ୍ଟ ଜଗତରେ ଜନ୍ମ ହେବାର କାରଣଗୁଡିକ ପବିତ୍ର ବାଇବଲରେ ଅତି ସ୍ପଷ୍ଟ ଭାବରେ ପ୍ରକାଶ କରାଯାଇଛି । ଯୀଶୁଖ୍ରୀଷ୍ଟ କୁମାରୀ ମରୀୟମଙ୍କ ଗର୍ଭରୁ ଜନ୍ମ ନେଲେ । ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ହେବାର କାରଣଗୁଡିକ ମଧ୍ୟରୁ ପ୍ରମୁଖକାରଣ ହେଲା - ପାପରେ ପତିତ ମାନବଜାତିକୁ ପରିତ୍ରାଣ ବା ମୁକ୍ତି ବା ମୋକ୍ଷ ଦେବା ନିମନ୍ତେ ମନୁଷ୍ୟ ହୋଇ ଜନ୍ମଧାରଣ କଲେ । ମନୁଷ୍ୟକୁ ଈଶ୍ୱର ଆପଣା ପ୍ରତିମୂର୍ତ୍ତି ଓ ସାଦୃଶ୍ୟରେ ନିର୍ମାଣ କରିଛନ୍ତି । ମାତ୍ର ମନୁଷ୍ୟ ତାହାର ପାପକର୍ମ ଦ୍ୱାରା ଈଶ୍ୱରଙ୍କ ଗୌରବରହିତ ହୋଇଛନ୍ତି । ପାପର ବେତନ ମୃତ୍ୟୁ । ପବିତ୍ର ବାଇବଲରେ ଲେଖାଯାଏ, କାରଣ ଈଶ୍ୱର ଜଗତକୁ ଏଡେ ପ୍ରେମ କଲେ ଯେ, ସେ ଆପଣା ଅଦ୍ୱିତୀୟ ପୁତ୍ରଙ୍କୁ ପ୍ରେରଣ କଲେ, ଯେପରି ଯେକେହି ତାହାଙ୍କଠାରେ ବିଶ୍ୱାସ କରେ, ସେ ବିନଷ୍ଟ ନ ହୋଇ ଅନନ୍ତଜୀବନ ପ୍ରାପ୍ତ ହୁଏ । ଯେଣୁ ଜଗତର ବିଚାର କରିବା ନିମନ୍ତେ ଈଶ୍ୱର ଆପଣା ପୁତ୍ରଙ୍କୁ ପ୍ରେରଣ ନ କରି, ଜଗତ ଯେପରି ତାହାଙ୍କ ଦ୍ୱାରା ପରିତ୍ରାଣ ପ୍ରାପ୍ତ ହୁଏ, ଏଥିପାଇଁ ତାହାଙ୍କୁ ସେ ପ୍ରେରଣ କଲେ । ଯୀଶୁଖ୍ରୀଷ୍ଟ କ୍ରୁଶରେ ମାନବଜାତିର ପରିତ୍ରାଣ ବା ଉଦ୍ଧାର ନିମନ୍ତେ ବିନା ଦୋଷରେ ସ୍ୱଇଚ୍ଛାରେ ଆପଣାକୁ ବଳି ଦେଇ ତାଙ୍କ ରକ୍ତ ଝରାଇ ଏହି ପରିତ୍ରାଣର କାର୍ଯ୍ୟ କରିଥିଲେ, ଯାହା ଏହି ଘଟଣାକୁ ଆମେ ଗୁଡ୍ ଫ୍ରାଇଡେ ଦିନ ସ୍ମରଣ କରିଥାଉ । ଯୀଶୁ କହିଲେ, ମୁଁ ଜଗତର ବିଚାର କରିବାକୁ ନ ଆସି ବରଂ ଜଗତକୁ ପରିତ୍ରାଣ କରିବାକୁ ଆସିଅଛି । କାରଣ ମୁଁ ଆପଣାଠାରୁ କିଛି କହି ନାହିଁ, ମାତ୍ର ମୁଁ କଅଣ କହିବି ଓ କଅଣ ବ୍ୟକ୍ତ କରିବି, ତାହା ମୋହର ପ୍ରେରଣକର୍ତ୍ତା ପିତା ମୋତେ ଆଜ୍ଞା ଦେଇଅଛନ୍ତି ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମର ଆଉ ଏକ କାରଣ ହେଲା - ଅନ୍ଧକାର ଜୀବନରେ ଆଲୋକ ପ୍ରଦାନ କରିବା । ଜଗତର ଲୋକମାନେ ଜ୍ୟୋତିଃ ଅପେକ୍ଷା ବରଂ ଅନ୍ଧକାରକୁ ଭଲ ପାଇଲେ, ଯେଣୁ ସେମାନଙ୍କର କର୍ମସବୁ ମନ୍ଦ । ଯେକେହି



କୁକର୍ମ କରେ, ସେ ଜ୍ୟୋତିଃକି ଘୃଣା କରେ, ପୁଣି କାଳେ ତାହାର କର୍ମର ଦୋଷ ପ୍ରକାଶିତ ହୁଏ, ଏଥିପାଇଁ ସେ ଜ୍ୟୋତିଃ ନିକଟକୁ ଆସେ ନାହିଁ । କିନ୍ତୁ ଯେକେହି ସତ୍ୟ ଆଚରଣ କରେ, ସେ ଜ୍ୟୋତିଃ ନିକଟକୁ ଆସେ, ଯେପରି ତାହାର କର୍ମସବୁ ଈଶ୍ୱରଙ୍କଠାରେ ସାଧିତ ବୋଲି ପ୍ରକାଶିତ ହୁଏ । ଯେ ଅନ୍ଧକାରରେ ଗମନାଗମନ କରେ, ସେ କେଉଁଠାକୁ ଯାଉଅଛି, ତାହା ଜାଣେ ନାହିଁ । ରଙ୍ଗରସ ଓ ମତ୍ତତା, ଲମ୍ପଟତା ଓ କାମୁକତା, ବିବାଦ ଓ ଈର୍ଷା ଆଦି କୁକର୍ମ ବା ପାପକୁ ବାଇବଲରେ ଅନ୍ଧକାରର କର୍ମ ବୋଲି ପ୍ରକାଶ କରାଯାଇଛି । ସମସ୍ତ ପ୍ରକାର ଛଳ ଓ ଧୂର୍ତ୍ତତାରେ ପରିପୂର୍ଣ୍ଣ, ସମସ୍ତ ପ୍ରକାର ଧାର୍ମିକତାର ଶତ୍ରୁକୁ ଶୟତାନର ସନ୍ତାନ ବୋଲି କୁହାଯାଏ । ଯେ ପାପ କରେ, ସେ ଶୟତାନରୁ ଜାତ, କାରଣ ଶୟତାନ ଆରମ୍ଭରୁ ପାପ କରିଆସୁଅଛି । ଶୟତାନର କାର୍ଯ୍ୟ ବିନାଶ କରିବା ଉଦ୍ଦେଶ୍ୟରେହିଁ ଈଶ୍ୱରଙ୍କ ପୁତ୍ର ପ୍ରକାଶିତ ହେଲେ । ଜ୍ୟୋତିଃ ଅନ୍ଧକାରରେ ଜାଜ୍ଜଲ୍ୟମାନ ହୁଏ । ଯୀଶୁଖ୍ରୀଷ୍ଟ ଜଗତର ଜ୍ୟୋତିଃ ଅଟନ୍ତି । ସେ ଲୋକମାନଙ୍କୁ ଶିକ୍ଷା ଦେଇ କହିଲେ, ମୁଁ ଜଗତର ଜ୍ୟୋତିଃ; ଯେ ମୋହର ଅନୁଗମନ କରେ, ସେ କେବେ ହେଁ ଅନ୍ଧକାରରେ ଭ୍ରମଣ କରିବ ନାହିଁ, ବରଂ ଜୀବନର ଜ୍ୟୋତିଃ ପାଇବ । ତୁମ୍ଭେମାନେ ଅନ୍ଧକାରର ସନ୍ତାନ ନ ହୋଇ ଆଲୋକର ସନ୍ତାନ ହୁଅ ।

ଯୀଶୁଖ୍ରୀଷ୍ଟଙ୍କ ଜନ୍ମ ଯେପରି ଆଶ୍ଚର୍ଯ୍ୟ, ସେହିପରି ତାହାଙ୍କ କାର୍ଯ୍ୟ ଓ ଶିକ୍ଷା ମଧ୍ୟ ଆଶ୍ଚର୍ଯ୍ୟ ଅଟେ । ମନୁଷ୍ୟକୁ ଆତ୍ମାରେ ବିଶ୍ରାମ ବା ପ୍ରକୃତ ଆନନ୍ଦ ପ୍ରାପ୍ତର ଆବଶ୍ୟକ । ଯେଉଁ ବ୍ୟକ୍ତି ମନ୍ଦକାର୍ଯ୍ୟରେ ଲିପ୍ତ, ବିଭିନ୍ନ ବିଷୟରେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଥାଏ । ତାହାର ଜୀବନରେ ବିଶ୍ରାମ କିଅବା ଶାନ୍ତି କିଅବା ଆନନ୍ଦ ନ ଥାଏ । ପ୍ରଭୁ ଯୀଶୁ କହିଲେ, ହେ ପରିଶ୍ରାନ୍ତ ଓ ଭାରଗ୍ରସ୍ତ ଲୋକ ସମସ୍ତେ, ମୋ ନିକଟକୁ ଆସ, ମୁଁ ତୁମ୍ଭମାନଙ୍କୁ ବିଶ୍ରାମ ଦେବି । ମୋହର ଜୁଆଳି ଆପଣା ଆପଣା ଉପରେ ଘେନ, ପୁଣି ମୋ ନିକଟରୁ ଶିଖ, କାରଣ ମୁଁ ମୃଦୁଶୀଳ ଓ ନମ୍ରଚିତ । ଆଉ ତୁମ୍ଭେମାନେ ଆପଣା ଆପଣା ଆତ୍ମାରେ ବିଶ୍ରାମ ପାଇବ ।

ଆଜି ପ୍ରାୟତଃ ପରିବାର ମଧ୍ୟରେ କିଅବା କାର୍ଯ୍ୟ କ୍ଷେତ୍ରରେ ମଧ୍ୟ ଆନନ୍ଦ ନ ଥାଏ । ଫଳରେ ବ୍ୟକ୍ତିଗତ ଜୀବନ, ପାରିବାରିକ ଜୀବନ ଓ କର୍ମମୟ ଜୀବନ ଆନନ୍ଦରହିତ ହୋଇ ଅବସାଦରେ ପୂର୍ଣ୍ଣ ଅଟେ । ପରିବାର ଓ କାର୍ଯ୍ୟକ୍ଷେତ୍ରରେ ପ୍ରେମର ସ୍ଥିରତା ନ ଥିବା ସକାଶେ ଆନନ୍ଦ ଉଭେଇ ଯାଏ । ଅଧର୍ମ ବୃଦ୍ଧି ପାଇଲେ ପ୍ରେମ ଶୀତଳ ହୁଏ । କିନ୍ତୁ ପ୍ରେମ ହିତଜନକ, ପ୍ରେମ ଅନୁଚିତ୍ ବ୍ୟବହାର କରେ ନାହିଁ, ପ୍ରେମ ଈର୍ଷା କରେ ନାହିଁ, ପ୍ରେମ ସ୍ୱାର୍ଥ ଚେଷ୍ଟା କରେ ନାହିଁ, ପ୍ରେମ ସମସ୍ତ ସହ୍ୟ କରେ, ପ୍ରେମ ସମସ୍ତ ବିଷୟରେ ଧୈର୍ଯ୍ୟ ଧରି ରହେ, ପ୍ରେମ ଅଧର୍ମରେ ଆନନ୍ଦ କରେ ନାହିଁ, କିନ୍ତୁ ସତ୍ୟରେ ଆନନ୍ଦ କରେ । ଯୀଶୁଙ୍କୁ ପ୍ରେମିକ ଯୀଶୁ କୁହାଯାଏ । କାରଣ ସେ ପ୍ରତ୍ୟେକଙ୍କୁ ନିସର୍ତ୍ତ ପ୍ରେମ କରନ୍ତି । ଯୀଶୁଙ୍କ ଶିକ୍ଷା ଏକ ଭିନ୍ନ ବା ସ୍ୱତନ୍ତ୍ର ତଥା ଈଶ୍ୱରୀୟ ଶିକ୍ଷା ଅଟେ । ସେ ତାଙ୍କର ଶିଷ୍ୟମାନଙ୍କୁ ଏକ ଭରସାର ବାକ୍ୟ ଦେଇଥିଲେ, ତୁମ୍ଭମାନଙ୍କ ଦୁଃଖ ଆନନ୍ଦରେ ପରିଣତ ହେବ । ସେ କୁହନ୍ତି ପରସ୍ପରକୁ ପ୍ରେମ କର । ଏପରିକି ନିଜ ଶତ୍ରୁକୁ ମଧ୍ୟ ପ୍ରେମ କର । ଯେଉଁମାନେ ତୁମ୍ଭମାନଙ୍କୁ ଘୃଣା କରନ୍ତି, ସେମାନଙ୍କର ମଙ୍ଗଳ କର । ଯେଉଁମାନେ ତୁମ୍ଭମାନଙ୍କୁ ଅଭିଶାପ ଦିଅନ୍ତି, ସେମାନଙ୍କୁ ଆଶୀର୍ବାଦ କର; ଯେଉଁମାନେ ତୁମ୍ଭମାନଙ୍କୁ ଅପମାନ କରନ୍ତି, ସେମାନଙ୍କ ନିମନ୍ତେ ପ୍ରାର୍ଥନା କର । ଯେ ତୁମ୍ଭକୁ ଗୋଟିଏ ଗାଲରେ ଚାପୁଡା ମାରେ, ତାହା ପ୍ରତି ଅନ୍ୟ ଗାଲ ମଧ୍ୟ ଦେଖାଇ ଦିଅ । ପ୍ରେମରେ ପ୍ରତିଶୋଧ ବିଷୟକ ନ ଥିବା ଦ୍ୱାରା ଶତ୍ରୁତା ନ ବଢି ମିତ୍ରତା ବୃଦ୍ଧି ହୁଏ ଓ ସମସ୍ୟା ଜଟିଳ ଆଡକୁ ନ ଯାଇ ସମାଧାନ ହୋଇଯାଏ । କାରଣ ପ୍ରେମରେ ଆନନ୍ଦ ଥାଏ । ଈଶ୍ୱର ତ ପ୍ରେମ ।

+ସି-୩, ସିଦ୍ଧି ବିହାର, ଜାଗମରା,
ଭୁବନେଶ୍ୱର - ୭୫୧୦୩୦
ମୋ: ୭୩୮୧୮୧୭୮୧୮

# ବଙ୍ଗୀୟ ସାହିତ୍ୟରେ ବଡ଼ ଦିନର ଚିତ୍ର



ଡକ୍ଟର ଲକ୍ଷ୍ମଣ ସାହୁ

ସାରା ବିଶ୍ୱରେ ପ୍ରାୟତଃ ସମସ୍ତେ ବଡ଼ ଦିନ ପାଳନ କରନ୍ତି । ଅନ୍ୟ ଅର୍ଥରେ କହିଲେ ତାହା ହେଉଛି 'ବିଗ୍ ଡେ' ଅର୍ଥ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ । ଏହି ଦିନ ପାଲେଷ୍ଟାଇନର ବେଥଲେହମରେ ଯୀଶୁ ଖ୍ରୀଷ୍ଟ ଏକ ଗୋରୁ ଗୁହାଳର ମେଣ୍ଢାଶାଳରେ ଜନ୍ମଗ୍ରହଣ କରିଥିଲେ । ସେବେଠାରୁ ଖ୍ରୀଷ୍ଟିଆନମାନେ ଏହି ଦିନକୁ ଖ୍ରୀଷ୍ଟମାସ ଭାବରେ ପାଳନ କରି ଆସୁଛନ୍ତି । ଦେଢ଼ ହଜାର ବର୍ଷରୁ ଅଧିକ ସମୟ ଧରି ବିଗ୍ ଡେ ପାଳନ ହୋଇଆସୁଛି । ଏହି ଦିନଟିକୁ ଦେଶରେ ଅନେକ ସ୍ଥାନର ବଡ ଆନନ୍ଦ ଉଲ୍ଲାସର ସହିତ ପାଳନ କରାଯାଏ । ସାଣ୍ଟା କ୍ଲଜ୍, ଖ୍ରୀଷ୍ଟମାସ ଗଛ, ହାଲୁକା ସାଜସଜ୍ଜା, ଉପହାର, ପିଠା, ବୁଲିବା, ମଜାଳିଆ ଖାଦ୍ୟ, ଚର୍ଚ୍ଚରେ ପ୍ରାର୍ଥନା ଓ ପ୍ରିୟଜନଙ୍କ ଉପସ୍ଥିତି ସମ୍ପୂର୍ଣ୍ଣ ଆନନ୍ଦରେ ବିତାଇଥିବା ଦିନ । କୁହାଯାଏ ଏହା ଖ୍ରୀଷ୍ଟିଆନମାନଙ୍କର ମୁଖ୍ୟ ଧାର୍ମିକ ପର୍ବ । 'ଖ୍ରୀଷ୍ଟମାସ' ଶବ୍ଦଟିକୁ ଅନୁଧ୍ୟାନ କଲେ ବୋଧହୁଏ ପ୍ରଥମେ ବଙ୍ଗୀୟ କବି ଈଶ୍ୱର ଚନ୍ଦ୍ର ଗୁପ୍ତାଙ୍କ ଦ୍ୱାରା ବ୍ୟବହୃତ ହୋଇଥିଲା । କାରଣ କବି ଈଶ୍ୱରଚନ୍ଦ୍ର ଗୁପ୍ତା 'ଖ୍ରୀଷ୍ଟମାସ'କୁ କେନ୍ଦ୍ର କରି ଅନେକ କବିତା ରଚନା କରିଛନ୍ତି । 'ବଡଦିନ' ଶୀର୍ଷକ କବିତାରେ ସେ ଲେଖିଛନ୍ତି, 'ଯଦିଓ ଆମେ ହିନ୍ଦୁମାନଙ୍କର ସନ୍ତାନ । ଖ୍ରୀଷ୍ଟମାସ ଶୁଭ, ଖ୍ରୀଷ୍ଟିଆନମାନେ ସମାନ ଅଟନ୍ତି । ' ଅନ୍ୟ ଏକ 'ଖ୍ରୀଷ୍ଟମାସ' କବିତାରେ ସେ ଇଂରାଜୀ ଭଦ୍ରବ୍ୟକ୍ତି ସମାଜ, 'ଖ୍ରୀଷ୍ଟଙ୍କ ଜନ୍ମ, ଖ୍ରୀଷ୍ଟମାସ ନାମ' ଚିତ୍ରଣ କରିଥିଲେ । ସୁଖରେ ପରିପୂର୍ଣ୍ଣ ଶୁଭକାମନା ସହ ଶୁଭେଚ୍ଛା ବାର୍ତ୍ତା ଓ ନୂତନ ବର୍ଷ ଆଗମନର ସ୍ୱତନ୍ତ୍ର ସ୍ୱାଗତ ବାର୍ତ୍ତା ବନ୍ଧୁ, ପାରିବାରିକ ଆତ୍ମୀୟଙ୍କ ସହ ବଣ୍ଟନ କରାଯାଏ ।

କବି ଈଶ୍ୱରଚନ୍ଦ୍ର ଗୁପ୍ତା ତାଙ୍କ କବିତା 'ଖ୍ରୀଷ୍ଟମାସ'ରେ ଯୀଶୁ ଖ୍ରୀଷ୍ଟ ଓ କୃଷ୍ଣଙ୍କ ତୁଳନା କରି ଏକ ଚମତ୍କାର ଚିତ୍ର ଆଙ୍କିଛନ୍ତି । ' କ୍ୟାଥୋଲିକ୍, ପାର୍ଟି ସମସ୍ତେ ପ୍ରେମରେ ପଡ଼ିଛନ୍ତି । ଶିଶୁ ଯୀଶୁ ଦୌଡୁଛନ୍ତି, ମରିୟମଙ୍କ କୋଳରେ ଦୁନିଆର ଅନୁପମ ରୂପ, ମନୋଲୋଭା ଦୃଶ୍ୟ । ଯେମିତି କି କୃଷ୍ଣ ଯଶୋଦାଙ୍କ ବାହୁରେ ଅଛନ୍ତି । ଏଭଳି ଅପରୂପ ମନଲୋଭା ଶୋଭା ଏଠାରେ ଯଶୋଦା ସହ ମରିୟମ ଓ କୃଷ୍ଣଙ୍କୁ ଯୀଶୁଙ୍କ ସହିତ ତୁଳନା କରିଛନ୍ତି । ନାଜରିତର ଯୀଶୁ, ବିଦେଶୀ ଇଂରାଜୀମାନଙ୍କର ଯୀଶୁ ଓ ମରିୟମ, ବଙ୍ଗାଳୀ ଭାଷାଭାଷୀ ଲୋକମାନଙ୍କର ଆତ୍ମା ଏକ ହୋଇଗଲେ ।

ବିଶିଷ୍ଟ ଖ୍ୟାତ ସଂପନ୍ନ କବି କାଜୀ ନାଜରୁଲ ଇସଲାମ ତାଙ୍କ କବିତା ମାଧ୍ୟମରେ ଯୀଶୁ ଖ୍ରୀଷ୍ଟ ଓ ଖ୍ରୀଷ୍ଟମାସ ନାମକୁ ଆଲୋକିତ କରିଛନ୍ତି । ତାଙ୍କ ବିଷୟ ବଂଶୀ ପୁସ୍ତକରେ 'ସତ୍ୟ-ମନ୍ତ୍ର' କବିତାରେ ଖ୍ରୀଷ୍ଟ ନାମକୁ ଉଚ୍ଚାରଣ କରାଯାଇଛି । ସେ ଦର୍ଶାଇଛନ୍ତି 'ଖ୍ରୀଷ୍ଟ ବୁଦ୍ଧଙ୍କୁ ଜାଣିଥିଲେ କୃଷ୍ଣ , ମହମ୍ମଦ ଓ ରାମ ମଣିଷ କ'ଣ ଏବଂ ତାଙ୍କର ମୂଲ୍ୟ କ'ଣ ? 'ସେ ପ୍ରଳୟା-ଶିଖା କବିତା ର ନମସ୍କାର କରିଲେଖିଥିଲେ, 'କିନ୍ତୁ ମୂକ ଧରଣୀର ପିଲାଟି ହସୁଛି । ହେ ପବିତ୍ର, ନୂତନ ଯୀଶୁ ଗୋଟିଏ ପାର୍ଶ୍ୱକୁ ଗଲେ । ' ଚନ୍ଦ୍ରବିନ୍ଦୁରେ 'ଭାରତକେ ଜାହା ଫାୟଲେନ' କବିତାରେ ପୁସ୍ତକରେ ଲେଖିଛନ୍ତି - 'ଯୀଶୁ ଖ୍ରୀଷ୍ଟଙ୍କର ସେହି ଇଚ୍ଛା ନାହିଁ / ଆମକୁ କଣ କରିବାକୁ କୁହନ୍ତୁ / ମୁଁ ଯାହା ମାଗିଥିଲି ତା'ଠାରୁ ଅଧିକ ଦେଇଥିଲେ । ଭାରତ ସହିତ ମିଶ୍ରଣକୁ ନେଇ 'ବଡଦିନ' ଶୀର୍ଷକ କବିତାରେ ସେ ଅସମାନତା ବିରୋଧରେ ଲେଖିଥିଲେ । ବଡ ଲୋକଙ୍କ 'ଖ୍ରୀଷ୍ଟମାସ' ଚାଲିଗଲା, ଆମର ଦିନ କମ୍, ଆମେ ରାତି ବିତାଇବାକୁ ଚାହୁଁନାହୁଁ, ଭୋକ ହେତୁ ଉଠ । କ୍ଷୟ ଏବଂ ମର, ହାୟ, ଡିସେମ୍ବର ପଚିଶ / ପ୍ରିୟ ଖ୍ରୀଷ୍ଟଙ୍କୁ କେତେ ସମ୍ମାନ ଦିଆଯାଏ । ଆପଣ ଭାବିଛନ୍ତି କି / ମେଣ୍ଢା ଶିଶୁର କୋଳରେ ଭୟଭୀତ ବ୍ୟକ୍ତିର ପ୍ରତୀକ ଚୂର୍ଣ୍ଣକୁ ? ଆଜି ଲୋକଙ୍କ ଦୁଃଖ ଦେଖି ଯୀଶୁ କେଉଁଠାରେ ନା କେଉଁଠି କାନ୍ଦୁଛନ୍ତି ' ।'

ତାଙ୍କର ପ୍ରସିଦ୍ଧ କବିତା 'ଦାରିଦ୍ର୍ୟ'ରେ ସେ ଦାରିଦ୍ର୍ୟର ପ୍ରଶଂସା କରିବାରେ ଯୀଶୁ ଖ୍ରୀଷ୍ଟଙ୍କ ଅନୁକରଣକୁ ଉଦ୍ଦିଷ୍ଟ କରିଥିଲେ । 'ହେ ଦାରିଦ୍ର, ତୁମେ ମୋତେ ମହାନ କରିଛ / ତୁମେ ମୋତେ ଖ୍ରୀଷ୍ଟଙ୍କ ସମ୍ମାନ ପ୍ରଦାନ କରିଛ / କଣ୍ଟକ ମୁକୁଟରେ ସଜ୍ଜିତ କରିଛ । ' ନାଜରୁଲ ତାଙ୍କ କବିତା 'ବାରଙ୍ଗନା'ରେ ମାତା ମରିୟମଙ୍କ ମାତୃତ୍ୱର ପ୍ରଶଂସା ଗାନ କରିଥିଲେ । ଏଠାରେ ସେ ମାତା ଅହଲ୍ୟା ଓ ମାତା ମରିୟମଙ୍କ ସମାନତା ଆଙ୍କିଛନ୍ତି - ' ମୁନି ହୋଲୋ ଶୁନି ସତ୍ୟକମ୍ ସେ ଜାରଜା ଜବାଲା ଶିଶୁ । '
ପ୍ରିୟ ଯୀଶୁଙ୍କ ଅଦ୍ଭୁତ ଜନ୍ମ ! ଯଦି ଅହଲ୍ୟା ମୁକ୍ତି ପାଆନ୍ତି ନାହିଁ, ତେବେ ମରିୟମ ଜଣେ ଦେବୀ ହୋଇପାରନ୍ତି, ତୁମେ କାହିଁକି ପୂଜା ବିମଳ ସତ୍ୟ ସେବି ହୁଅ ନାହିଁ ? ' ଗୀତର ଯାଦୁଗର ସତ୍ୟେନ୍ଦ୍ରନାଥ ଦତ୍ତ ତାଙ୍କ 'କବିତା' ଶୀର୍ଷକ କବିତାରେ ନିଃସ୍ୱାର୍ଥପର ପ୍ରେମ ବିଷୟରେ ଦର୍ଶାଇଛନ୍ତି- 'ତେଣୁ ଆମେ ତୁମର ଜନ୍ମଦିନ ଖ୍ରୀଷ୍ଟମାସ ରଖିଲୁ । ଯାହାର ମହାନ ଆତ୍ମା ଓ ଉତ୍ତମ ହୃଦୟ ଅଛି, ସେ ସ୍ମରଣରେ ନିଃସ୍ୱାର୍ଥପର । ଆମେ ତମକୁ ଭଲପାଉ, ଆମେ ତମକୁ ଉପାସନା କରୁ, ଆମେ ଅଣ-ଖ୍ରୀଷ୍ଟିଆନ, ତମ ସହିତ ଯୋଗ ଦିଅ ଯେ ଏହି ଏସିଆ ଅଛି, ନାଡ ଅଛି । ' କବି ଜିବାନାନନ୍ଦ ଦାସଙ୍କ କବିତା 'ଆଜ'ରେ ଆମେ ଖ୍ରୀଷ୍ଟମାସର ଏକ ଭିନ୍ନ ଦିଗ ଦେଖିବାକୁ ମିଳେ । ସେ କହିଥିଲେ ' ଈଶ୍ୱରଙ୍କ ପୁତ୍ରଙ୍କ ଛାତିରେ କ୍ରୁଶ ଅଛି, ସେ କେବଳ ଯନ୍ତ୍ରଣା ଜାଣନ୍ତି, କ୍ରୁଶରେ ଥିବା ଏକମାତ୍ର ଯନ୍ତ୍ରଣା । ଏହି ହୃଦୟରେ କ୍ରୁଶର କାଠ ଧରିବାକୁ ପ୍ରେମ ନାହିଁ, ପାପର ହାତରୁ କୌଣସି ପରିତ୍ରାଣ ଚାହୁଁ ନାହିଁ !

ଖ୍ରୀଷ୍ଟମାସର ଅନେକ ଚିତ୍ର କବି ରବୀନ୍ଦ୍ରନାଥ ଟାଗୋରଙ୍କ ରଚନାରେ ଦେଖାଯାଏ । ତାଙ୍କର ପୁନର୍ବାର କବିତା 'ଶିଶୁ ତିର୍ଥ'ରେ ଶିଶୁ ଯୀଶୁଙ୍କ ପ୍ରତିମୂର୍ତ୍ତୀ ଚିତ୍ରିତ ହୋଇଛି । 'ମା ଖଟ ଉପରେ ବସିଛନ୍ତି, ତାଙ୍କ ପିଲା ତାଙ୍କ କୋଳରେ, ଉଷାଙ୍କ କୋଳରେ ତାରା ପରି । ସେ ଉଚ୍ଚ ସ୍ୱରରେ ମନୁଷ୍ୟକୁ, ନବଜାତ ଶିଶୁକୁ, ଅନନ୍ତକାଳ ପର୍ଯ୍ୟନ୍ତ ବିଜୟ ଘୋଷଣା କଲେ । 'ସେ ପୁନର୍ବାର



'ମାନବପୁତ୍ର' କବିତାରେ ଲେଖିଥିଲେ, 'ଯେଉଁ ଦିନ ମୃତ୍ୟୁ ପରେ ସୃଷ୍ଟି ଖ୍ରୀଷ୍ଟ ଅନାହତଙ୍କ ପାଇଁ ମୃତ୍ୟୁ ପାତ୍ରେ ନିଜର ମୃତ୍ୟୁହୀନ ଜୀବନକୁ ବଳିଦାନ ଦେଇଥିଲେ, ସେହି ଦିନଠାରୁ ଅନେକ ବର୍ଷ ବିତିଯାଇଛି । ଆଜି ସେ ଥରେ ନିତ୍ୟଧାମରୁ ମର୍ତ୍ତ୍ୟଧାମକୁ ଓହ୍ଲାଇ ଦେଖିଲେ ଯେ ସେତେବେଳେ ମଧ ଲୋକମାନେ ସମସ୍ତ ପାପ ଦ୍ୱାରା ଆହତ ହୋଇଥିଲେ । ରବୀନ୍ଦ୍ରନାଥଙ୍କ 'ଖ୍ରୀଷ୍ଟ' ପ୍ରବନ୍ଧଗୁଡ଼ିକ 'ଯୀଶୁ ଚରିତ୍ର' 'ମାନବ ସମ୍ପର୍କର ଭଗବାନ' 'ଖ୍ରୀଷ୍ଟିଆନ ଧର୍ମ' 'ଖ୍ରୀଷ୍ଟ ପର୍ବ' 'ଖ୍ରୀଷ୍ଟମାସ' ଓ 'ଖ୍ରୀଷ୍ଟ' ଯୀଶୁ ଖ୍ରୀଷ୍ଟଙ୍କ ବିଭିନ୍ନ ଦିଗରୁ ଆଲୋକିତ କରିଛନ୍ତି । 'ଯୀଶୁ ଚରିତ୍ର' ପ୍ରବନ୍ଧରେ ସେ ଲେଖିଛନ୍ତି- 'ସେ ତୁମକୁ ମନୁଷ୍ୟପୁତ୍ର ବୋଲି କହିଥିଲେ । ମନୁଷ୍ୟପୁତ୍ର କିଏ ବୋଲି ସେ ପ୍ରକାଶ କରିଛନ୍ତି । ସେ ଅମୃତର ପୁତ୍ର ବୋଲି କହିଛନ୍ତି ।

ତେଣୁ ସେ ଦର୍ଶାଇଛନ୍ତି ଯେ ଲୋକଙ୍କ ମାନବିକତା ସାମ୍ରାଜ୍ୟର ଅପାରଗତା କିମ୍ବା ରୀତିନୀତିରେ ନାହିଁ । କିନ୍ତୁ ଏହା ସତ୍ୟ ଯେ ଭଗବାନ ମନୁଷ୍ୟରେ ପ୍ରକାଶିତ ହୁଅନ୍ତି । ମାନବ ସମାଜରେ ଠିଆ ହୋଇ ସେ ଈଶ୍ୱରଙ୍କୁ ପିତା ବୋଲି ଡାକିଲେ । ତେଣୁ ଈଶ୍ୱରଙ୍କ ପୁତ୍ର ଭାବରେ ମନୁଷ୍ୟ ସମସ୍ତଙ୍କ ଅପେକ୍ଷା ମହାନ୍, ସାମ୍ରାଜ୍ୟର ରାଜା ଭାବରେ ନୁହେଁ । ' ସେ ଲେଖିଛନ୍ତି, 'ଏହି ପୁତ୍ର ମନୁଷ୍ୟକୁ ଜଣେ ମହାନ ବ୍ୟକ୍ତି ଭାବରେ ଦେଖିଛନ୍ତି । ତେଣୁ ସେ ମନୁଷ୍ୟକୁ ଯନ୍ତ୍ର ଭାବରେ ଦେଖିବାକୁ ଚାହାଁନ୍ତି ନାହିଁ । ଅନ୍ୟପକ୍ଷରେ 'ଖ୍ରୀଷ୍ଟିଆନ ଧର୍ମ' ପ୍ରବନ୍ଧରେ ସେ କହିଛନ୍ତି ଯେ ଯିଏ ବଡ଼, ସେ ପ୍ରେମୀ ।

ଖ୍ରୀଷ୍ଟମାସ ବିଷୟରେ କହିବାବେଳେ ଏହାକୁ 'ଖ୍ରୀଷ୍ଟମାସ' କୁହାଯାଏ । ପ୍ରବନ୍ଧରେ ସେ ଲେଖିଛନ୍ତି, ' ଆଜି ତାଙ୍କର ଜନ୍ମଦିନ, ମୁଁ କ୍ୟାଲେଣ୍ଡରର ତାରିଖ ଅନୁଯାୟୀ ଏହା ବିଷୟରେ କହିବି କି ? ଯେଉଁ ଦିନ ହୃଦୟରେ ଧରାଯାଏ ନାହିଁ ସେହି ଦିନଟି ହେଉଛି କ୍ରମାନୁସାରେ ବୁଝିବା ? ସେଦିନ ମୁଁ ସତ୍ୟର ନାମ ଡାକିଲି, ଯେଉଁ ଦିନ ମୁଁ ଲୋକମାନଙ୍କୁ ପ୍ରକୃତ ପ୍ରେମର ସହିତ ଭାଇ ବୋଲି କହିପାରେ, ସେହି ଦିନ ପିତାଙ୍କ ପୁଅ ଆମ ଜୀବନରେ ଜନ୍ମ ହୋଇଥିଲେ, ସେହି ଦିନ ଖ୍ରୀଷ୍ଟମାସ ଯାହା ବି ଆସେ । ସେହି ଖ୍ରୀଷ୍ଟମାସ ଦିନ ନିଜକୁ ପରୀକ୍ଷା କରିବାର ଦିନ, ନିଜକୁ ନମ୍ର କରିବାର ଦିନ । ' ସେ ତାଙ୍କର 'ଗୀତାଞ୍ଜଳି', 'ତାଇ ତୋମାର ଆନନ୍ଦ ଅମର' ପ୍ୟାର, ତୁଇ ତାଇ ଅଜହ ଡାଉନ୍ 'ର ଏକ କବିତା କିମ୍ବା ଗୀତରୁ' ଖ୍ରୀଷ୍ଟୋତ୍ସଭା 'ପ୍ରବନ୍ଧ ଆରମ୍ଭ କରିଥିଲେ । ଯଦି ଏହା ମୋ ପାଇଁ ହୋଇନଥାନ୍ତା, ତ୍ରିଭୂଷଣେଶ୍ୱର, ତୁମର ପ୍ରେମ ଏକ ବିଶୃଙ୍ଖଳା ହୋଇଥାନ୍ତା । '

ରବୀନ୍ଦ୍ରନାଥ ଟାଗୋର କେବଳ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ 'ଖ୍ରୀଷ୍ଟମାସ' ବିଷୟରେ ଲେଖି ନାହାଁନ୍ତି । ବରଂ ସେ ଯେଉଁଆଡେ ଗଲେ ଦେଶ ତଥା ବିଦେଶରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ 'ଖ୍ରୀଷ୍ଟମାସ'କୁ ପାଳନ କରିଥିଲେ । ୧୯୧୦ ଖ୍ରୀଷ୍ଟାବ୍ଦରେ, ସେ ଶାନ୍ତି ନିକେତନ ଆଶ୍ରମରେ ପ୍ରଥମ ଖ୍ରୀଷ୍ଟମାସ ପର୍ବର ଆୟୋଜନ କରିଥିଲେ । ସେବେଠାରୁ 'ବଡଦିନ' ' ଅର୍ଥାତ୍ ବାର୍ଥ ଡେ ୨୫ଡିସେମ୍ବରରେ ଆଜି ପର୍ଯ୍ୟନ୍ତ ପାଳନ କରାଯାଇଆସୁଛି । ୨୫ ଡିସେମ୍ବର ସନ୍ଧ୍ୟାରେ, ଶାନ୍ତିନିକେତନଙ୍କ ମନ୍ଦିରରେ ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ ପାଳନ କରାଯାଇଥିଲା । ଯୀଶୁ ଖ୍ରୀଷ୍ଟ ପ୍ରାର୍ଥନା ସଂଗୀତ, ନାମ ଜପ ଓ ବାଇବେଲ ପଢାଯାଏ । ଧ୍ୟାନ ପରେ ସମସ୍ତେ ନିଜ ହାତରେ ଦୀପ ଜାଳି ଏକତ୍ରିତ ହୁଅନ୍ତି । କବି ଜିବାନନ୍ଦ ଦାସଙ୍କ କବିତା 'ଆଜ'ରେ ଆମେ ଖ୍ରୀଷ୍ଟମାସର ଏକ ଭିନ୍ନ ଦିଗ ଦେଖିଛନ୍ତି । ସେଠି ଈଶ୍ୱରଙ୍କ ପୁଅର ଛାତିରେ କ୍ରୁଶ ଅଛି, ସେ କେବଳ ଯନ୍ତ୍ରଣା ଜାଣନ୍ତି, ସେଠାରେ କେବଳ ଯନ୍ତ୍ରଣା ଅଛି ! ଏହି ହୃଦୟରେ କ୍ରୁଶର କାଠ ଧରିବାକୁ ପ୍ରେମ ନାହିଁ, ପାପର ହାତରୁ କୌଣସି ପରିତ୍ରାଣ ଚାହାନ୍ତି ନାହିଁ । କ୍ରସ୍, ତୁମେ ମୋର ଉତ୍ତାପ, ଥଣ୍ଡା, ନାଜରିତୀୟ, ଏହି ଘୃଣ୍ୟ ?

ଖ୍ରୀଷ୍ଟମାସ ପ୍ରସଙ୍ଗ ନେଇ କବି ସେଲିନା ହୋସେନଙ୍କ ଲେଖାରେ ମଧ ଆସିଛି । ସେ ଯୀଶୁଙ୍କ ଜନ୍ମର କାହାଣୀକୁ 'ନାଜରିତର' କାହାଣୀରେ 'ମିତୁର ନୀଳପଦ୍ମ'ର କାହାଣୀରେ ବର୍ଣ୍ଣନା କରିଥିଲେ । ସେ ଲେଖିଛନ୍ତି, 'ନାଜରିତରେ ଆନନ୍ଦ କର, ଆଜି ଅମର ପୁତ୍ରର ଜନ୍ମଦିନ । ହେ ନାଜରିତର ଲୋକମାନେ, ଆନନ୍ଦ କର, ଯୋଷେଫ ଓ ମରିୟମଙ୍କୁ ଏହି ପାହାଡ ସହରରେ ଥରେ ଦେଖିଥିଲ । ' ଡିସେମ୍ବର ୨୫ ହେଉଛି ଏକ ଦିନ, ଯେଉଁମାନେ ଶ୍ରୀ ରାମକୃଷ୍ଣ ଭାବନାରେ ବିଶ୍ୱାସ କରନ୍ତି । ଟାଗୋରଙ୍କ ତ୍ୟାଗ ପରେ ସ୍ୱାମୀ ବିବେକାନନ୍ଦ ଏବଂ ତାଙ୍କର ବାରଜଣ ଶିଷ୍ୟ ଆଣ୍ଟପୁରକୁ ଆସିଥିଲେ । ସେମାନେ ନିଜେ ଖ୍ରୀଷ୍ଟମାସ ପୂର୍ବରୁ ରାତିରେ ଧୂପ ଜଳାଇ ସାନିଆଙ୍କୁ ନେଇଥିଲେ । ସ୍ୱାମୀ ବିବେକାନନ୍ଦ ଖ୍ରୀଷ୍ଟିଆନ ଧର୍ମର ପାପ ଏବଂ ନର୍କର ଶିକ୍ଷା ଗ୍ରହଣ କରିପାରନ୍ତି ନାହିଁ । ଲୋକମାନଙ୍କୁ ଭୟଭୀତ କରିବା ପାଇଁ ଏଗୁଡ଼ିକ ପ୍ରକୃତରେ ଧର୍ମଗୁରୁ ମାନଙ୍କ ଦ୍ୱାରା ସୃଷ୍ଟି । କିନ୍ତୁ ବିଭିନ୍ନ ବକ୍ତବ୍ୟରେ ସେ ଈଶ୍ୱରଙ୍କ ଦ୍ୱାରା ପ୍ରେରିତ, ଦୟା ଓ ବଳିଦାନର ଉଦାହରଣ ଭାବରେ ଖ୍ରୀଷ୍ଟଙ୍କ ପ୍ରତି ତାଙ୍କର ଗଭୀର ସମ୍ମାନ ପ୍ରକାଶ କରିଥିଲେ - କହିଥିଲେ ଯେ ଯଦି ଯୀଶୁ ଉପସ୍ଥିତ ଥାଆନ୍ତେ ତେବେ ସେ ଲୁହରେ ନୁହେଁ ବରଂ ନିଜ ରକ୍ତରେ ପାଦ ଧୋଇଥାନ୍ତେ ।

ଭଉଣୀ ନିବେଦିତା ଶ୍ରୀମା ସାରଦା ରେ ମାତା ମରିୟମଙ୍କ ରୂପ ଦେଖିଥିଲେ । ଶ୍ରୀରାମକୃଷ୍ଣ-ବୃତ୍ତ ସୂତ୍ର ଅନୁସରଣ କରି ବଙ୍ଗୀୟ ସମାଜରେ ଯୀଶୁଙ୍କ ଏକ ସ୍ନେହପୂର୍ଣ୍ଣ, ଉଦାର ଚିତ୍ର ଲୋକପ୍ରିୟ ହେଲା । ରବୀନ୍ଦ୍ରନାଥଙ୍କ ଦୃଷ୍ଟିରେ ଯୀଶୁ ମାନବିକତାର ଜଣେ ମହାନ ନେତା ଭାବରେ ଦେଖାଯାଏ । ତାଙ୍କ ଶବ୍ଦରେ ଯଦି ଆମେ ଯୀଶୁଙ୍କ ଚରିତ୍ର ବିଷୟରେ ଆଲୋଚନା କରିବା, ସେଠି ଆମେ ଦେଖିବା ଯେ ଯେଉଁମାନେ ମହାନ ଆତ୍ମା, ସେମାନେ ସତ୍ୟକୁ ଅତି ସରଳ ଭାବରେ ସମସ୍ତ ଜୀବନର ସାମଗ୍ରୀ ଭାବରେ ଦେଖନ୍ତି । ସେମାନେ କୌଣସି ନୂତନ ପଦ୍ଧତି, କୌଣସି ବାହ୍ୟ ପଦ୍ଧତି, କୌଣସି ଅଜବ ଧାରଣା ପ୍ରଚାର କରନ୍ତି ନାହିଁ । ସେ ଅତି ସରଳ ଭାବରେ କହିଛନ୍ତି ବାହ୍ୟ ଆଚରଣ ନୁହେଁ, କିନ୍ତୁ ହୃଦୟର ସହିତ ପ୍ରେମ କରିବାକୁ ।

ଯୀଶୁ ମନୁଷ୍ୟର ହୃଦୟର ପବିତ୍ରତାରେ ଈଶ୍ୱରଙ୍କୁ ଖୋଜିବା ବିଷୟରେ କହିଥିଲେ, ଫମ୍ପା ଶୋ'ର ଉପାସନାରେ ନୁହେଁ । ଏହି କଥାରେ ରବୀନ୍ଦ୍ରନାଥ ଗଭୀର ଭାବରେ ଅନୁପ୍ରାଣିତ ହୋଇଥିଲେ । 'ଏହିପରି ଭାବରେ ଯୀଶୁ ଲୋକମାନଙ୍କ ହୃଦୟରେ ସ୍ୱର୍ଗରାଜ୍ୟ ଦେଖାଇଥିଲେ । ଏପରିକି ମଣିଷଙ୍କୁ ବଡ଼ କରିବା ଶିଖାଇଥିଲେ ।

କବିଗୁରୁ ଶାନ୍ତିନିକେତନରେ ପୌଷମେଳା ସହ ଖ୍ରୀଷ୍ଟମାସ ପର୍ବକୁ ସଂଯୋଗ କରିଥିଲେ । ଯୀଶୁଙ୍କ ପ୍ରତି ଗଭୀର ସମ୍ମାନ ହେତୁ ସେ 'ମନୁଷ୍ୟପୁତ୍ର', 'ଶିଶୁତୀର୍ଥ' ଭଳି କବିତା ଲେଖିଥିଲେ । ୨୪ ଡିସେମ୍ବର ୧୯୩୯ ରେ ଖ୍ରୀଷ୍ଟ-ଉତ୍କଳ ଅବସରରେ ସେ 'ଏକଦିନ୍ ଜାରା ମେରେଚେଲ ତାରେ ଗାଏ' ଗୀତ ରଚନା କରିଥିଲେ । ପରଦିନ ସେହି ଗୀତଟି ଶାନ୍ତିନିକେତନ ଠାରେ ଖ୍ରୀଷ୍ଟମାସ ମହୋତ୍ସବରେ ଗାନ କରାଯାଇଥିଲା । ସେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଭୟାବହତା ଦ୍ୱାରା କବିଙ୍କ ମନ ପ୍ରାୟତଃ ଭାରକ୍ଲାନ୍ତ ହୋଇ ପଡିଥିଲା । ଯେଉଁମାନେ ଯୀଶୁଙ୍କୁ କ୍ରୁଶରେ ଚଢାଇଲେ, ସେମାନେ ସେହି ଯୁଗରେ କ୍ଷମତା ଲୋଭି ଭୋକିଲା ଯୋଦ୍ଧା ଭାବରେ ଉଭା ହୋଇଛନ୍ତି । ଏହି ବିବୃତ୍ତି ଗୀତକୁ କେବଳ ଖ୍ରୀଷ୍ଟମାସ ଆନୁଷ୍ଠାନିକ ମନୋବଳଠାରୁ ଅନ୍ୟ ଏକ ଦିଗ ଦେଇଥାଏ । ଗୀତଗୁଡିକ 'ଆଜି ଶୁଭଦିନେ' କିମ୍ବା 'ସକାତରେ ଓଇ କାନ୍ଦିଛେ' ଖ୍ରୀଷ୍ଟିଆନ ଗୀତ ନୁହେଁ ବରଂ ବ୍ରହ୍ମ ସଂଗୀତ ଭାବରେ ଲେଖା ହୋଇଛି । କିନ୍ତୁ ସେସବୁ ସର୍ବୋପରି ପରମ ଈଶ୍ୱରଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ । ଏହି ପୂଜା ଗୀତଗୁଡ଼ିକରେ ଅନେକ ଖ୍ରୀଷ୍ଟିଆନ ଚିନ୍ତାଧାରା ଭରି ରହିଛି ।

ରବୀନ୍ଦ୍ରନାଥଙ୍କ ଜୀବନରେ ଏକ ବିଶେଷ ଘଟଣା ଏହି ପ୍ରସଙ୍ଗରେ ଉଲ୍ଲେଖ କରାଯିବା ଉଚିତ୍ ନୁହେଁ । କବି ଲଣ୍ଡନରେ ଥିଲେ । ଦିନେ ସନ୍ଧ୍ୟାରେ ରୋଟେନଷ୍ଟାଇନଙ୍କ ଘରୁ ଫେରିବା ବାଟରେ ତପନମୋହନ ଚଟ୍ଟୋପାଧ୍ୟାୟ କଫି ପାଇଁ 'ଜନ୍' ନାମକ ଜଣେ ସ୍ଥାନୀୟ ଦୋକାନୀଙ୍କ ଷ୍ଟଲକୁ 'ଗୁରୁଦେବ'ଙ୍କୁ ନେଇଥିଲେ । ବିଳମ୍ବିତ ରାତି ହୋଇଯାଇଥିଲା । ଷ୍ଟଲ୍, ରାସ୍ତାଗୁଡ଼ିକ ପ୍ରାୟ ଜନଶୂନ୍ୟ । ଦୂରରୁ 'ଗୁରୁଦେବ' ଆସୁଥିବାର ଦେଖି ଜନ୍ ଭୂମିରେ ଆଣ୍ଠୁମାଡି ବସିଥିଲେ । ତାଙ୍କ ଦୁଇ ହାତ ଏକାଠି ଯୋଡିଦେବା । ଏହାକୁ ଅସହଜ ଅନୁଭବ କରି କବି ଶୀଘ୍ର ସେଠାରୁ ଚାଲିଗଲେ । ପରେ ସେ ( ଜନ୍) ତପନମୋହନଙ୍କୁ କହିଥିଲେ, ଚାଟାର୍ଜୀ ମୋ ଜୀବନ ଆଶୀର୍ବାଦପ୍ରାପ୍ତ , ଦୟାଳୁ ପ୍ରଭୁ ଯୀଶୁ ଖ୍ରୀଷ୍ଟ ଆଜି ଦୂରରୁ ମୋତେ ଦେଖା କରିଛନ୍ତି । ('ସ୍ମୃତିରଙ୍ଗ')

ତାରାଶଙ୍କରଙ୍କ ଉପନ୍ୟାସରେ 'ସପ୍ତପଦୀ', 'କାନ୍ନା', କୃଷ୍ଣେନ୍ଦୁ, ଯିଏ କି ବେଳେବେଳେ ସନ୍ନ୍ୟାସୀ , ମାନବପ୍ରେମୀ ଚାଣକ୍ୟ ଖ୍ରୀଷ୍ଟଙ୍କ ପ୍ରତୀକ ହୋଇଥିଲେ, ବେଳେବେଳେ ବଙ୍ଗୀୟ ଖ୍ରୀଷ୍ଟିଆନ ପିତା ଯିଏ ଅନାଥ ପିଲାମାନଙ୍କୁ ଆଶ୍ରୟ ଦେଇଥିଲେ । ସେହିପରି ସୁବୋଧ ଘୋଷଙ୍କ 'ପାନିପଥର ଚତୁର୍ଥ ଯୁଦ୍ଧ'ରେ ଖ୍ରୀଷ୍ଟ ନିମ୍ନମାନର ଲୋକଙ୍କ ଆଶା ପାଲଟିଛନ୍ତି - ରନୁ ହୋରୋ କହିଛନ୍ତି ଯେ ସେମାନଙ୍କର' ବିର୍ସା ଭଗବାନ୍ 'ଦୃଶ୍ୟ ଯୀଶୁ ଖ୍ରୀଷ୍ଟଙ୍କ ଶିକ୍ଷା ଥିଲା । ଲୈଳା ମଜୁମଦାର କାହାଣୀରେ, ଜଣେ ମଧ୍ୟବିତ୍ତ ଖ୍ରୀଷ୍ଟିଆନ ନର୍ସ ଏକ ହିନ୍ଦୁ ପରିବାର ପରିତ୍ୟକ୍ତ ଶିଶୁକୁ ଉଠାଇ ମାତୃତ୍ୱର ସ୍ୱାଦ ପାଇ କହନ୍ତି - ଆଜି ଯୀଶୁ ଆମ ଘରକୁ ଆସିଛନ୍ତି ! ନରେନ୍ଦ୍ରନାଥ ଚକ୍ରବର୍ତ୍ତୀଙ୍କ କବିତାରେ ଉଲ୍ଲେଖ କରାଯାଇଥିବା ଟ୍ରାଫିକକୁ ବନ୍ଦ କରି ରାଜପଥ । ରାସ୍ତାର ପିଲା 'କଲିକତାର ଯୀଶୁ' ଅତିକ୍ରମ କରେ.. !

ବାସ୍ତବରେ ବଙ୍ଗଳା ସାହିତ୍ୟରେ ଖ୍ରୀଷ୍ଟୀୟ ଉପାସନାର ଚମତ୍କାର ଦାର୍ଶନିକ ଚିନ୍ତନ ଦେଖିବାକୁ ମିଳେ ଯାହା ଅବର୍ଣ୍ଣନୀୟ... ! ! !

+ଅଧକ୍ଷ, ମହାନଦୀବିହାର ମହିଳା ସ୍ନାତକ ମହାବିଦ୍ୟାଳୟ , କଟକ -୪
ମୋ: ୯୦୪୦୧୫ ୧୪୭୫

ଧ୍ୱନି ପ୍ରତିଧ୍ୱନି
୪
ବାଲେଶ୍ୱର
୨୫ ଡିସେମ୍ବର ୨୦୨୩, ସୋମବାର

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସଂଶୋଧନ ଓ ଦୃଷ୍ଟିକୋଣ...

ଅତୀତର ଅପରାଧିକ ଆଇନକୁ କବର ଦିଆଯାଇ ସାରିଛି ବୁଧବାର ଦିନ- ସଂସଦରେ ତିନିଗୋଟି ନୂଆ ଅପରାଧିକ ଆଇନ ଅଣାଯିବା ପରେ । ଏ ଖବର ଜାଣିବା ପରେ ପ୍ରତି ଭାରତୀୟ ନାଗରିକ ଖୁସିରେ ଅଧୀର ହେବା ଏକ ସ୍ୱାଭାବିକ କଥା । ଭାରତରେ ଅପରାଧିକ ଆଇନକୁ ନିୟନ୍ତ୍ରଣ କରୁଥିବା ବ୍ରିଟିଶ ଯୁଗର ତିନିଗୋଟି ଆଇନ- ଭାରତୀୟ ପେନାଲ କୋଡ୍ (ଆଇପିସି),୧୮୬୦; କୋଡ୍ ଅଫ୍ କ୍ରିମିନାଲ ପ୍ରୋସିଡ୍ୟୁରର, ୧୯୭୩ (ମୌଳିକ ରୂପରେ ଯାହା ୧୮୯୮ରେ ପ୍ରଣୀତ ହୋଇଥିଲା); ଏବଂ ଭାରତୀୟ ପ୍ରମାଣ ଆଇନ, ୧୮୭୨ର ସ୍ଥାନକୁ ବର୍ତ୍ତମାନ ଯଥାକ୍ରମେ ତିନିଗୋଟି ନୂଆ ଆଇନ- ଭାରତୀୟ ନ୍ୟାୟ ସଂହିତା (ବିଏନ୍ସ), ୨୦୨୩; ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍ଏସ୍ଏସ୍),୨୦୨୩; ଏବଂ ଭାରତୀୟ ସାକ୍ଷ୍ୟ ସଂହିତା (ବିଏସ୍),୨୦୨୩ ଗ୍ରହଣ କରିବାକୁ ଯାଉଛି । ତେବେ ଯେ କୌଣସି ବ୍ୟକ୍ତି, ଯିଏକି ଗଣତନ୍ତ୍ରର ତିଷ୍ଠି ରହିବାରେ ତାଙ୍କର କିଛି ଭୂମିକା ରହିଛି ବୋଲି ବିଶ୍ୱାସ କରନ୍ତି, ସେ କ୍ୱଚିତ୍ କେନ୍ଦ୍ର ଗୃହମନ୍ତ୍ରୀ, ଯିଏ ସଂସଦରେ ଏହି ତିନିଗୋଟି ଯାକ ନୂଆ ବିଲ୍ ଅତ୍ୟନ୍ତ ଉତ୍ସାହିତ ହୋଇ ଉପସ୍ଥାପନ କରିଥିଲେ, ତାଙ୍କ ଉତ୍ସାହରେ ଭାଗିଦାର ହୋଇଥିବା ଅନୁଭବ କରିଥିବେ, ଏମିତିକି ସଦନ ତାଙ୍କ ଦ୍ୱାରା ଉପସ୍ଥାପିତ ବିଲ୍‌କୁ ଗ୍ରହଣ କରିବା ପୂର୍ବରୁ ତାଙ୍କୁ ପଚରା ଯାଇଥିବା ପ୍ରଶ୍ନର ଉତ୍ତରରେ ତାଙ୍କ ଦ୍ୱାରା ଦିଆଯାଇଥିବା ଅନେକ କିଛି ଆଶ୍ୱାସନା ସତ୍ତ୍ୱେ । ଗୃହ ବ୍ୟାପାର ଉପରେ ଗଠିତ ସଂସଦୀୟ ଷ୍ଟାଣ୍ଡି କମିଟି, ଯାହା ବିଲ୍‌ଗୁଡ଼ିକୁ ଭଲ ଭାବରେ ଅଧ୍ୟୟନ କରି ପ୍ରତ୍ୟେକଟି ଧାରାର ପୁଙ୍ଖାନୁପୁଙ୍ଖ ଯାଞ୍ଚ କରିବା ନିମନ୍ତେ ଏକ ସମ୍ପ୍ରସାରିତ ସମୟ ଅବଧି ମଧ୍ୟରେ ଏହାକୁ ରଖିବାକୁ ବାଧ, ତାହା କରିବା ନିମନ୍ତେ ବିରୋଧୀ ସଦସ୍ୟମାନଙ୍କ ଦ୍ୱାରା ଅନୁରୋଧ କରାଯିବା ସତ୍ତ୍ୱେ ସେଥିପ୍ରତି କର୍ଣ୍ଣପାତ କରାଯାଇ ନଥିଲା। ପରବର୍ତ୍ତୀ ସମୟରେ ଗୃହମନ୍ତ୍ରୀ ଘୋଷଣା କରିଥିଲେ ଯେ ଅଗଷ୍ଟ ମାସରେ ଯେଉଁ ବିଲ୍‌ଗୁଡ଼ିକ ଉପସ୍ଥାପିତ କରାଯାଇଥିଲା, ସେଗୁଡ଼ିକୁ ପ୍ରତ୍ୟାହାର କରି ନିଆଯାଇଛି ଏବଂ ତା' ସ୍ଥାନରେ ଉପସ୍ଥାପନ କରାଯାଉଥିବା ନୂଆ ବିଲ୍‌ଗୁଡ଼ିକରେ ପରିସର ବିଶେଷଜ୍ଞ ଏବଂ ଆଇନ ପେସାଦାରମାନଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପରାମର୍ଶ ଅନୁସାରେ ପରିବର୍ତ୍ତନମାନ କରାଯାଇଛି । ଆଉ ଏହା ଘୋଷଣା କରାଯିବାର ମାତ୍ର ଦିନ କେତେଟା ଭିତରେ ଲୋକସଭାରେ ବିଲ୍‌ଗୁଡ଼ିକୁ ଗ୍ରହଣ କରାଯାଇଛି । କେନ୍ଦ୍ର ଗୃହମନ୍ତ୍ରୀଙ୍କର ଏକମାତ୍ର ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ ବିଚ୍ୟୁତି ହେଉଛି ଯେ ଦେଶର ସର୍ବୋଚ୍ଚ ଆଇନ-ପ୍ରଣୟନକାରୀ ଅନୁଷ୍ଠାନ ଭାବରେ ସେ ସଂସଦ– ଆଇନଗୁଡ଼ିକ ସେଠାରେ ପ୍ରଣୀତ ହୁଏ ଏବଂ ପ୍ରତ୍ୟାହୃତ ମଧ୍ୟ ହୋଇଥାଏ-ର ଗୁରୁତ୍ୱରେ କିଛିଟା ହ୍ରାସ ଘଟାଇଛନ୍ତି। ଲୋକମାନେ ସଦନକୁ ସେମାନଙ୍କର ପ୍ରତିନିଧିମାନଙ୍କୁ ନିର୍ବାଚିତ କରି ଏଇଥପାଇଁ ପଠାଇଥାନ୍ତି ଯେ ଆଇନଗୁଡ଼ିକ ପ୍ରଣୟନ ହେବା ବେଳେ ସେମାନଙ୍କର ମତାମତ ଏବଂ ସ୍ୱରଗୁଡ଼ିକ ସେଠାରେ ପ୍ରତିଫଳିତ ହୋଇ ପାରିବ । ଏହା ଏଇଥପାଇଁ ନୁହେଁ ଯେ ଆଇନ-ପ୍ରଣୟନ ସମ୍ପୃକ୍ତ ପରିସରର ବିଶେଷଜ୍ଞମାନଙ୍କ ସେବାଗୁଡ଼ିକୁ ଆବଶ୍ୟକ କରି ନଥାଏ; ବସ୍ତୁତଃ ଏହା କରିଥାଏ । କିନ୍ତୁ ତୃଣମୂଳ ସ୍ତରରେ ଲୋକମାନଙ୍କର ଜୀବନ ଜୀବିକା ଉପରେ ପର୍ଯ୍ୟାପ୍ତ ଜ୍ଞାନ ରଖିଥିବା ଲୋକମାନଙ୍କ ପ୍ରତିନିଧିମାନେ ହିଁ ଏହି କାର୍ଯ୍ୟକୁ ଗଣତାନ୍ତ୍ରିକ କରାଇଥାନ୍ତି। ସେମାନେ ବିଶେଷଜ୍ଞମାନଙ୍କ ଅପେକ୍ଷା ତୃଣମୂଳ ସ୍ତରରେ ଯେତେବେଳେ ଆଇନଗୁଡ଼ିକ କାର୍ଯ୍ୟକାରୀ ହୋଇଥାଏ, ତା'ର ଯେଉଁସବୁ ସୂକ୍ଷ୍ମାତିସୂକ୍ଷ୍ମ ପ୍ରଭାବ ପଡ଼ିଥାଏ, ତାକୁ ଭଲ ଭାବରେ ବୁଝିଥାନ୍ତି। ସେଇମାନଙ୍କ ଅବଦାନଗୁଡ଼ିକ ହିଁ ଆଇନକୁ ଜନ- ଅଭିମୁଖୀ ଓ ଜନପ୍ରିୟ କରାଇ ଥାଏ। ତିନିଗୋଟି ଯାକ ବିଲ୍ ଏକ ହଜାରରୁ ଅଧିକ ଧାରା ଉପରେ ମାତ୍ର କେତେଟା ଦିନର ଆଲୋଚନା- ଯଦିଓ ସେଗୁଡ଼ିକ ମଧ୍ୟରୁ କେତେକ ହଟାଯାଇଛି– ଯେ କୌଣସି ମାନଦଣ୍ଡରୁ ଦେଖିଲେ ପର୍ଯ୍ୟାପ୍ତ ନୁହେଁ, ବିଶେଷକରି ଯେତେବେଳେ ନୂଆ ଆଇନଗୁଡ଼ିକ ଆତଙ୍କବାଦ ଏବଂ ବିଚାରାଧୀନ କଏଦୀମାନଙ୍କ କଥା ଭଳି ବିଷୟବସ୍ତୁଗୁଡ଼ିକୁ ଅନ୍ତର୍ଭୁକ୍ତ କରିଛି। ଏସବୁ ବାଦ୍ ସବୁଠୁ ଯାହା ଅଧିକ ଖରାପ କଥା, ତାହା ହେଉଛି- ଆଇନଗୁଡ଼ିକ ଏକ ସଦନରେ ବାଚନିକ ଭୋଟ୍‌ରେ ପାରିତ ହୋଇ ଯାଇଛି, ଯେଉଁ ସଦନରୁ ଅଧିକାଂଶ ବିରୋଧୀ ସଦସ୍ୟଙ୍କୁ ସେମାନଙ୍କର ଏକ ନ୍ୟାୟୋଚିତ ଦାବି ନିମନ୍ତେ ବାଧ କରାଯାଇଛି ବାହାରେ ରହିବାକୁ। ସରକାର ପ୍ରମାଣିତ କରି ଦେଇଛନ୍ତି ଯେ ସଂସଦର ନିମ୍ନ ସଦନରେ ଏହାଙ୍କର ବିପୁଳ ସଂଖ୍ୟା ଗରିଷ୍ଠତା ତରବରିଆ ଭାବରେ ଯେ କୌଣସି ଆଇନ ପ୍ରଣୟନକାରୀ କାର୍ଯ୍ୟ କରିବା ନିମନ୍ତେ ଯଥେଷ୍ଟ ଏବଂ ଏହା ବିରୋଧୀ ସଦସ୍ୟମାନଙ୍କ ସ୍ୱରକୁ ଅଣଦେଖା କରି ପାରିବେ । ପ୍ରସଙ୍ଗକ୍ରମେ ଏଠାରେ ଉଲ୍ଲେଖ କରାଯାଇପାରେ ଯେ ନିକଟରେ ଭାରତର ପ୍ରଧାନ ବିଚାରପତି କହିଥିଲେ- ଏକ ଗଣତନ୍ତ୍ର ସଂଖ୍ୟା ଗରିଷ୍ଠତାକୁ ତା'ର ନିଜ ବାଟରେ କାମ କରିବାର ସୁଯୋଗ ପ୍ରଦାନ କରିଥାଏ ସତ, କିନ୍ତୁ ସଂଖ୍ୟାଲଘୁମାନଙ୍କର ମଧ କିଛି କହିବାର ଅଧିକାର ରହିଛି। ପରନ୍ତୁ, ଏସବୁଥିରୁ ମନେହୁଏ ଯେ ସରକାର ସମ୍ଭବତଃ ବିଶ୍ୱାସ କରନ୍ତି କି ନିଜ ବାଟରେ କାମ କରିଯିବା ଶ୍ରେୟସ୍କର । ଆଉ ବସ୍ତୁତଃ ଏହା ମଧ ଗଣତାନ୍ତ୍ରିକ !



## ଖ୍ରୀଷ୍ଟମାସ ଏବଂ ନବ ବର୍ଷର ହାର୍ଦ୍ଦିକ ଅଭିନନ୍ଦନ

### କାଳି ଦାସ

ନୂତନ ବର୍ଷ ସତେ ଯେମିତି ନୂଆ ଆଶା ର କିରଣ ନେଇ ଆସିଥାଏ । ସବୁବେଳେ ମନେହୁଏ ନୂଆବର୍ଷ ଆମ ପାଇଁ ସୁଖ ଓ ସମୃଦ୍ଧି ର ସମୟ ନେଇ ଆସିବ । ନୂଆବର୍ଷ କୁ ଆମେ ଆଦର ରେ ସ୍ୱାଗତ କରିଥାଉ । ଆମର ଆତ୍ମୀୟ ଙ୍କ ପାଇଁ ମଧ ଶୁଭବାର୍ତ୍ତା ଦେଇଥାଉ । ବର୍ଷ ର ଶେଷ ମାସ ଡିସେମ୍ବର ଆସିଗଲେ ମନେହୁଏ ସମଗ୍ର ବିଶ୍ୱ ଉତ୍ସବ ମୁଖରିତ ହୋଇ ଯାଏ । ବିଶ୍ୱ ର ଅନେକ ଦେଶରେ ଇଶାଇ ସମ୍ପ୍ରଦାୟ ର ଲୋକମାନେ ବସବାସ କରିଥାନ୍ତି ସେମାନଙ୍କ ପାଇଁ ପଚିଶ ଡିସେମ୍ବର ଗୋଟିଏ ବଡପର୍ବ । ଡିସେମ୍ବର ପରେ ଜାନୁୟାରୀ ନୂଆ ବର୍ଷ ର ଆଗମନ ସମଗ୍ର ବିଶ୍ୱ ନୂତନ ବର୍ଷ କୁ ସ୍ୱାଗତ କରିବା ପାଇଁ ଆଗଭର ହୋଇଯାଏ।

ଖ୍ରୀଷ୍ଟମାସ ଓ ଇଂରାଜୀ ନବ ବର୍ଷ ଦୁଇଟି ଯାକ ବିଶ୍ୱ ବାସୀଙ୍କ ପାଇଁ ଆନନ୍ଦ ଉଲାସ ର ଦିନ । ସମଗ୍ର ବିଶ୍ୱ ରେ ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷ ରେ ନବ ବର୍ଷ ପାଳନ କରାଯାଏ । ବ୍ରିଟିଶ ଶାସନ ପୃଥିବୀ ର ଏ ମୁଣ୍ଡ ର ସେ ମୁଣ୍ଡ ଯାଏଁ ବ୍ୟାପୀ ଥିଲା କୁହାଯାଏ ରାଣୀ ଭିକ୍ଟୋରିଆଙ୍କ ରଜ୍ୟ ରେ ସୂର୍ଯ୍ୟ ଅସ୍ତ ହେଉନଥିଲେ । ତେଣୁ ସମଗ୍ର ବିଶ୍ୱ ଏହି ନୂତନ ବର୍ଷ କୁ ସ୍ୱାଗତ କରେ । ଆମର ହିନ୍ଦୁ ମାନ୍ୟତା ଅନୁସାରେ ବିଭିନ୍ନ ସ୍ଥାନ ରେ ନବ ବର୍ଷ ଭିର୍ନ୍ନ ଭିର୍ନ୍ନ ସମୟ ରେ ପାଳନ କରାଯାଇଥାଏ । ହିନ୍ଦୁ ମାନଙ୍କ ନବ ବର୍ଷ କୁ ନେଇ ଦୁଇ ପ୍ରକାର ମାନ୍ୟତା ରହିଛି। ଗୋଟିଏ ହେଲା ସୂର୍ଯ୍ୟଙ୍କ ଗତି କୁ ନେଇ। ଅନ୍ୟ ହେଲା ଚନ୍ଦ୍ରଙ୍କ ଗତି କୁ ନେଇ ।ଦକ୍ଷିଣ ର ପ୍ରଦେଶ ଗୁଡିକ ରେ ଚନ୍ଦ୍ରଙ୍କ ଗତି କୁ ନେଇ ନବ ବର୍ଷ ପାଳନ କରାଯାଇଥାଏ ।ଦକ୍ଷିଣ ରେ ଚିତ୍ରା ଶୁକ୍ଳ କୁ ସୃଷ୍ଟି ର ପ୍ରଥମ ଦିନ ବୋଲି ମାନ୍ୟତା ଦିଆ ଯାଇଛି । କୁହାଯାଏ ବ୍ରହ୍ମା ଏହି ଦିନ ରେ ସୃଷ୍ଟି ସର୍ଜନା କରିଥିଲେ । ଏହି ସମୟ କୁ ନବ ରାତ୍ରି ମଧ କୁହା ଯାଏ । ଦକ୍ଷିଣ ର ରାଜ୍ୟ ଗୁଡିକ ଯେଉଁ ମାନେ ଏହା କୁ ମାନ୍ୟତା ଦେଇଥାନ୍ତି ସେଇ ରାଜ୍ୟ ଗୁଡିକ ହେଲେ ଆନ୍ଧ୍ର ପ୍ରଦେଶ, କର୍ଣ୍ଣାଟକା, ତେଲଙ୍ଗନା ଏବଂ ମାହାରାଷ୍ଟ୍ର ।

ଉତ୍ତର ରାଜ୍ୟ ଗୁଡିକ ବୈଶାଖ ମାସ କୁ ବର୍ଷ ର ପ୍ରଥମ ମାସ ବୋଲି ମାନିଥାନ୍ତି। ବୈଶାଖ ମାସ ର ସଂକ୍ରାନ୍ତି କୁ ନବ ବର୍ଷ ରୂପେ ପାଳନ କରିଥାନ୍ତି । ପଞ୍ଜାବ ରେ ଏହା କୁ ବୈଶାଖୀ କୁହାଯାଏ । ଓଡିଆ ନବ ବର୍ଷ କୁ ପଣା ସଙ୍କ୍ରାନ୍ତି କୁହାଯାଏ । ଆସାମ ର ନବ ବର୍ଷ କୁ ବିହୁ କୁହାଯାଏ ।

ଯୀଶୁ ଖ୍ରୀଷ୍ଟଙ୍କ ଜନ୍ମଦିନ କୁ ଇଶାଇ ଧର୍ମ ର ଲୋକ ମାନେ ଖ୍ରୀଷ୍ଟମାସ ରୂପେ ପାଳନ କରନ୍ତି । ଇଶାଇ ଧର୍ମ ର ଲୋକ ମାନେ ପରସ୍ପର ହାତ ମିଶାଇ ଖ୍ରୀଷ୍ଟମାସର ଶୁଭ ଅଭିନନ୍ଦନ ଜଣାଇଥାନ୍ତି । ଖ୍ରୀଷ୍ଟମାସ କୁ ଇଶାଇ ଧର୍ମର ଲୋକ ମାନେ ପାରାମ୍ପାରିକ ରୀତି ରେ ପାଳନ କରନ୍ତି । ଖ୍ରୀଷ୍ଟମାସ କୁ ସମଗ୍ର ବିଶ୍ୱ ରେ ଛୁଟି ଦିନ ରୂପେ ପାଳନ କରାଯାଏ । ଇଶାଇ ଧର୍ମର ଲୋକ ମାନେ ଯୀଶୁ ଖ୍ରୀଷ୍ଟଙ୍କୁ ଇଶ୍ୱରଙ୍କ ପୁତ୍ର ରୂପେ ମାନିଥାନ୍ତି । ଯୀଶୁ ଖ୍ରୀଷ୍ଟ ୨୦୦୦ ବର୍ଷ ପୂର୍ବେ ଏହି ପୃଥିବୀ ରେ ଜନ୍ମ ଗ୍ରହଣ କରିଥିଲେ। ଇଶାଇ ଧର୍ମ ଗ୍ରନ୍ଥ ବାଇବଲ ରେ ଯୀଶୁ ଖ୍ରୀଷ୍ଟଙ୍କ ଉପରେ ଅନେକ କିଛି ଲେଖା ଯାଇଛି । ଯୀଶୁ ଖ୍ରୀଷ୍ଟ ଅନେକ ଅଲୌକିକ ଘଟଣା ଦେଖାଇ ପାରୁଥିଲେ । ରୋଗୀ କୁ ଛୁଇଁ ଦେଇ ଭଲ କରିଦେଉଥିଲେ । ଖାଦ୍ୟ ର ପରିମାଣ ଛୁଇଁ ଦେଇ ବଢାଇଦେଉଥିଲେ । ଇଶାଇ ଧର୍ମ ଅବଲମ୍ବୀ ମାନେ ଭାବନ୍ତି ଯେ ଯୀଶୁ ଖ୍ରୀଷ୍ଟ ସଂସାର କୁ ଉଦ୍ଧାର କରିବାପାଇଁ ଜନ୍ମ ନେଇଥିଲେ । ବାଇବଲ ର ମେଥ୍ୟୁ ରେ ଯୀଶୁଙ୍କ ବାଣୀ ଲେଖା ଯାଇଛି ଯେଉଁଠି ସିଏ ଅହିଂସା ର ବାର୍ତ୍ତା ଦେଇଛନ୍ତି । ଇଶାଇ ଧର୍ମ ର ଲୋକ ମାନେ ଖ୍ରୀଷ୍ଟମାସ କୁ ଭବ୍ୟ ଆଡମ୍ବର ସହିତ ପାଳନ କରିଥାନ୍ତି। ଘର ସଜେଇଥାନ୍ତି ନୂଆ ଲୁଗା ପିନ୍ଧିଥାନ୍ତି । ଇଶାଇ ଧର୍ମ ର ଲୋକ ମାନେ ଚର୍ଚ୍ଚ ଯାଇ ପାର୍ଥନା କରିଥାନ୍ତି। ସାନ୍ତା କ୍ଲଉସଙ୍କୁ ଫାଦର ଖ୍ରୀଷ୍ଟମାସ ରୂପେ ଇଶାଇ ଧର୍ମ ର ଲୋକ ମାନେ ମାନନ୍ତି। ସାନ୍ତା କ୍ଲଉସଙ୍କ ପୁରା ନା ସେନ୍ଟ ନିକୋଲାସ। ଲୋକମାନେ ବିଶ୍ୱାସ କରନ୍ତି ଖ୍ରୀଷ୍ଟମାସ ସନ୍ଧ୍ୟା ରେ ସାନ୍ତା କ୍ଲଉସ ଘର ଘର ବୁଲି ପିଲାମାନଙ୍କ ପାଇଁ ଉପହାର ଆଣିଥାନ୍ତି। ପିଲା ମାନଙ୍କ ପସନ୍ଦ, ଖେଳନା କେଣ୍ଡି ଆଣିଥାନ୍ତି । ପିଲାମାନଙ୍କ ଏହି ବିଶ୍ୱାସ କୁ ବାପା ମା ପୁରା କରିଥାନ୍ତି । ଇଶାଇ ଧର୍ମ ର ଲୋକ ମାନେ ଅନ୍ୟ ଇଶାଇ ଧର୍ମ ଲୋକମାନଙ୍କୁ ଖ୍ରୀଷ୍ଟମାସ ର ଗ୍ରୀଟିଙ୍ଗ୍ସ ଦିଅନ୍ତି ଏବଂ ସୋସିଏଲ ମିଡିଆ ରେ ପୋଷ୍ଟ କରି ଖ୍ରୀଷ୍ଟମାସ ର ଅଭିନନ୍ଦନ ଜଣାନ୍ତି ଏବଂ ଅନ୍ୟ ଖ୍ରୀଷ୍ଟିୟାନ ଧର୍ମ ର ଲୋକ ମାନେ ସୋସିଏଲ ମିଡିଆ ରେ ପୋଷ୍ଟ କରିକି ଧନ୍ୟବାଦ ଜଣାନ୍ତି । ଇଶାଇ ଧର୍ମ ର ଲୋକମାନେ ଖୁବ ସୁନ୍ଦର ରୂପେ ଚର୍ଚ୍ଚ କୁ ଲିଚୁ ଲାଇଟ ରେ ସଜାନ୍ତି ଏବଂ ଯୀଶୁ ଖ୍ରୀଷ୍ଟ ଆଉ କୁମାରୀ ମେରୀଙ୍କୁ ପ୍ରାଥନା କରି ଘର କୁ ଫେରନ୍ତି । ଇଶାଇ ଧର୍ମ ର ଲୋକ ମାନେ ଖ୍ରୀଷ୍ଟମାସ କେକ ଏବଂ ବିଭିର୍ନ୍ନ କିଶମ ର ଖାଇବା ସାମଗ୍ରୀ ନିଜ ଘରେ ତିଆରି କରନ୍ତି । ବିଶ୍ୱ ରେ ଇଶାଇ ଧର୍ମ ଅବଲମ୍ବୀ ୨.୩୮୨ ବିଲିଏନ ଲୋକଙ୍କ ପାଇଁ ଖ୍ରୀଷ୍ଟମାସ ଓ ଇଂରାଜୀ ନବ ବର୍ଷ ଆନନ୍ଦ ଓ ଉତ୍ସାହ ର ସମୟ ।

ଦୁଇ ବର୍ଷ ହେବ କୋରୋନା ତାର କାୟା ସମଗ୍ର ବିଶ୍ୱ ରେ ମେଲାଇଛି ସେଥିପାଇଁ ସମସ୍ତ ପର୍ବ ପର୍ବାଣି ର ରଙ୍ଗ ଫିକା ପଡିଯାଇଛି । ଏ ବର୍ଷ ଲୋକଙ୍କ ମନ ରେ ଆଶା ଥିଲା ନବ ବର୍ଷ କୁ ଉତ୍ସାହ ର ସହ ପାଳନ କରିବା ପାଇଁ କିନ୍ତୁ ଓମିକ୍ରନ ତାର କାୟା ବିସ୍ତାର କରିବା ଆରମ୍ଭ କରିସାରିଲାଣି ଯାହା ପାଇଁ ପୁରା ବିଶ୍ୱ ଚିନ୍ତିତ ତେଣୁ ଉତ୍ସବ ପାଳନ ର ଯେଉଁ ସ୍ୱପ୍ନ ଥିଲା ତାହା ଧୂଳିସାତ ହୋଇଯାଇଛି । ପ୍ରଥମେ ଜୀବନ, ବଞ୍ଚିଲେ ତ କିଛି କରିବା ତେଣୁ ସରକାରଙ୍କ ନିୟମ ମାନି ଓମିକ୍ରନ ର ଆତଙ୍କ ରୁ ସମାଜ କୁ ଓ ଦେଶ କୁ ବଞ୍ଚାଇବା କୁ ପଡିବ ।

ବ୍ରହ୍ମପୁର
ଖୋଡାସିଙ୍ଗ କଳିଙ୍ଗନଗର
ମୋ: ୭୨୦୫୧୦୦୮୩୯



## ଜୀବନର ମୂଳ କେନ୍ଦ୍ର

### ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ମଣିଷ ଜୀବନର ମୂଳକେନ୍ଦ୍ର ହେଲା ଶ୍ରେଷ୍ଠଙ୍କ ଠାରେ ସୁକେନ୍ଦ୍ରିକ ହେବା। ଯେଉଁମାନେ ସୁକେନ୍ଦ୍ରିକ ହୋଇପାରନ୍ତି ନାହିଁ ସେମାନଙ୍କର ଭାବ, ବୋଧ, ଜ୍ଞାନ ବା ଜାଣିବା ଗୁଡ଼ିକ ଭୂମାୟିତ ହୋଇପାରେ ନାହିଁ। ସୁକେନ୍ଦ୍ରିକ ହେବା କେତେଗୁଡ଼ିଏ କରଣୀୟ ମାଧ୍ୟମ ଦେଇ ସ୍ଥାୟୀତ୍ୱ ଲାଭକରେ। ସେହି କରଣୀୟ ଗୁଡ଼ିକ ହିଁ ହେଲା ଆଚରଣୀୟ ନୀତି। ପରମପ୍ରେମମୟ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ଏହି ଆଚରଣୀୟ ନୀତିକୁ ବର୍ଣ୍ଣନା କରି କହିଛନ୍ତି - ଯଜନ, ଯାଜନ, ଇଷ୍ଟଭୃତି, ସ୍ୱସ୍ତ୍ୟୟନୀ ଓ ସଦାଚାର। ଏହି ନୀତିକୁ ପାଳନ କରି ଚାଲିଲେ ମନୁଷ୍ୟ ସ୍ୱତଃ ସୁକେନ୍ଦ୍ରିକ ହୋଇଉଠେ। ଏହା ଭିତର ଦେଇ ଜୀବନ ସାର୍ଥକ ହୋଇଉଠେ। ଏହି କେନ୍ଦ୍ରରେ ଗୁରୁ ବା ପ୍ରେଷ୍ଠ ରହିଲେ ମନୁଷ୍ୟ ଚରମ ସାର୍ଥକତା ଲାଭକରେ। ସେଥିପାଇଁ କୁହାଯାଇଛି - କିଂ କୁର୍ବନ୍ତି ଗ୍ରହାଃ ସର୍ବେ ଯସ୍ୟ କେନ୍ଦ୍ରେ ବୃହସ୍ପତିଃ। ବହୃସ୍ପତିଙ୍କ ଅର୍ଥ ହେଉଛି ଗୁରୁ ବା ସଦ୍‌ଗୁରୁ ବା ପୁରୁଷୋତ୍ତମ ବା ଆଚାର୍ଯ୍ୟ। ଭଗବାନ ଶ୍ରୀ ରାମକୃଷ୍ଣ ଠାକୁରଙ୍କୁ ଜନୈକ ଭକ୍ତ ପ୍ରଶ୍ନ କଲେ - ଜୀବନର ଉଦ୍ଦେଶ୍ୟ କ'ଣ ? ଶ୍ରୀ ରାମକୃଷ୍ଣ ଉତ୍ତର ଦେଲେ - ଈଶ୍ୱର ଲାଭ ହିଁ ମାନବ ଜୀବନର ଉଦ୍ଦେଶ୍ୟ। ଏହି ମୂଳ କଥାଟି ସମ୍ବନ୍ଧରେ ବୋଧ ଆସିଲେ ଜୀବନର ଚରମ ସାର୍ଥକତା-ତୃଷ୍ଣାର ଏକାନ୍ତ ନିର୍ବାଣ-ମହାଚେତନ ସମୁତ୍ଥାନ। ଗୁରୁଙ୍କ ପ୍ରୟୋଜନ ସମ୍ବନ୍ଧରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ମୋର ସତ୍ତା ଅଛି। ପାରିପାର୍ଶ୍ୱିକ ତାହା ଭାଙ୍ଗି ଦେବାକୁ ଚାହାନ୍ତି। ମୋର ଯଦି ଜଣେ ପୋଷଣଦାତା ଥାଆନ୍ତି ତେବେ ପାରିପାର୍ଶ୍ୱିକଙ୍କ ସହିତ ସୁ ବ୍ୟବହାର କରି ସେଠାରୁ ପୋଷଣୀୟ ଯାହା ତାହା ସଂଗ୍ରହ କରି ସମୃଦ୍ଧ ହୋଇପାରେ। ହିସାବୀ ଭଲ ପାଇବା ଭଲ ପାଇବା ନୁହେଁ। ସହଜ ଭଲ ପାଇବା ହିଁ ଯୋଗ ଓ ସେଥିରେ ସବୁ ପ୍ରାପ୍ତ ହୁଏ। କିନ୍ତୁ କୌଣସି କିଛିର ଲୋଭରେ ଭଲ ପାଇଲେ ତାହା ହୁଏନାହିଁ। ଗୁରୁଙ୍କ ସହିତ ଯୋଗ ଆବଶ୍ୟକ। ଏହି ଯୋଗ ହିଁ ମନୁଷ୍ୟର କଷ୍ଟକୁ ଲାଘବ କରିଦିଏ।

କଥା ପ୍ରସଙ୍ଗରେ କଲ୍‌କୀ ବିଗ୍ରହ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ - ଗୁରୁ ହେଲେ ଆମ୍ଭମାନଙ୍କର ଜୀବନ ବିଶ୍ୱବିଦ୍ୟାଳୟର ଆଚାର୍ଯ୍ୟ, ପରିଚାଳକ ଓ ପରିପୋଷକ, ତାଙ୍କୁ କେନ୍ଦ୍ର କରି ଜୀବନ ନିୟନ୍ତ୍ରିତ, ବ୍ୟାଖ୍ୟାତ ଓ ବିବର୍ଦ୍ଧିତ ହୁଏ। ଗୁରୁ ଅର୍ଥାତ୍ ଉନ୍ନତ ଚୈତନ୍ୟ ରାଜ୍ୟରେ ଯିଏ ବିଚରଣ କରନ୍ତି ତାଙ୍କ ପ୍ରତି ସୁକେନ୍ଦ୍ରିକ ଟାଣ ବା ଭକ୍ତି ରହିଲେ ତୁମର ମସ୍ତିଷ୍କ ଯନ୍ତ୍ରଟି ବିଧି ଅନୁଯାୟୀ ଅନୁଶୀଳନ ଫଳରେ ନିଖୁଣ ହେବାକୁ ଲାଗେ, ସୂକ୍ଷ୍ମ ରାଜ୍ୟରେ ଅନୁପ୍ରବେଶର ବାଧା ଧ୍ୱଂସ ହୋଇଯାଏ। ଗୁରୁଭକ୍ତି ବାଦ୍ ଦେଇ ଆତ୍ମୋପଲବ୍ଧି ଅସମ୍ଭବ, ହୁଏତ ଗାଣିତିକ ଭାବରେ ସମ୍ଭବ ହୋଇପାରେ କିନ୍ତୁ ବାସ୍ତବରେ ନୁହେଁ। ମୂଳ ଆକୃତି ଭିତରେ ରହିଛି ସେହି ସୁରତ ଯାହାନେଇ ଦେହାୟିତ ହୋଇଛୁ, ଆଉ ଯେତେବେଳେ ଚାଲିଯିବୁ ସେତେବେଳେ ମଧ ତାହା ଲିଙ୍ଗ ଶରୀର ରୂପରେ ରହିଥିବ। ଲିଙ୍ଗ ଆସିଛି ଲିନଗ୍ ଧାତୁରୁ ଯାହାର ଅର୍ଥ ଚିହ୍ନିତ କରଣ ଓ ଗୁରୁଙ୍କ ପାଖରେ ଆତ୍ମସମର୍ପଣ ହେଉଛି ଶ୍ରେଷ୍ଠ ଓ ଚରମପନ୍ଥା। ଆତ୍ମ ସମର୍ପଣ ଅର୍ଥ ମୋର ଯାହାକିଛି ଅଛି ସେ ସମସ୍ତ ଉପରେ ଗୁରୁଙ୍କୁ ରଖିବା। ତାଙ୍କର ଇଚ୍ଛାଗୁଡ଼ିକୁ ପୂରଣ କରିବା। ତାଙ୍କ ଆଡ଼କୁ ଶ୍ରଦ୍ଧା ବା ଟାଣ ନଗଲେ ଆତ୍ମ ସମର୍ପଣ କରିପାରୁବୁ ନାହିଁ। ଶ୍ରଦ୍ଧା ଯେତେ ବେଶୀ ହୁଏ, ସମ୍ବେଗ ସେତେ ବଢ଼ିଯାଏ ଓ ସହଜ-ସରଳ ଅବସ୍ଥାର ଲୟ ହେବାକୁ ଦିଏନାହିଁ। ଉନ୍ନତ ସ୍ତରର ଗୁରୁଙ୍କ ଠାରେ ଯଦି ନିଷ୍ଠା ଥାଏ, ତାହାହେଲେ ଏକାଗ୍ରତା, ଭୂମାୟିତ ପ୍ରସାରଣା, ସଚେତନତା ଇତ୍ୟାଦି ସହଜରେ ଲୋପ ପାଏନାହିଁ। ନାନା ତରଙ୍ଗ ଆସେ, କେତେ ପ୍ରକାର ବିକ୍ଷେପ ଆସେ, ସେଗୁଡ଼ିକରେ ନିଜକୁ ହଜାଇ ଦିଏ ନାହିଁ, ବରଂ ସେଗୁଡ଼ିକୁ ଏକମୁଖୀ କରି ନିୟନ୍ତ୍ରିତ, ସଂହତ ଓ ସାର୍ଥକ କରି ତତ୍ତ୍ୱବସ୍ତୁରେ ଉପନୀତ ହୁଏ। ପାଣିକୁ ଗୋଟିଏ ଟେକା ବା ଇଟା ଫୋପାଡ଼ିଲି, ଢ଼େଉ ଉଠିଲା, ସେହି ଢ଼େଉ ବୃହତ୍ତର ଓ ବୃହତ୍ତମ ବୃତ୍ତ ସୃଷ୍ଟି କରୁ କରୁ କୂଳରେ ଆସି ନପହଞ୍ଚିବା ପର୍ଯ୍ୟନ୍ତ ଥମେ ନାହିଁ। ପ୍ରତ୍ୟେକ ବସ୍ତୁ ମଧ ସେହିପରି ଅନନ୍ତର ଶାନ୍ତ ବିଗ୍ରହରେ ସାର୍ଥକତା ଲାଭ କରି ଆମ୍ଭମାନଙ୍କୁ ସାର୍ଥକ କରି ତୋଳିବାକୁ ଚାହେଁ। ସେଥିପାଇଁ କେନ୍ଦ୍ର ପ୍ରତି ଦରକାର ଅକାଟ୍ୟ ଟାଣ। ଭାବ ମଧ୍ୟରେ ସଂସକ୍ତିମୂଳକ ଆକୃତି ରହିବା ଆବଶ୍ୟକ ନଚେତ୍ ଛିନ୍ନଭିନ୍ନ ହୋଇଯିବ। ସବୁ ବାଧାକୁ ବାଧ କରି ବା ଉପେକ୍ଷାକରି ମୂଳ ଧରି ରହିବାକୁ ହେବ। ସଦ୍‌ଗୁରୁଙ୍କୁ କିପରି ବୁଝିହେବ ? ଏହାର ଉତ୍ତରରେ ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ପ୍ରକାଶ କଲେ - ସଦ୍‌ଗୁରୁଙ୍କର ସଙ୍ଗ କରିବାକୁ ହୁଏ। ସଙ୍ଗାତ୍ ସଞ୍ଜାୟତେ ଶ୍ରଦ୍ଧା, ଶ୍ରଦ୍ଧୟା ଦୃଷ୍ଟିଶୁଦ୍ଧତା, ଦୃଷ୍ଟିଶୁଦ୍ଧେହିଁ ବିଶ୍ୱାସଃ, ବିଶ୍ୱାସାତ୍ ନିର୍ବିଚାରତା, ନିର୍ବିଚାରାତ୍ ଭବେତ୍ ପ୍ରେମ, ପ୍ରେମାଷ୍ଟାତ୍ମସମର୍ପଣମ୍। ସଦ୍‌ଗୁରୁଙ୍କ ପ୍ରତି ଭଲ ପାଇବା ମୂର୍ତ୍ତ ହେବା ଦରକାର ଚଳନରେ, ଚରିତ୍ରରେ, ଭାବରେ, ଭଙ୍ଗୀରେ, କର୍ମରେ, ବାକ୍ୟରେ, ପ୍ରତିଟି ଶ୍ୱାସପ୍ରଶ୍ୱାସରେ, ପ୍ରତ୍ୟେକଟି ପଦକ୍ଷେପରେ। ଏହା ହିଁ ହେଉଛି - ଈଶ୍ୱରପ୍ରାପ୍ତି।

ସହପ୍ରତିରଦ୍ଧିକ ଓ ପ୍ରଫେସର,
ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର
ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋ: ୯୪୩୭୦୫୧୯୫୬



## ଯଦି ସତ୍ୟ ହୋଇଥାଏ ନିଶ୍ଚିତ ଭୟାନକ

### ସୁବ୍ରତ କର

ଆମ ରାଜ୍ୟରେ ହଜାର ହଜାର ସ୍କୁଲ ଏବଂ ଶହ ଶହ ପ୍ରତି ଜିଲ୍ଲାରେ । ପ୍ରତି ବର୍ଷ ମଧ ନିଜର ବାହାଦୁରୀ ଦେଖାଇବା ପାଇଁ ନିଜ ନିଜ ଏରିଆରେ ରାଜନୈତିକ ନେତାମାନେ ସ୍ୱୀକୃତି ପାଇଗଲେ ହେଲା । ସ୍କୁଲରେ ଶ୍ରେଣୀ ଗୃହ ଥାଉ ନ ଥାଉ, ଶିକ୍ଷକଙ୍କ ସଂଖ୍ୟା ଯାହା ବି ହେଉ ନା କାହିଁକି ସେ ଆଡ଼କୁ ଦୃଷ୍ଟି ଦେବାର ନାହିଁ । ନିଶ୍ଚିତ ଭାବରେ ପ୍ରାୟ ସବୁ ସରକାରୀ ସ୍କୁଲ ଏବେ ଏବେ ୫ଟି ଅକ୍ତିଆରକୁ ଆସିଲା ପରେ ନିଶ୍ଚିତ ଭାବରେ କିଛି ପରିମାଣରେ ଯେ କୌଣସି ପ୍ରାଇଭେଟ ସ୍କୁଲ ସହିତ ପ୍ରତିଯୋଗିତା କରିବା ପାଇଁ ସକ୍ଷମ ହୋଇଛି । ଥିଲାବାଲା ମା' ବାପାମାନେ ନିଜର ପିଲାମାନଙ୍କୁ ଭଲ ଭଲ ଇଂରାଜୀ ମାଧ୍ୟମରେ ପଢ଼ା ହେଉଥିବା ସ୍କୁଲ ମାନଙ୍କରେ ନାମ ଲେଖାଇବାରେ ବ୍ୟସ୍ତ ଏବଂ ବ୍ୟଗ୍ର । ଆର୍ଥିକ ଅନଗ୍ରସର ପିଲାମାନଙ୍କ ପାଇଁ ସରକାରୀ ସ୍କୁଲ ପ୍ରସ୍ତୁତ । ଏହାର ମୂଳ କାରଣ ଥିଲା ପ୍ରାଇଭେଟ ସ୍କୁଲ ଗୁଡ଼ିକରେ ପିଲାମାନଙ୍କ ପାଇଁ ସୁବିଧା ସୁଯୋଗ ପର୍ଯ୍ୟାପ୍ତ । ଏବେ କିନ୍ତୁ କିଛି ପରିମାଣରେ (୫ଟି ସାହାଯ୍ୟ ପ୍ରାପ୍ତୀ ପରେ) ପ୍ରାଇଭେଟ ସ୍କୁଲ ସହିତ ପ୍ରତିଯୋଗିତା କରିବା ପାଇଁ ସକ୍ଷମ ହୋଇ ପାରିଛି । ଏହାର ଫଳ ମଧ ଭଲ ହୋଇପାରିଛି ବୋଲି ସରକାର କରୁଛନ୍ତି କାରଣ ସରକାରୀ ସ୍କୁଲ ମାନଙ୍କରେ ପିଲାମାନଙ୍କ ସଂଖ୍ୟା ବଢ଼ିଛି । ଏବେ ପ୍ରଶ୍ନ ଉଠୁଛି ଭାରତ ସରକାରଙ୍କ ଶିକ୍ଷା ବିଭାଗ ହିସାବ ଅନୁସାରେ କଡ଼ା ୪୯.୯% । ଗତବର୍ଷ ଓଡ଼ିଶାରେ ସର୍ବାଧିକ ଡ୍ରପ ଆଉଟ ହାର ରହିଛି । କିନ୍ତୁ ଏହି ପାରସେନଟେଜକୁ ରାଜ୍ୟ ସରକାର ମାନିବାକୁ ରାଜି ନୁହନ୍ତି । ରାଜ୍ୟ କହିବା କଥା ୨୦୨୨-୨୩ ଶିକ୍ଷା ବର୍ଷ ପାଲ ସଲ ସଂଗୃହିତ ତଥ୍ୟ ଅନୁଯାୟୀ ରାଜ୍ୟର ଡ୍ରପ ଆଉଟ ହାର ପ୍ରାୟ ୨୦% ହ୍ରାସ ପାଇଛି । ଏଥି ସହ ଅନ୍ୟ ପାଠ୍ୟ କ୍ରମରେ ଅଧ୍ୟୟନରତ ୧ଲକ୍ଷ ୪୦ ହଜାର ଛାତ୍ର ଛାତ୍ରୀଙ୍କ ତଥ୍ୟକୁ ୟୁଡାଇସ୍‌ରେ ଉପସ୍ଥାପିତ କରାଗଲେ ଏହା ପ୍ରାୟ ୧୫ % ହେବ । ଏବେ ପ୍ରଶ୍ନ ଉଠୁଛି କେଉଁ ତଥ୍ୟ ଉପରେ ନିର୍ଭର କରି ଭାରତ ସରକାର ଡ୍ରପ୍ ଆଉଟର ହାର ୪୯.୯%କୁ ନେଲେ । ଏପଟେ ପୁଣି ଆମ ରାଜ୍ୟର ଗଣଶିକ୍ଷାମନ୍ତ୍ରୀ ୨୦୨୨-୨୩ ଶିକ୍ଷା କର୍ମର ୟୁଡାଇସ୍ ତଥ୍ୟକୁ ଶିଘ୍ର ପ୍ରକାଶ କରିବା ଏବଂ ୟୁଡାଇସରେ ରାଜ୍ୟରେ ପ୍ରଚଳିତ ଅନ୍ୟ ଅନୁଷ୍ଠାନରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ସବିଶେଷ ତଥ୍ୟ ସଂଗ୍ରହ କରିବାର ସୁଯୋଗ ଦେବା ପାଇଁ ଗଣଶିକ୍ଷା ମନ୍ତ୍ରୀ ଅନୁରୋଧ କରିଛନ୍ତି । ଏହି ସମସ୍ୟାର ସମାଧାନ ହେବା (୪୯.୯% ନା ୧୫ %) ନିହାତି ଦରକାର ଏବଂ ଯଥାଶୀଘ୍ର ।




### ଶୀତୁଆ ସକାଳ

#### ଚିରସ୍ମିତା ଯେନା

ବିଛଣା, ଚାଦର, କମଳ ଜାବୁଡ଼ିକି
ଧରେ ମତେ
ତାଙ୍କର ଗରମ ସ୍ପର୍ଶରେ ମୁଁ ମଧ
ଜକେଇ ହୋଇଯାଏ
ଆହୁରି ତାଙ୍କ ପାଖକୁ,
କିନ୍ତୁ କର୍ମର ବାହାନା ଏବଂ
କେତେ ଶୋଉଛି ବୋଲି କହିବେ
ସମସ୍ତେ ଭାବିକି
ଛାଡିବାକୁ ହୋଇଥାଏ ମତେ
ବିଛଣାର ମୋହକୁ ।

ବିଛଣାକୁ ଛାଡି ଥୁରୁଥୁରୁ ହୋଇ
ବାହାରକୁ
ଚାଲିଆସେ ଯେତେବେଳେ,
ସେତେବେଳେ ଯେମିତି
ସୂର୍ଯ୍ୟର ନାଲି କିରଣ ମତେ
କୋଳେଇ ନିଏ
ମୁଁ କିଛି ବି ସଂକୋଚ ନ କରି ତାରି
ମଧ୍ୟରେ
ନିଜକୁ ହଜାଇ ଦିଏ ।

ଶୀତୁଆ ସକାଳର କାକର ବିନ୍ଦୁ
ଗୁଡିକ
ସୂର୍ଯ୍ୟକିରଣ ର ମିଠା ସ୍ପର୍ଶରେ ଝଲସି
ଉଠନ୍ତି
ଇଚ୍ଛାହୁଏ କାକରର ମୁକ୍ତା ଗୁଡିକୁ
ମୁଁ ସାଉଁଟି ନେଇ ଲୁଚାଇ ଦିଅନ୍ତି
ମୋର ହାତ ମୁଠାରେ ଆଉ କେବେ
ସେ ମୁକୁଳି ନପାରି
ମୋରି ଭିତରେ ବନ୍ଦୀ ହୋଇ ରହି
ଯାଆନ୍ତି ।

କାକରର ମୋହକୁ ଏଡେଇ
ନପାରିଲା ବେଳେ
ସେହି ଗାଁ ମଝିରେ ରୁଣ୍ଡହୋଇ
ଜଳୁଥିବା
ନିଆଁର ଗରମ ତାପ ମତେ ଆକର୍ଷଣ
କରେ
ମୁଁ ଠିକ ଯାଇ ପହଂଚି ଯାଏ
ନିଆଁ ଜଳି ଜଳି ଲିଭିଯିବା ପୂର୍ବରୁ,
ଶୁଣିବାକୁ ମିଳେ ଆଜି ତମର ଟିକିଏ
ବିଳମ୍ବ ହୋଇଗଲା ଯେ
ହସିଦିଏ ଖାଲି
ତା ପରେ ଚାଲେ ଗାଁ ରୁ ପଡିଶା,
ସହର, ବଜାର, ଦେଶର
ଟିକିନିଖି ଖବରର ଆଲୋଚନା,
ମତେ ଲାଗେ ସେଇଟା ବୋଧେ ମୋ
ପାଇଁ ଖବରର ଗନ୍ଥାଘର
ନ୍ୟୁଜ ଚ୍ୟାନେଲ ଯେମିତି ଖବର
ପ୍ରସାରଣ କରେ
ସେମିତି ଏ ମୁଣ୍ଡରୁ ଆରମ୍ଭ କରି ସେ
ମୁଣ୍ଡ ଯାଏ
ସମସ୍ତଙ୍କର ପଦେ ଅଧେ କଥା
ଖବରର ଆସରକୁ ଜମେଇ
ଦେଇଥାଏ।

ପୁଣି ଫେରିଆସେ ମୋର ନିତ୍ୟକର୍ମ
କରିବାକୁ
ତା ପରେ ଆଖି ସାମ୍ନାରେ ଥୁଆ
ହୋଇଯାଏ
କେତେବେଳେ ନାଲି ପୁଣି
କେତେବେଳେ
କ୍ଷୀର ଦିଆ ଉଷୁମ ଉଷୁମ ଚା '
ସକାଳର ପ୍ରଥମ ଚା ' ଆତ୍ମାକୁ ତୃପ୍ତି
କରିଦିଏ ।
ତା ପରେ ଜଳଖିଆ, ଗରମ ଗରମ
ରୁଟି ହେଉକି
ଚୁଡା ମୁଡି ଯାହା ମିଳେ ମୁଁ କାମ
ଚଳାଇ ନିଏ
ଖାଇଲା ବେଳେ ମୁହଁରେ ଖୁସି
ଝଲକୁଥାଏ ।

ଶୀତରତୁର ଶୀତ ସକାଳ
ମୋ ପରିବାରର ସମସ୍ତେ ଏକାଠି
ହୋଇଯାଉ
ସେ ଚା'ଖିଆ ପାଖରେ ହେଉ
କିମ୍ବା ଜଳଖିଆ ପାଖରେ ହେଉ
ସେତେବେଳେ ସମସ୍ତଙ୍କ ହସହସ ମୁହଁ
ଦେଖି
ଲାଗେ ମୁଁ ବୋଧେ ଦୁନିଆର ସବୁଠାରୁ
ସୁଖୀ ମଣିଷଟିଏ ।

ତା' ମଧ୍ୟରେ ପୁଣି ବାଡ଼ି ବଗିଚା
ଆହାଃ'
ବିଭିନ୍ନ ରଙ୍ଗର ଫୁଲ, ପନିପରିବାରେ
ଭର୍ତ୍ତି
ଭଲ ଲାଗିଥାଏ ସକାଳୁ ସକାଳୁ
ହସୁଥିବା
ସେ ଗେଣ୍ଡୁ ଫୁଲର ମୁହଁକୁ ଦେଖି
କାକରର ଭିଜା ଭିଜା ସ୍ପର୍ଶ ରେ ସେ
ଲାଜେଇ ଯାଏ,
ସୂର୍ଯ୍ୟର କିରଣରେ ପୁଣି ପାଖୁଡା
ପାଖୁଡା ହୋଇ
ସେ ଖେଳିଯାଏ ।

ପନିପରିବାରେ ବାଡ଼ି ଭର୍ତ୍ତି,
ଫୁଲକୋବି, ବନ୍ଧା କୋବି, ଶାଗ,
ବାଇଗଣ
କଞ୍ଚାଲଙ୍କା, ଟମାଟୋ ଆଦି ସମସ୍ତେ
ନୀଳବର୍ଣ୍ଣର ଶାଢ଼ୀ ପିନ୍ଧି ସଜେଇ
ହୋଇ ରୁହନ୍ତି,
ଘରେ ପୁଣି ସେହି ତଟକା ତଟକା
ପନିପରିବାକୁ ନେଇ
ସୁଆଦିଆ ବ୍ୟଞ୍ଜନ ସତେକି ଲାଗେ
ସ୍ୱାସ୍ଥ୍ୟ ଆଉ ମନର
ଯତ୍ନନିଏ ଶୀତଦିନର ଶୀତୁଆ
ସକାଳ।

ମୋ ଗାଁର ବିଲ କେଉଁ କୃତ୍ରିମ
ଉପବନ ଠାରୁ କମ୍ ନୁହେଁ ଯେ
ସବୁଜ, ସୁନେଲି ରଙ୍ଗର ଆଭୂଷଣ ତା
ଦେହରେ
ମାଟିର ବାସ୍ନାରେ ମନରେ ଖେଳେ
ଆନନ୍ଦର ଜୁଆର
ଗାଁ ମୋର ଲାଗେ ସତେକି ସ୍ୱର୍ଗପୁର ।

ଚାଷୀର ବର୍ଷସାରାର ପରିଶ୍ରମ
ତା ବାଡ଼ି ଖଳାରେ ହସୁଥାନ୍ତି,
ଧାନ ଅମଳ କରିନେଇ ନିଜ ପରିବାର
ପାଇଁ
ରଖି ଆଉ ସବୁ ଅନ୍ୟପାଇଁ
ଦେଇଯାଏ,
ଏଇ ତ ମୋ ଗାଁ ଚାଷୀର ଆତ୍ମ
କାହାଣୀ
ମୋ ଗାଁର ଶୀତ ସକାଳର
ମିଠା ମିଠା ଦୃଶ୍ୟ ନେଇଥାଏ ମନକୁ
କିଣି ।

ଯାଜପୁର, ମଙ୍ଗଳପୁର

### ବଡଦିନ ପର୍ବ ଆସିଛି

#### ନଳିନୀ ଦାଶ



ବରଷକ ପରେ ବଡଦିନ ପର୍ବ
ହସ ଖୁସି ନେଇ ଆସିଛି
ସବୁଠି ଗିର୍ଜାରେ ଯୀଶୁଙ୍କ ପାଇଁକି
ଆନନ୍ଦ ଉତ୍ସବ ଲାଗିଛି ।

ଡିସେମ୍ବର ମାସ ପଚିଶି ତାରିଖ
ଯୀଶୁଙ୍କ ଜନମ ଦିନରେ
ଆସନ୍ତି ଓହ୍ଲେଇ ମରତ ଭୂଇଁକୁ
ପୂଜିନ୍ତି ସରବେ ଖୁସିରେ ।

ସ୍ନେହଁ ଦୟା କ୍ଷମା ପ୍ରେମ ଓ ଜ୍ଞାନର
ବାରତା ଦେଉଥିଲ ଯିଶୁ
ତୁମର ଆଶିଷ ଢାଳଏ ଧରାରେ
ହସନ୍ତୁ ଏ ଦେଶର ଶିଶୁ ।

ଇସାଇ ଧର୍ମର ମହାନ ପରବ
ବଡଦିନ ଏବେ ଆସିଛି
ତୁମରି ଆଦର୍ଶେ ଅନୁପ୍ରାଣିତ ଯେ
ତାଭାଗ୍ୟ ବଦଳି ଯାଇଛି ।

ଖ୍ରୀଷ୍ଟମାସ ଗଛ ଆଲୋକ ସଜାରେ
ଦିଶୁଅଛି କେଡେ ସୁନ୍ଦର
ଶିଶୁଙ୍କ ହାତରେ ଫୁଲତୋଡ଼ା ଟିଏ
ଦିଅ ତୁମେ ଉପହାର ।

ତୁମର ସେନେହ ଆଦରେ ଏଦେଶ
ଶିଶୁ ହୋଇଥାନ୍ତି ହରଷ
ବୁଦ୍ଧି ଜ୍ଞାନ ବାଣ୍ଟି ଦୟା କ୍ଷମା ଗୁଣ
ଦେଇ ଢାଳିଦିଅ ଆଶିଷ ।

ଈର୍ଷା ହିଂସା ଘୃଣା ମନରେ ନରହୁ
ମୁଖେ ଭରିଦିଅ ହରଷ
ଜନମ ତିଥିରେ ପୃଥିବୀ ପୃଷ୍ଠରେ
ଆଶିଷ ଅମୃତ ବରଷ ।

ଭିକାରିପଡା, ଶରଣକୁଳ, ନୟାଗଡ଼
ମୋ:୬୩୭୦୦୯୫୨୪୧



# ସାବିତ୍ରୀ

## ସତ୍ୟନାରାୟଣ ପ୍ରଧାନ



ଗାଁ ର ଶେଷ ମୁଣ୍ଡ ବରଗଛ ପାଖରେ ହାଡ଼ିଆର ଚାଳ ଛପର ଘର ଖଣ୍ଡେ ଦୂରରୁ ଚାହିଁଲେ ଦେଖା ଯାଉଥିଲା । ସମସ୍ତଙ୍କର କୋଠା ଘର ସାଙ୍ଗକୁ ମାର୍ବଲ ଟାଇଲ ଆଗରେ ତାର ପୁରୁଣା କାଳିଆ ଘର ବାରି ହୋଇ ପଡୁଥିଲା । ସେ କହିଲେ ତାର ଧର୍ମପତ୍ନୀ ଓ ଦୁଇ ବର୍ଷର କୁନି ଝିଅକୁ ନେଇ ଛୋଟିଆ ସଂସାର କହିଲେ ଚଳେ। ସେମାନଙ୍କର ବାହାଘରକୁ ଚାରିବର୍ଷ ନ ପୁରୁଣୁ ତାଙ୍କର ଧର୍ମପତ୍ନୀ ଅଜଣା ରୋଗରେ ପୀଡିତ ହୋଇ ଭାରି ଦହଗଞ୍ଜ ହେଉଥିଲେ । ସେ ଦୁନିଆ ଛାଡ଼ି ଯିବା ପୂର୍ବରୁ ସ୍ୱାମୀଙ୍କ ହାତରେ ଦୁଇ ବର୍ଷର କୁନି ଝିଅକୁ ଛାଡ଼ି ଭଲରେ ରଖିବାକୁ ଶେଷ ଅନୁରୋଧ କରି ଆରପାରିକୁ ଚାଲି ଯାଇଥିଲେ । ଝିଅଟିର ଦେଖା ଶୁଣା କରିବାରେ ଅସୁବିଧା ହେବାରୁ ଗୋଟେ ବାପା ହିସାବରେ ତାର ସୁନେଲି ଭବିଷ୍ୟତ ଗଠନ କରିବା ପାଇଁ ପୁଣି ଥରେ ଦ୍ୱିତୀୟ ବିବାହ କରିଥିଲେ । ଝିଅଟି ଜୀବନରେ ଭଲ କାମ କରି ଦୁଇ କୂଳର ହିତ ସାଧନ କରିବା ପାଇଁ ପୁରୁଣା ପ୍ରଥା ପରମ୍ପରା ଅନୁସାରେ ତାର ନାଁ ସାବିତ୍ରୀ ଦେଇଥିଲେ।

ଝିଅଟି ପାଠଠାରୁ ଆରମ୍ଭ କରି କଥାବାର୍ତ୍ତା ଆଚାର ବ୍ୟବହାରରେ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରି ଦେଉଥିଲା । ଗାଁ ଗଣ୍ଡାରେ କେବଳ ତା ପ୍ରଶଂସା ସମସ୍ତଙ୍କ ମନରେ ଉଙ୍କି ମାରିଥିଲା । ସେ ଘରେ ନିଜରଠାରୁ ଅଧିକ ଭଲ ପାଉଥିବା ସାବତ ମାଆକୁ କେବଳ ଗୋଟେ ମାଆ ଭାବି ଖୁସିରେ କଥାବାର୍ତ୍ତା ହେଲାବେଳେ ତା ପ୍ରତି ବଦଳରେ ତାକୁ ଘୃଣା ନିନ୍ଦା ପରିହାସ ପୁରସ୍କାର ରୂପରେ ମିଳି ଯାଉଥିଲା । ପିଲାଟି ଦିନରୁ ଛୋଟରୁ ବଡ ହେଲା ଯାଏ ନିଜକୁ ଅସହାୟ ମନେ କରି ଛାତି ତଳେ ଲୁଚି ରହିଥିବା ଅକୁହା କଥାକୁ ବାପାଙ୍କ ଆଗରେ କହି ତାଙ୍କୁ ଆଉ ଦୁଃଖ ଦେବାକୁ ଉଚିତ୍ ମନେ କରି ନ ଥିଲା। ସମୟ ସୁଅରେ ଝିଅଟି କ୍ରମଶଃ ବଡ଼ ହୋଇ ବିବାହ ଉପଯୁକ୍ତ ବୟସରେ ଉପନୀତ ହୋଇଥିଲା। ଘରେ ମାଆକୁ କାମଧନ୍ଦାରେ ସାହାଯ୍ୟ କରିବାକୁ ମାଟ୍ରିକ ଯାଏ ପାଠ ପଢିଥିଲା।

ଘରେ ସାନ ଭଉଣୀର କଲେଜ ବାହାରିବାରେ ଖାଇବାକୁ ଡେରି ହେବା ଆଗରୁ ସେ ବଡ଼ି ସକାଳୁ ଉଠି ପଖାଳ ଭାତ ସାଙ୍ଗକୁ ଆଳୁ ବଡିଚୁରା ସଜାଡି ରଖିବାକୁ ମୋଟେ ଭୁଲି ନ ଥିଲା । ଏତେ ସବୁ କଲା ପରେ ବି ମାଆ ଝିଅ ମନରେ ଘୃଣା ବସା ବାନ୍ଧିଥିଲା । ସେମାନେ ତାକୁ ଜଣେ ଅସ୍ତିତ୍ୱ ହରାଇ କାମଧନ୍ଦା କରି ପେଟ ପୋଷୁଥିବା ଅନାଥ ଝିଅ ବୋଲି ଭାବୁଥିଲେ । ସେ ଘରର ବଡ଼ ଝିଅ ହୋଇଥିବାରୁ ସେମାନଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜର ଭଲ ପାଇବା ବନ୍ଧନର ଡୋରକୁ ଆହୁରି ଜାବୁଡି ଧରୁଥିଲା । ଯେ କେହି ତାର ରୂପ ଗୁଣକୁ ଦେଖିଲେ ବିନା କୌଣସି ଯୌତୁକରେ ବିବାହ କରିବାକୁ ପ୍ରସ୍ତୁତ ହୋଇଯିବ ସେଥିରେ ସନ୍ଦେହ ନ ଥିଲା ।

ବୁଢ଼ା ବାପା ପରିବାରରେ ଅଶାନ୍ତି ସୃଷ୍ଟି ନ କରିବାକୁ ଯେତେ ବୁଝାଇଲେ ମଧ ମାଆ ଝିଅ ତାଙ୍କ କଥାକୁ ହସରେ ଉଡ଼ାଇ ଦେଇଥିଲେ।

ହାଡିଆ ତାର ପ୍ରଥମ ସ୍ତ୍ରୀର ଦେହକୁ ଭଲ କରିବା ପାଇଁ ଗାଁ ଜମିଦାଙ୍କଠାରୁ ନିଜ ବିଲକୁ ବନ୍ଧା ପକାଇ କରଜ ଟଙ୍କା ଆଣିବାର ଗୁଡାଏ ଦିନ ବିତି ଯାଇଥିଲା। ସେ ସମୟରେ ଜମିଦାର ବାବୁ ପରଲୋକ ଗମନ କରିବାରୁ ତାଙ୍କ ଅନ୍ତେ ଏକ ମାତ୍ର ପୁଅ ସାନ ସାଆନ୍ତେ ସବୁ ହିସାବ ପତ୍ର କଥା ଗୁମାସ୍ତାଙ୍କଠାରୁ ବୁଝାବୁଝି କରି ନିଜ ଦାୟିତ୍ୱ ସମ୍ଭାଳିଥିଲେ । ଖାଲି ସୁଧ ଦେଇ ମୂଳ ଟଙ୍କା ଫେରସ୍ତ କରି ନ ଥିବା ଲୋକ ମାନଙ୍କ ଭିତରେ ସାବିତ୍ରୀ ବାପାର ନାଁ ଲେଖାଥିଲା । ସେ କରଜ କରିଥିବା ଟଙ୍କାକୁ ଫେରସ୍ତ ନ କରି ପୁଣି ସାନ ସାଆନ୍ତେଙ୍କଠାରୁ ଟଙ୍କା ଆଣି ଧାନ ଚାଷ କରି ଲାଭ ଟଙ୍କାରେ ଫେରାଇ ଦେବାର ଚେଷ୍ଟା ପ୍ରକୃତିର ତାଣ୍ଡବରେ ଦେଖିଥିବା ସ୍ୱପ୍ନ ଗୁଡାକ ପାଣି ପରି ମିଳେଇ ଯାଇଥିଲା । ଯାହା ଖାଲି ବର୍ଷଟିଏ ପାଇଁ ଖାଇ ପିଇ ବଞ୍ଚିବାକୁ ଅତି କଷ୍ଟରେ ଧାନ ଅମଳ ହୋଇଥିଲା ।

ଜମିଦାରଙ୍କ ଗୁମସ୍ତା ପୂର୍ବ ବାକିଟଙ୍କା ଓ ବର୍ତ୍ତମାନ ଟଙ୍କାର ସୁଧ ମୂଳ ପାଖାପାଖି ହୋଇ ଗଲାଣି ବୋଲି ଶୁଣାଇ ଚାଲି ଯାଇଥିଲା । ଏତେ ଗୁଡାଏ ଟଙ୍କା ଫେରାଇବାକୁ ହେଲେ ଆଉ କିଛି ଦିନ ମହଲତ ଦରକାର ବୋଲି ସେ ଦେଖାକରି ନେହୁରା ହୋଇ କହିଥିଲେ । ଘରେ ସାନ ଭଉଣୀ ଭଲ ପାଇ ବିହାବ କରିବାକୁ ଜିଦ ଧରିବାରୁ ବଡ଼ ଝିଅ ପାଇଁ ପିଲାଟି ଦିନରୁ ତା ମାଆର ସାଇତି ରଖିଥିବା ଗହଣା ଗାଣ୍ଠି ଜୋର କରି ନେଇ ଯିବାକୁ ସେ ମାଆ ଝିଅ ଦୁହେଁ ମୋଟେ ପଛେଇ ନ ଥିଲେ। ବାପା ହିସାବରେ ବଡ଼ ଝିଅକୁ ଭଲରେ ରଖିବାକୁ କଥା ଦେଇ କିଛି କରିପାରି ନ ଥିବାରୁ ସେ ନିଜକୁ କ୍ଷମା ମାଗିବା ପାଇଁ ସଙ୍କୋଚ କରିଥିଲେ । ସାନ ସାଆନ୍ତେଙ୍କ ଗୁମାସ୍ତା ଟଙ୍କା ଗାଁ ଗଣ୍ଡାରୁ ଆଦାୟ କଲା ବେଳେ ସାବିତ୍ରୀର ବାପାକୁ ଟଙ୍କା ଦେଇ ନ ପାରିଲେ ଘରେ ବଢିଲା ଝିଅକୁ ରଖିବା ଅପେକ୍ଷା ବିନା ଖର୍ଚ୍ଚରେ ଜମିଦାର ବାବୁଙ୍କ ପୁଅ ସହ ବିବାହ କରାଇବାକୁ ପ୍ରସ୍ତାବ ଦେଇଥିଲା। ଅବଶ୍ୟ ସେ ଆଗରୁ ସେ ନିଜ ମନ ଭିତରେ ପସନ୍ଦ କରୁଥିଲେ ବୋଲି ତା ଆଡ଼କୁ ହସି ଦେଇ ଗୁମାସ୍ତା ଜଣଙ୍କ ସେଠାରୁ ଚାଲି ଯାଇଥିଲେ ।

ସାମାନ୍ୟ ଟଙ୍କା ପାଇଁ ଜାଣି ଶୁଣି ନିଜ ଝିଅକୁ ଲୋକମାନଙ୍କ ଦୁଃଖରେ ସମୟରେ ଖରାପ ବ୍ୟବହାର କରୁଥିବା ଲୋକ ହାତରେ ଟେକି ଦେବା କଥା ଭାବିଲା ବେଳକୁ ମୁଣ୍ଡରେ ତାଙ୍କର ଦୋହଲି ଯାଇଥିଲା । ଘରେ ସତ କଥା ଅନ୍ୟ ମାନଙ୍କ ଆଗରେ କହି ନିଜ ଜୀବନଠାରୁ ଅଧିକ ଭଲ ପାଉଥିବା ଝିଅ ମନରେ ଆଉ ଦୁଃଖ ଦେବାକୁ ଇଛା ପ୍ରକାଶ କରୁ ନ ଥିଲେ । ସାବିତ୍ରୀ ବାପାଙ୍କଠାରୁ ନିଜ ରାଣ ନିୟମ ପକାଇ ସବୁ ସତକଥା ଶୁଣିବାକୁ ପାଇଥିଲା । ଜୀବନ ସାରା ବାପାଙ୍କଠାରୁ ଭଲ ପାଇବା ପାଇ ଦୁନିଆର ସବୁ ଖୁସି ଆକାଶର ଜହ୍ନ ପରି ହାତ ମୁଠାରେ ତୋଳି ଧରି ଛୋଟରୁ ବଡ଼ କରିଥିବା ତ୍ୟାଗର ପ୍ରତୀକ ସଦୃଶ୍ୟ ବାପାଙ୍କ ମନର ଦୁଃଖକୁ ନିମିଷକ ମଧରେ ଉଭାନ କରିବାକୁ ମାନସିକ ସ୍ତରରେ ପ୍ରସ୍ତୁତ ହୋଇ ସାରିଥିଲା । ସେ ବାପାଙ୍କ ଆଖିରୁ ବହି ଯାଉଥିବା ଲୁହକୁ ପୋଛି ଗୋଟେ ଝିଅ ହିସାବରେ ସେମାନଙ୍କ ପ୍ରସ୍ତାବରେ ରାଜି ବୋଲି ସମ୍ମତି ଜଣାଇ ଦେଇଥିଲା ।

ସେ କୁଆଁରୀ ଜୀବନରେ ଦେଖିଥିବା ସ୍ୱପ୍ନଗୁଡ଼ାକୁ ଜୀଅନ୍ତା ମାଟି ତଳେ କବର ଦେଇ ବାପାଙ୍କ ଋଣ ଭାରକୁ ନିଜ ମୁଣ୍ଡରେ ବୋହି ବିବାହ ବେଦୀରେ ବସି ପଡିଥିଲା। ଆଖ ପାଖ ଗାଁ ଲୋକ ସୁନା ନାକି ଝିଅର ଭାଗ୍ୟରେ ଶେଷରେ ଏହା ଲେଖାଥିଲା ବୋଲି ଗଭୀର ମର୍ମାହତ ହୋଇଥିଲେ । ସାବିତ୍ରୀ ନିଜ ଛାତିକୁ ପଥର କରି ଆଉ ଗୋଟେ ନୂଆ ଜୀବନ ଭିତରେ ବଞ୍ଚିବାର ରାହା ଖୋଜି ପାଇବାକୁ ନିଶ୍ଚୟ ଚେଷ୍ଟା କରିବ ବୋଲି କଳ୍ପନା କରିଥିଲା। ବାହାଘର ପରେ ଶାଶୁଘର ଘର ଲୋକ କହିଲେ ସେ ଆଉ ତାଙ୍କ ସ୍ୱାମୀ କାମ ଦାମ କରୁଥିବା ଚାକର ପୂଜାରୀ ମାନେ। ଆଗରୁ କେବେ ଏତେ ବଡ଼ ବିରାଟ କୋଠା ବାଡ଼ି ଦେଖି ନ ଥିବାରୁ ପ୍ରଥମେ ଟିକେ କଥାରେ ଛାନିଆ ପଶି ଯାଉଥିଲା । କୋଠାର କାନ୍ଥ ମାନଙ୍କରେ ବାଘ ହାତୀ ହରିଣ ମାନଙ୍କର ଦାନ୍ତଗୁଡାକ ଟଙ୍ଗା ହୋଇଥିଲା ଯେ କେହି ଦୂରରୁ ଦେଖିଲେ ଭୟରେ କଂସାଏ ପାଣି ପିଇଦେବ ବୋଲି ସେଥିରେ କୌଣସି ସନ୍ଦେହ ନ ଥିଲା । କାମ କରୁଥିବା ଲୋକମାନଙ୍କ ଭିତରୁ ଯଦି କାହାର ଭୁଲ୍ ହୋଇ ଯାଉଥିଲା ଚାବୁକ ପ୍ରହାରରେ ପିଠିର ମାଂସ ଗୁଡାକ ଲାଲ୍ ପଡ଼ି ଯାଉଥିଲା ।

ବିବାହର ପ୍ରଥମ ରାତିରେ ସବୁ ଝିଅ ମାନଙ୍କ ଭଳି ସ୍ୱାମୀଙ୍କଠାରୁ ଚାହିଁଥିବା ଭଲ ପାଇବା ମରୀଚିକା ପାଲଟି ଯାଇଥିଲା । ସେ ଜଣେ ଏପରି ସ୍ୱାମୀର ସ୍ତ୍ରୀ ହୋଇଥିଲା ନିଜ ଛାତି ତଳେ ଲୁଚେଇ ରଖିଥିବା ଅକୁହା କଥାକୁ ସ୍ତ୍ରୀ ହିସାବରେ ସ୍ୱାମୀକୁ କହିବାକୁ ଇଛା କଲେ ବି ତାଙ୍କୁ ଶୁଣିବା ପାଇଁ ମୋଟେ ପସନ୍ଦ ନ ଥିଲା। ଜଣେ ସ୍ତ୍ରୀ ସ୍ୱାମୀର ଭଲ ମନ୍ଦ କଥା ବୁଝି ବାକି ଜୀବନ ତା ଭାବନାକୁ ସମ୍ମାନ ଦେଇ ଯେ କୌଣସି କଥାକୁ ମୁଣ୍ଡ ପାତି ସହିଯିବା ହେଉଛି ଜଣେ ସ୍ତ୍ରୀ ପ୍ରଧାନ କର୍ତ୍ତବ୍ୟ ବୋଲି ସାନ ସାଆନ୍ତେଙ୍କ ମନରେ ଅଜବ ଭାବେ ବସା ବାନ୍ଧିଥିଲା । ସେ ସାବିତ୍ରୀକୁ ବିନା ଅନୁମତିରେ କିଛି ନ କରିବାକୁ କଡା ଗଳାରେ କହି ଦେଇଥିଲେ ।

ଗାଁ ଗଣ୍ଡାରେ କରଜ ନେଇଥିବା ଲୋକ ମାନଙ୍କର ବାକି ଟଙ୍କା ଦେବାରେ ବିଳମ୍ବ ହେବାରୁ ସେମାନଙ୍କ ସହିତ ଖରାପ ବ୍ୟବହାର କରିବାରେ କୌଣସି ଦୁଃଖ ପ୍ରକାଶ କରୁନଥିଲେ । ସେ ଟଙ୍କା ସୁଝି ନପାରି ଥିବା ଲୋକମାନଙ୍କୁ ପୋକ ମାଛି ପରି ଭାବୁଥିଲେ।

ସେ ସ୍ତ୍ରୀ ହୋଇ ନିଜ ତରଫରୁ ଯେତେ ପ୍ରକାରେ ବୁଝାଇଲେ ମଧ ସ୍ୱାମୀଙ୍କର କୌଣସି ପରିବର୍ତ୍ତନ ଘଟି ନ ଥିଲା । ବାପା ଜେଜେ ବାପା ଅମଳରୁ ଯାହା କୋଠ ସୂତ୍ରରେ ଲୋକମାନଙ୍କ ଠାରୁ ମିଳୁଥିବା ଲାଭ ଟଙ୍କାକୁ ନେଇ ବେଆଇନ ଭାବେ ଚୋରା କାରବାର କରି ସମାଜକୁ ନଷ୍ଟ ଆଡ଼କୁ ଟାଣି ନେଉଥିଲେ।

ସାବିତ୍ରୀ ଏ ସବୁ ଦେଖି ଜୀବନରେ ଏପରି ସ୍ୱାମୀର ହାତ ଧରିବାକୁ ପଡ଼ିବ ବୋଲି କେବେ ସ୍ୱପ୍ନରେ ସୁଦ୍ଧା କଳ୍ପନା କରି ନ ଥିଲେ ।

ଭଗବାନଙ୍କ ଦୟାରୁ ଯାହା ମିଳୁଛି ସେଥିରେ ଦୁଇ ପ୍ରାଣୀ ବସି ଖାଇଲେ ସାତ ଜନ୍ମ ଚାଲିଯିବ ହେଲେ ତାଙ୍କୁ ଅସାମାଜିକ କାର୍ଯ୍ୟ ନିବୃତ୍ତ ରହିଲେ ତାଙ୍କୁ ଟିକେ ଶାନ୍ତି ମିଳିବ ପାରିବ ବୋଲି ମନରେ ଚିନ୍ତା କରୁଥିଲେ । ଯାହା ସବୁ ତାଙ୍କ ଆଖି ଆଗରେ ଘଟୁଥିଲା ତାହା ପାପ ବୋଲି କହିଲେ ଭୁଲ୍ ହେବନାହିଁ ବରଂ ପରିବାର ପାଇଁ ବିନାଶର ଆହ୍ୱାନ ହେବ ଅନୁମାନ କରିଥିଲେ। ସେ ସ୍ୱାମୀଙ୍କ ପାପରୁ ସ୍ତ୍ରୀ ହିସାବରେ କିଛି କ୍ଷୟ କରି ପ୍ରାୟଶ୍ଚିତ ସୂତ୍ରରେ ପୁଣ୍ୟ ଅର୍ଜନ କରିବାକୁ ଉଚିତ୍ ମନେ କରିଥିଲେ।

ସେ ଆଖ ପାଖ ଗାଁରେ ଦୁଃଖ କଷ୍ଟ ଯନ୍ତ୍ରଣା ଭିତରେ ଦିନ କାଟୁଥିବା ଲୋକମାନଙ୍କୁ ଯଥା ସାହାଯ୍ୟ ସହଯୋଗ କରିବାକୁ ଆଗେଇ ଆସିଥିଲେ । ସେ କୌଣସି କାମରେ ସହରକୁ କିଛି ଦିନ ପାଇଁ ବାହାରକୁ ଗଲେ ତାଙ୍କୁ ଦେଖା କରିବାକୁ ଆସିଥିବା ଲୋକମାନଙ୍କ ମୂଳ ଟଙ୍କା ରଖି ସୁଧ ଫେରାଇ ଦେଉଥିଲେ । ସମୟ କ୍ରମେ ଲୋକମାନେ ତାଙ୍କୁ ବାହାରକୁ ଯିବା ଦେଖି ମାଆ ସାଆନ୍ତାଣୀ ପାଖରେ ଗୁହାରି କରିବାକୁ ଚାଲି ଆସୁଥିଲେ । ସେ ଲୋକମାନଙ୍କ ଭିତରୁ ଯିଏ ଉଭୟଙ୍କଠାରୁ ଟଙ୍କା କରଜ ନେଲେ ବି ଦେବାର ନାଁ ଗନ୍ଧ ଧରେନାହିଁ ସେ ସ୍ୱାମୀ ସ୍ତ୍ରୀ ମଧରେ ଫାଟ ସୃଷ୍ଟି କରିବାକୁ ସାନ ସାଆନ୍ତେ ଆଗରେ ମାଆ ସାଆନ୍ତାଣୀଙ୍କ କଥା କହି ଦେଇଥିଲେ ।

ସେ ଅନ୍ୟଠାରୁ ତାଙ୍କ ବିଷୟରେ ଜାଣିବା ପରେ ନିଜ ଭାବନାକୁ ସମ୍ମାନ ଦେବାରେ ଖିଲାପ କରିଥିବାରୁ ରାଗରେ ରକ୍ତ ଚାଉଳ ଚୋବେଇ ମାରଧର କରିବାକୁ ବାହାରି ଯାଇଥିଲେ । ଘଟଣାଟି ପଦାକୁ ଆସିବା ପରେ ମାଆ ସାଆନ୍ତାଣୀକୁ ଭଲ ପାଉଥିବା ଲୋକମାନଙ୍କ ମନରେ ଅସନ୍ତୋଷ ଦେଖାଯାଇ ସାନ ସାଆନ୍ତେଙ୍କ ବିରୁଦ୍ଧରେ ଆକ୍ରୋଶ ବଢ଼ି ଯାଇଥିଲା । ସେ ଆଗରୁ କେବେ ଏପରି ଲୋକମାନଙ୍କୁ ଏକାଠି ହେବାର ଦେଖି ନ ଥିବାରୁ ଚିନ୍ତାରେ ପଡ଼ି ଯାଇଥିଲେ। ଯଦି ତାଙ୍କର ଧର୍ମପତ୍ନୀ ଲୋକ ମାନଙ୍କୁ ଏକାଠି କରି ବିଦ୍ରୋହର ବହ୍ନିରେ ଜଳି ଘଟଣାଟି ଥାନା କଚେରୀ ଯାଏ ଚାଲି ଯାଏ ତା ହେଲେ ପରିସ୍ଥିତି ଅସମ୍ଭାଳ ହୋଇ ଯିବ ବୋଲି ଭୟ କରି ଯାଇଥିଲେ ।

ସେ ଜଣେ ସ୍ୱାମୀର ସ୍ତ୍ରୀଟିଏ ହୋଇ ସମାଜ ଆଗରେ ତାଙ୍କ ସ୍ୱାଭିମାନକୁ ତଳେ ପକାଇ ଖୁସି କି ଯଶ ଗୋଟାଇ ବାକୁ ଇଛା ପ୍ରକାଶ କରି ନ ଥିଲେ । ସେ ପୂର୍ବ ଭଳି ଗୋଟେ ସ୍ୱାମୀର ଶୁଭଚିନ୍ତକ ହୋଇ ସେ ବଦଳି ଯାଇ ଭଲ ମଣିଷ ହୋଇ ଯାଅନ୍ତୁ ବୋଲି ଠାକୁରଙ୍କ ନିକଟରେ ମାନସିକ କରିଥିଲେ । ସମାଜ ଆଗରେ ସ୍ତ୍ରୀଟିଏ ହୋଇ ବଞ୍ଚିବାକୁ ନିଜର ସୌଭାଗ୍ୟ ମନେ କରିଥିଲେ । ଦୁଃଖ ସାଥିରେ ବନ୍ଧୁ ବାନ୍ଧିଲା ପରେ ବି ନିଜ ପତି ଧର୍ମ ପାଳନ କରିବାରେ ବିଚ୍ୟୁତି ହୋଇ ନ ଥିଲେ ।

ସ୍ୱାମୀ ତାଙ୍କ ସହନଶୀଳତା ଆଗରେ ନିଜକୁ ଲଜ୍ୟାବୋଧ ମନେ କରି କଥାବାର୍ତ୍ତା କରିବାକୁ ସାହସ କରି ନ ଥିଲେ। ସେ ସ୍ୱାମୀଙ୍କ ଭାବନାରେ ପରିବର୍ତ୍ତନର ଆଭାସ ହୃଦବୋଧ କରୁଥିଲେ ।

ସେ ଆଉ ସ୍ୱାମୀଙ୍କୁ ଅନୁତାପ ନିଆଁରେ ଜଳିବାକୁ ଛାଡି ନ ଦେଇ ହସ ହସ ମୁହଁରେ ନୂଆ କରି ପ୍ରଥମ ଥର ପାଦ ଦେଇଥିବା ନୂଆ ବୋହୂ ପରି କହି ପାରି ନ ଥିବା କଥା ଗୁଡାକୁ କହି ପକାଇଥିଲା । ସେମାନଙ୍କ ଭିତରେ ଆଉ ଆଗ ପରି ଗଢି ଉଠିଥିବା ଡର କି ଭୟର ବିଶାଳ ପାଚେରୀ ଠିଆ ହୋଇ ନ ଥିଲା । ପରସ୍ପରକୁ ଭଲ ପାଇବାର ନିବିଡତା ଭିତରେ ନିଜକୁ ହଜାଇ ଦେବାର ସମୟ ଆସି ପହଞ୍ଚି ଯାଇଥିଲା । ଦୁହେଁ ପରସ୍ପରକୁ ବୁଝିବା ପାଇଁ ସମୟ ବାହାର କରି ଆନନ୍ଦମୟ ପରିବେଶ ଭିତରେ ବୁଲିବାକୁ ଚାଲି ଯାଉଥିଲେ । ରାସ୍ତା ଘାଟରେ ଦୁଃଖୀ ରଙ୍କିଙ୍କୁ ଦେଖିଲେ କିଏ ଆଗ ପଇସା ବୋଲି ସେମାନଙ୍କ ଭିତରେ ପ୍ରତିଯୋଗିତା ଲାଗି ଯାଉଥିଲା ।

ସେମାନଙ୍କ ଭଲ ପାଇବା ଦେଖି ଲୋକମାନେ ସାନ ସାଆନ୍ତେଙ୍କୁ ଭଲ ପାଇବା ଆରମ୍ଭ କରି ଦେଇଥିଲେ । ସେମାନେ ତାଙ୍କୁ ସୁଖ ଦୁଃଖରେ ମନ ଖୋଲି କହିବା ପାଇଁ ଆଉ ସଙ୍କୋଚ ଅନୁଭବ କରୁ ନ ଥିଲେ । ସେ ସମ୍ପୂର୍ଣ ଭାବେ ନିଜକୁ ବଦଳାଇ ଗୋଟେ ଭଲ ମଣିଷ ହୋଇ ଭାରି ଆତ୍ମସନ୍ତୋଷ ମନେ କରିଥିଲେ । ସେ ମଧ ନିଜ ସ୍ୱାମୀଙ୍କୁ ଭଲ ବାଟକୁ ଆଣି ଲୋକମାନଙ୍କ ପ୍ରତି ଥିବା କର୍ତ୍ତବ୍ୟ ସମ୍ପାଦନ ସୂଚାରୁ ରୂପେ କରି ଧନ୍ୟ ମନେ କରିଥିଲେ।

ମାଆ ସାଆନ୍ତାଣୀ ଆଉ କାହା ଆଗରେ ଗୋଟେ ଖରାପ ମଣିଷର ସ୍ତ୍ରୀ ହୋଇ ଲୋକହସା ହେବାରୁ ମୁକ୍ତି ପାଇଥିଲେ । ନିଜର ପୁଣ୍ୟ ଓ ଧର୍ମ ବଳରେ ଅସାଧ କାର୍ଯ୍ୟ ବି ସମ୍ଭବ ହୋଇପାରେ ବୋଲି ସମସ୍ତଙ୍କ ଆଗରେ ଉଦାହରଣ ସୃଷ୍ଟି କରି ନିଜକୁ ଭାଗ୍ୟବତୀ ମନେ କରୁଥିଲେ। ଘରେ ବୁଢ଼ା ବାପା ଝିଅର ଖୁସି ଲୋକମାନଙ୍କ ଠାରୁ ଶୁଣିବା ପରେ ଠାକୁର ସେମାନଙ୍କୁ ଘଣ୍ଟ ଘୋଡାଇ ରଖନ୍ତୁ ବୋଲି ସଂଜ ସକାଳେ ପ୍ରାର୍ଥନା କରୁଥିଲା । ସାବତ ମାଆଠାରୁ ଅଧିକ ଭଲ ପାଉଥିବା ମାଆ ମନରେ ଘୃଣା ବଦଳରେ ଆନ୍ତରିକତା ବଢ଼ି ଯାଇଥିଲା ।

+ଅଣ୍ଡିଆ, ଜେନାପୁର,
ଯାଜପୁର-୭୫୫୦୨୩
ମୋ -୯୧୭୮୩୧୩୬୪୪



ଘନଶ୍ୟାମ ପଲେଇ

# ଭୂମିକା



ମୋର ଠିକ୍ ମନେ ଅଛି, ଗଲା ସନକୁ ଠିକ୍ ଏଇ ସମୟକୁ ହିଁ ଗାଁକୁ ଆସିଥିଲି। ମାର୍ଗଶୀର ମାସର ଇମିତି ପଡିଥିଲା ଜାଡୁଆ ଶୀତ। ସହର ଅପେକ୍ଷା ଗାଁରେ ଟିକିଏ ଅଧିକ ଶୀତ। ଖୋଲାମେଲା ବୋଲି ପବନ ବେଶି ଟିକିଏ ବାଜେ। ଦିହମୁଣ୍ଡ ଥରି ଉଠେ କାଲୁଆ ପବନରେ। ଆଜି ଟିକିଏ ଥଣ୍ଡାଟା ବଢିଚି କି କ'ଣ ? ବାଜିଲାଣି ଦାନ୍ତକୁ ଦାନ୍ତ। ଅବଶ୍ୟ ଆଜି ବସଟି ପହଞ୍ଚାଇଲା ବିଳମ୍ବରେ। ସଂଧ୍ୟା ସାଢେ ସାତ ଜାଗାରେ ପହଞ୍ଚଇଲା। ରାତି ସାଢେ ନଅକୁ। ଗାଁ ଛକରୁ ପୁଣି ଅଧ କିଲୋମିଟର ଚାଲି ଚାଲି ଆସିବାକୁ ହୁଏ ଘରକୁ।

ଶୀତର ପ୍ରକୋପଟା ଥିଲା ଟିକିଏ ବେଶି। ଗାଁଟା ଗୋଟା ସବୁ ପସିଗଲେଣି ଅନ୍ଧାରର କଳାଚାଦର ଭିତରେ। କେହି କୁଆଡେ ଦିଶୁ ନାଇଁ। ପୂରା ଶୂନଶାନ। ଖାଁ ଖାଁ ପରିବେଶ। ମୁଁ କିନ୍ତୁ ବିନ୍ଦାଶ ଚାଲିଥାଏ ଗାଁ ଦାଣ୍ଡ ମଝିରେ,ବଡ ବଡ ପାହୁଣ୍ଡ ପକେଇ। ହଠାତ ଅଟକି ଗଲା ପାଦ, ନରି କକା'ର ଘର ପାଖରେ। କ'ଣ ଗୋଟାଏ ବସିଛି। ଚେଷ୍ଟା କଲି ମୋବାଇଲ ଲାଇଟ ପକେଇବାକୁ। ଠିକ୍ ସେ ଦେଖା ନଗଲେ ବି ଝାପ୍ସା ଝାପ୍ସା ଆଲୁଅରେ ବୁଝାଗଲା ଯେ ବସିଛି ସ୍ତ୍ରୀ ଲୋକଟାଏ। ମନେ ପକେଇଲି କିଏ ହେଇଥିବେ ସିଏ ? ଦୁଇ ବର୍ଷ ଉପରେ ହେଲାଣି ସାବି ଖୁଡି ମରିବାର। ଘରେ ଏକା ବୁଢା ନରିକକା। ଦୁଇ ପୁଅ-ବୋହୂ ତ ନିଜ ନିଜ ଚାକିରୀ କ୍ଷେତ୍ରରେ। ତା' ହାଲେ ସାବିଖୁଡୀ ଭଳି ଦିଶୁଥିବା ତଳ ମୁହାଁ ସ୍ତ୍ରୀ ଲୋକଟା କିଏ ?

ଏତେ ଡେରି ହେଲାଣି ! ହଲୁ ବି ନାହିଁ। ସ୍ଥିର, ନିଶ୍ଚଳ। ମନରେ କାଇଁ ଟିକିଏ ପଶିଲା ଶଙ୍କା। ଖୁଡୀର ଆତ୍ମା ତ ନୁହଁ ! ପଛକୁ ଥରେ ଚାହିଁ ଦେଖିଲି। ହଠାତ କୁକୁରଟେ ଉପରକୁ ମୁଣ୍ଡଟେକି ଛାଡିଲା ବୋବାଳି। କୁକୁର କାନ୍ଦିଲେ ଭଲ ନୁହେଁ ଆଗରୁ ଶୁଣିଛି। ଅଦୃଶ୍ୟ ଆତ୍ମାକୁ ସେମାନେ ପାରନ୍ତି ଦେଖି। ତା' ହେଲେ --- ଏଇ ସ୍ତ୍ରୀ ଲୋକଟି ନଶ୍ଚୟ ସାବି ଖୁଡୀ। ଦୃଢ ନିଶ୍ଚିତ ହେଲି ଯେ ଏହା ଏକ ଆତ୍ମା। ଛାତିଟା ମୋର ଢୋଲ ବାଜିଲା ପରି ହେଲା ଦୁଲ୍‌ଦୁଲ। ଡରୁ ନ ଥିବା ମଣିଷଟା ଗୋଟା ପଣେ ଝାଳେଇ ଗଲିଣି। ପାଖରୁ ବାଲି ମୁଠେ ଉଠେଇଲି, ହେସ୍‌ହାସ୍ କରି ଫିଙ୍ଗିବାକୁ ଚେଷ୍ଟା କଲି ହେଲେ ଡରୁଆ ହାତରୁ ବାଲି ମୁଠାକ ବି ଗଲା ନାହିଁ, ପାଖରେ ହିଁ ବିଞ୍ଚାଡି ପଡିଲା।

ମୋର ଅବସ୍ଥା ହେଲାଣି ଢିଲା। ନରିକକା ଘର ପାହାରିଲେ ଯାଇ ଆମ ଘର। ଏଣେ ମୋର କାନ୍ଦ କାନ୍ଦ ଅବସ୍ଥା। ପାଖରେ ଟେକା କି ପଥର ଖଣ୍ଡେ ବି ମିଳୁନି। ଜୟ ବଜରଙ୍ଗବାଲି କହି ଦୌଡିବା ଆରମ୍ଭ କରିଛି କି ନା। ହଠାତ୍ ଛିଡା ହେଇ ପଡିଲା ସ୍ତ୍ରୀ ଲୋକଟା। ସେ ବୋଧେ ମୋ ଦୌଉଡିବା କଥା ଜାଣିଗଲା କି କ'ଣ ଧରିବାକୁ ଛିଡା ହେଇ ପଡିଲା ତାହାଲେ।

ମନରେ ଚିନ୍ତା କଲି ସାବି ଖୁଡୀ ତ ବଞ୍ଚିଥିଲା ବେଳେ ମୋତେ ଏତେ ଭଲ ପାଉଥିଲେ, କରୁଥିଲେ ସ୍ନେହ ଆଦର। ଏବେ ତାଙ୍କ ଆତ୍ମା କାହିଁକି କରିବ ହଇରାଣ ମୋତେ ? ନା' ଡରିବି ନାଇଁ, ବରଂ ଯାଏ କଥା ହେବି।

ଡରି ଡରି ପାଖକୁ ଗଲି। ପଚାରିଲି--- କିଏ ? ସେଇଠି କିଏ ? ସାବି ଖୁଡୀ କି ?

ସେ ହସିଲେ। କିଛି କହିଲେ ନି। ମୋର ଯେ ଅବସ୍ଥା ଖରାପ। ପଚାରିଲି ପୁଣି --- ତମେ ସାବି ଖୁଡୀ ତ ?

--- ଆରେ ମୋତେ ଚିହ୍ନି ପାରୁନୁ କିରେ। ମୁଁ ପରା ତାଙ୍କ ବଡ ବୋହୂ ମାନେ ତ ବଡ ଭାଉଜ -- ବେବିନା। ବୋଉ ନାଇଁ ବୋଲି ଘରେ 'ମାଣ' ବସେଇବାକୁ ଛୁଟି ନେଇ ଆସିଛୁ ଆମେ ସପରିବାର। ଆଜି ବୁଧବାର ରାତିରେ ଝୋଟି ଦେଲେ ସିନା ଗୁରୁବାର ସକାଳକୁ ନଥିବ ଝଞ୍ଜଟ। ପୂଜା ସରିବ ସଅଳ। ଆଉ ତୁ -- କେତେବେଳେ ଆସିଲୁଣି।ଏଇଠି କାହାକୁ ହେସ୍ ହାସ୍ କରୁଛୁ। ଘରକୁ ଯାଉନୁ।

ପିଣ୍ଡରେ ପ୍ରାଣଟା ପସିଲା। ହସିବି କି କାନ୍ଦିବି କିଛି ବୁଝି ପାରୁ ନଥିଲେ ବି ଗୋଟିଏ କଥା ତ ବୁଝି ପାରୁଥାଏ --- ବେଳ ପଡିଲେ ଘରର ବଡବୋହୂବି ଉହ୍ଲେଇ ଆସେ ବୋଉ ଭୂମିକାରେ ପରିସ୍ଥିତିକୁ ନେଇ।

+ଟେନସା, ସୁନ୍ଦରଗଡ-୭୭୦୦୪୨,
ମୋ-୯୪୩୭୭୧୮୫୦୦

# ରାଜ୍ୟର ଦୁର୍ଗମ ଅଞ୍ଚଳର ଗାଁରେ ଅସୁରକ୍ଷିତ ସ୍କୁଲ ଗୃହ, ନାହିଁ ପାନୀୟ ଜଳ ସୁବିଧା



ରାୟଗଡ଼ା, ୨୪/୧୨ (ନି.ପ୍ର): ସଦର ବ୍ଲକରେ ଏଭଳି ଗ୍ରାମ ରହିଛି ଯେଉଁଠି ଆଜି ବି ସରକାରୀ ଯୋଜନା ସାତସପନ। ଏଠାରେ ଦେଖିବାକୁ ମିଳେ ଶିକ୍ଷାର ବିକଳ ଚିତ୍ର। ଶିକ୍ଷକ ଥିଲେ ଶ୍ରେଣୀ ଗୃହ ନାହିଁ। ସେହିପରି ପିଲା ଥିଲେ ଶିକ୍ଷକଙ୍କର ଅଭାବ ଦେଖିବାକୁ ମିଳେ। ଏଭଳି ଏକ ଗ୍ରାମ ହେଉଛି ଗୁମ୍ମା ପଞ୍ଚାୟତର ଲେଲିବାଡି ଗ୍ରାମ। ଶୁକ୍ରବାର ରାଜ୍ୟପାଳ ରଘୁବର ଦାସ ଏହି ପଞ୍ଚାୟତର ପରିଦର୍ଶନକୁ ଯାଇଥିଲେ।ଏଠାରେ ମାଳମାଳ ସମସ୍ୟା ଦେଖି ତୁରନ୍ତ ପୂରଣ ନେଇ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ସମସ୍ୟା ମଧ୍ୟରୁ ଶିକ୍ଷା ବଡ ସମସ୍ୟା ହୋଇ ଉଠିଛି। ଏହି ଗ୍ରାମରେ ରହିଛି ପ୍ରାଥମିକ ସ୍କୁଲ। ଏହି ସ୍କୁଲରେ ପ୍ରଥମରୁ ପଞ୍ଚମ ପର୍ଯ୍ୟନ୍ତ ଶ୍ରେଣୀ ରହିଛି। ୩୦ ଜଣ ପିଲାଙ୍କୁ ପାଠ ପଢାଇବା ପାଇଁ ୩ ଜଣ ଶିକ୍ଷକ ରହିଛନ୍ତି। କିନ୍ତୁ ସ୍କୁଲ ଗୃହ ଏବେ ବିପଦପୂର୍ଣ୍ଣ ଅବସ୍ଥାରେ ରହିଛି। ଗୃହର ଛାତ ଫାଟି ଆଁ ଦିଶୁଛି। ଲୁହା ରଡଗୁଡିକ ଦିଶୁଥିବା ବେଳେ ବର୍ଷା ଦିନେ ପାଣି ଗଳୁଛି। କୌଣସି ମୁହୂର୍ତ୍ତରେ ଛାତ ଗଡ଼ିପଡିବାର ସମ୍ଭାବନାକୁ ମଧ୍ୟ ଏଡାଇ ଦିଆଯାଇନପାରେ। ମାତ୍ର ଗୋଟିଏ କଠୋରୀରେ ୫ଟି ଶ୍ରେଣୀ ଚାଲିଛି। ସ୍କୁଲ ଗୃହଟି ବିପଦପୂର୍ଣ୍ଣ ଅବସ୍ଥାରେ ରହିଥିବାରୁ ଅଭିଭାବକମାନେ ସ୍କୁଲକୁ ପିଲାଙ୍କୁ ଛାଡିବାକୁ ଅମଙ୍ଗ ହେଉଥିବା ଲକ୍ଷ୍ୟ କରାଯାଇଛି। ବାରମ୍ବାର ଏନେଇ ବିଇଓ ଏବଂ ଜିଲ୍ଲା ଶିକ୍ଷାଧିକାରୀଙ୍କୁ ଅବଗତ କରାଯାଉଥିଲେ ମଧ୍ୟ କର୍ଣ୍ଣପାତ କରୁନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମରେ ଶିକ୍ଷା ଠାରୁ ବଳି ଯାଇଛି ପାନୀୟ ଜଳ ସଂକଟ। ଗ୍ରାମରେ ପ୍ରାୟ ୭୦ ପରିବାର ବସବାସ କରୁଥିବା ବେଳେ ୩୦୦ରୁ ଊର୍ଦ୍ଧ୍ୱ ଲୋକ ରହୁଛନ୍ତି। ତେବେ ଏମାନଙ୍କ ପାଇଁ ପିଇବା ପାଣିର କୌଣସି ଉତ୍ସ ନାହିଁ। ଝରଣା ପାଣି ଉପରେ ଦୀର୍ଘ ବର୍ଷ ହେଲା ଏମାନେ ଭରସା କରି ରହିଛନ୍ତି। ଫଳରେ ବହୁ ସମୟରେ ସଂକ୍ରାମକ ରୋଗର ଶିକାର ମଧ୍ୟ ହେଉଥିବା ଗ୍ରାମବାସୀ କହିଛନ୍ତି। ପ୍ରତିଦିନ ସକାଳୁ ଗ୍ରାମର ମହିଳାମାନେ ପାଖରେ ଥିବା ଏକ ଝରଣାକୁକ ଯାଇ ପାଣି ସଂଗ୍ରହ କରି ଘରକୁ ଆଣନ୍ତି। ଏହି ପାଣିରେ ରୋଷେଇ ହୋଇଥାଏ। ଏହି ପାଣିକୁ ଲୋକେ ପିଅନ୍ତି। ଏନେଇ ରାୟଗଡା ବିଡିଓଙ୍କୁ ମଧ୍ୟ ଅବଗତ କରାଯାଇଥିଲା। କିନ୍ତୁ ପ୍ରତିଶ୍ରୁତି ଦେଇ ଓହରି ଯାଇଛନ୍ତି ବୋଲି ଗ୍ରାମବାସୀ କହନ୍ତି। ପୁଣି ଗ୍ରାମକୁ ଯିବାକୁ ହେଲେ ପକ୍କା ରାସ୍ତାଟିଏ ନାହିଁ। ପଞ୍ଚାୟତ ସଦର ମହକୁମା ଠାରୁ ଲେଲିବାଡି ଗ୍ରାମଟି ପ୍ରାୟ ୬ କିଲୋମିଟର ହେବ। ଜଂଗଲିଆ ରାସ୍ତା ଦେଇ ଗ୍ରାମରେ ପହଞ୍ଚିବାକୁ ପଡ଼େ। ସରକାରଙ୍କର ମାଳମାଳ ଯୋଜନା ଏମାନଙ୍କ ପାଇଁ ଯେପରି ସ୍ୱପ୍ନ ପାଲଟିଯାଇଛି। ପ୍ରଶାସନ ତରଫରୁ ଗାଁକୁ ରାସ୍ତା ଏବଂ ପାନୀୟ ଜଳର ସୁବିଧା କରାଯାଉଥିବା ଡେଙ୍ଗୁରା ପିଟାଯାଉଛି। ଗ୍ରାମବାସୀ ସରକାର ଏବଂ ପ୍ରଶାସନ ନିକଟରେ ଗୁହାରି କରିଥକିପଡିବା ପରେ ଶୁକ୍ରବାର ରାଜ୍ୟପାଳ ପଞ୍ଚାୟତକୁ ଆସିଥିବା ସମୟରେ ସବୁ ସମସ୍ୟା ତାଂକ ନିକଟରେ ଓଜାଡି ଦେଇଥିଲେ। ରାଜ୍ୟପାଳ ମଧ୍ୟ ରାୟଗଡ଼ା ଏକ ପଛୁଆ ଜିଲ୍ଲା ଭାବେ ଏଥିପାଇଁ ରହିଥିବା ସ୍ୱୀକାର କରିଥିଲେ। ଗାଁ ବିକାଶ ହେଲେ ରାଜ୍ୟ ଓ ଦେଶ ବିକାଶ ହେବ ବୋଲି କହିଥିଲେ ରାଜ୍ୟପାଳ ଶ୍ରୀ ଦାସ। ଲୋକେ ବାଧ ହୋଇ ପଡ଼ୋଶୀ ରାଜ୍ୟ ଉପରେ ନିର୍ଭର କରୁଥିବା ସେ ପୁଣି ଦୋହରାଇଥିଲେ। ଦୁର୍ଗମ ଗ୍ରାମଗୁଡ଼ିକରେ ପିଇବା ପାଣଇର ଅଭାବ ହେଉଥିବା ବେଳେ ଚାଷ ପାଇଁ ପାଣି କେଉଁଠୁ ଆସିବ ବୋଲି ଗ୍ରାମବାସୀ କହିଥିଲେ। ସେହିପରି ଗାଁକୁ ରାସ୍ତା ହେଲେ ହିଁ ବିକାଶ ସମ୍ଭବ ବୋଲି କୁହାଯାଇଛି। ତେବେ ଏହି ଗ୍ରାମର ଉନ୍ନତି କେବେ ହେବ ତାହା ଦେଖିବାକୁ ବାକି ରହିଲା।

# ଯୁବ ଓଡ଼ିଶା ନବୀନ ଓଡ଼ିଶା ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଓ ସଚେତନତା କାର୍ଯ୍ୟକ୍ରମ




ବନ୍ତ/ଭଦ୍ରକ, ୨୪/୧୨ (ନି.ପ୍ର): ଭଦ୍ରକ ବ୍ଲକ ବରପଦା ସ୍ଥିତ କମଳା କିଶୋରୀ ରାଉତ ମହିଳା ଉଚ୍ଚ ମାଧମିକ ବିଦ୍ୟାଳୟ ତରଫରୁ ଓଲଙ୍ଗ ସ୍ଥିତ ମିନି ଷ୍ଟାଡିୟମ ଠାରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଅଛି, ଏହା ସହିତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଛାତ୍ର ଛାତ୍ରୀଙ୍କ ଦ୍ୱାରା ସଡ଼କ ସୁରକ୍ଷା ଜୀବନ ରକ୍ଷା ଓ ବୃକ୍ଷ ହିଁ ଜୀବନ, ଗୋଟେ ମଣିଷକୁ ଗୋଟେ ହିଁ ବୃକ୍ଷ ରାଲି ମାଧମରେ ସଚେତନତା କରିଥିଲେ, ଆଜି ମିନି ଷ୍ଟାଡିୟମରେ ଅନୁଷ୍ଠିତ କ୍ରୀଡ଼ାରେ ଏକ ସଚେତନତା ସଭାରେ ଉଚ୍ଚ ମାଧମିକ ବିଦ୍ୟାଳୟର ଅଧକ୍ଷ ରାଜେନ୍ଦ୍ର କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଗଜେନ୍ଦ୍ର ଭାରତୀ, ରବୀନ୍ଦ୍ର କୁମାର ନାୟକ, ଶଶିକାନ୍ତ ପଣ୍ଡା, ଅମୁଲ୍ୟ ମହାପାତ୍ର, ବିଜୟ କୁମାର ସାମଲ, ସୁପ୍ରଭା ରାଉତ,ଅଶୋକ କୁମାର ରାଉତ ପ୍ରମୁଖ ଯୋଗ ଦେଇ କ୍ରୀଡ଼ା ବିତଙ୍କୁ ଉତ୍ସାହିତ କରିବା ସହିତ, ପିଲା ମାନଙ୍କର ଲୋକୟୀତ ପ୍ରତିଭା କୁ ଲୋକଲୋଚନକୁ ଆଣିବାକୁ ସହାୟକ ହୋଇଥାଏ ବୋଲି ଅତିଥି କହିଥିଲେ। ଏହି କ୍ରୀଡ଼ାରେ ଛାତ୍ରୀ ମାନେ, ଖୋଖୋ , କବାଡ଼ି, ବ୍ୟାଡ଼ ମିଟନ, ଦୌଡ଼, ଲଙ୍ଗ ଜମ୍ପ, ହାଇ ଜମ୍ପ, ସମେତ ବିଭିନ୍ନ କ୍ରୀଡ଼ାରେ ଭାଗ ନେଇଥିଲେ। ଉକ୍ତ ଖେଳ ଗୁଡିକ ପୂର୍ବତନ ଖେଳ ଶିକ୍ଷକ ଗଜେନ୍ଦ୍ର ଭାରତୀ, ରବିନ୍ଦ୍ର ନାଥ ନାୟକ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମ ନୋଡାଲ ଅଫିସର ଭାବରେ ଅଶ୍ୱିନୀ କୁମାର ପୁହାଣ କାର୍ଯ୍ୟ ତୁଲାଇ ଥିବା ବେଳେ, ଘନଶ୍ୟାମ ସାହୁ, ପ୍ରତିଜ୍ଞା ପଣ୍ଡା,ବଙ୍କୀମ ଚନ୍ଦ୍ର ନାୟକ, ରମେଶ ଚନ୍ଦ୍ର ଖୁଣ୍ଟିଆ, ରମେଶ ଚନ୍ଦ୍ର ନାୟକ, ସୁଦର୍ଶନ ପ୍ରଧାନ, ଭରତ ଚନ୍ଦ୍ର ଜେନା, ସବିତା ଘଡ଼େଇ, ସମସ୍ତ କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ।

# ବେତନଟୀ ପ୍ରିମିୟର ଲିଗ୍: ବାହାନଡା ଟାଇଗର ଓ ମାଣତ୍ରୀ ଟାଇଟନ ବିଜୟ




ବେତନଟୀ, ୨୪/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୦ ର ପଞ୍ଚମ ଦିନରେ ଦୁଇଗୋଟି ମ୍ୟାଚ ହୋଇଥିବା ବେଳେ ପ୍ରଥମଟି ବାହାନଡା ଟାଇଗର ଏବଂ ଶିମିଳିପାଳ ଟାଇଗର ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଟି ମାଣତ୍ରୀ ଟାଇଟନ ଏବଂ ଆଦି ଷ୍ଟ୍ରାଇକର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ଶିମିଳିପାଳ ଟାଇଗର ୨୦ ଓଭର ୮ ଉଇକେଟ ହରାଇ ୧୪୫ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୧୪୬ ରନର ବିଜୟଲକ୍ଷ କରି ବାହାନଡା ଟାଇଗର ୧୯.୧ ଓଭର ରେ ୯ ଉଇକେଟ ହରାଇ ମାତ୍ର ୧୪୬ ରନ କରି ବିଜୟ ଲାଭ କରିଥିଲା । ବାହାନଡା ଟାଇଗର ର ଖେଳାଳି ୪ ଉଇକେଟ ନେଇଥିବା ସୁବାଷିସ ଧର ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ଆଦି ଷ୍ଟ୍ରାଇକର ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୨୬ ରନ ସଂଗ୍ରହ କରଥିଲା । ୧୨୭ ରନର ବିଜୟଲକ୍ଷ ରଖି ପଡିଆକୁ ଓଲ୍ହାଇଥିବା ମାଣତ୍ରୀ ଟାଇଗର ମାତ୍ର ୧୮.୨ ଓଭରରେ ୭ ଉଇକେଟ ହରାଇ ୧୨୮ ରନ କରି ବିଜୟ ଲାଭ କରିଥିଲା । ବାହାନଡା ଟାଇଗର ର ୩ ଉଇକେଟ ନେଇଥିବା ଅଜୟ ଦାସ ଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା । ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କୃତି ଖେଳାଳିଙ୍କୁ ଯୁବ ବ୍ୟବସାୟୀ ପ୍ରଦୀପ ମହାପାତ୍ର ଓ ପୂର୍ବତନ ଖେଳାଳୀ ଅଜୟ ସେଜପଡା ପୁରସ୍କୃତ କରିଥିଲେ । ଏହି ଖେଳକୁ କେ ଇନ୍ଦ୍ରଜିତ ପ୍ରସାଦ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ । ସ୍କୋର ଦାଇତ୍ୱ ରେ ସଞ୍ଜପ ରାଉତ ଓ ଅନଲାଇନ ସ୍କୋର ଭାବରେ ଗୌରବ ନାଥ , ସମ୍ବିତ ପୁହାଣ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମ କୁ କ୍ଲବ ର ସମସ୍ତ ସଦସ୍ୟ ସକ୍ରିୟ ସହଯୋଗ କରୁଛନ୍ତି।

# ଚିତ୍ରାରାଣୀ ପାତ୍ରଙ୍କ ଚାରିଗୋଟି ପୁସ୍ତକ ଲୋକାର୍ପିତ



ବାଲେଶ୍ୱର, ୨୪/୧୨ (ନି.ପ୍ର): ଫକୀରମୋହନ ସାହିତ୍ୟ ପରିଷଦ ଆନୁକୂଲ୍ୟରେ ଶାନ୍ତିକାନନଠାରେ ପରିଷଦର ସଭାପତି ଡ. ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ କବୟିତ୍ରୀ ଚିତ୍ରାରାଣୀ ପାତ୍ରଙ୍କର ଗଳ୍ପଗ୍ରନ୍ଥ 'ମୋ ଚାରିପଟର ଦୁନିଆ', ପ୍ରେମକବିତା ସଂକଳନ 'ମଧୁକ୍ଷରା', ବିବିଧ କବିତାର ସମାହାର 'ଜଉଘର' ଓ ଭକ୍ତିମୂଳକ କବିତା 'ଭକ୍ତିସୁମନ' ଅତିଥିମାନଙ୍କର ଗହଣରେ ଲୋକାର୍ପିତ ହୋଇଯାଇଛି। ଯଶସ୍ୱୀ କବୟିତ୍ରୀ ଯଶୋଧାରା ଦାସ ଉନ୍ମୋଚିକା ଭାବରେ ଯୋଗ ଦେଇଥିବାବେଳେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ତଥା ସାରସ୍ୱତ ସାଧକ ଡାକ୍ତର ଚୌଧୁରୀ ସତ୍ୟବ୍ରତ ନନ୍ଦ ମୁଖ୍ୟଅତିଥି ଭାବେ ଯୋଗଦାନ କରିଥିଲେ। ପରିଷଦର ପ୍ରାକ୍ତନ ସଭାପତି ଡ. ଶିରୀଶ ଚନ୍ଦ୍ର ଜେନା ପୁସ୍ତକଗୁଡ଼ିକ ସମୀକ୍ଷା କରିଥିଲେ। ପ୍ରଫେସର ପ୍ରଫୁଲ୍ଲ ବଦନ ଦତ୍ତ ସମ୍ମାନିତ ଅତିଥି ଭାବେ ନିଜର ବକ୍ତବ୍ୟ ରଖିଥିଲେ। ଚିତ୍ରାରାଣୀ ପାତ୍ର ଲେଖକୀୟ ବକ୍ତବ୍ୟ ପ୍ରଦାନ କରିଥିବାବେଳେ ସଂପାଦକ ଦୀପକ ବୋଷ ପ୍ରାକ୍‌କଥା ରଖିଥିଲେ। ଯୁଗ୍ମ ସଂପାଦକ ଡ. ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚ ଆବାହନ କରିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଦିବଂଗତ ବିଶିଷ୍ଟ ସାରସ୍ୱତ ସାଧକ ପ୍ରଦୀପ୍ତ କୁମାର ଦାସଙ୍କ ଉଦ୍ଦେଶ୍ୟରେ ଦୁଇମିନିଟ ନିରବ ପ୍ରାର୍ଥନା କରାଯାଇଥିଲା। ଶାନ୍ତିନିକେତନରେ ଅବସ୍ଥାପିତ ପ୍ରଫେସର ଅରୁଣ ରଂଜନ ମିଶ୍ରଙ୍କୁ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ଘୋଷଣା ହୋଇଥିବାରୁ ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଶେଷରେ ଅମୂଲ୍ୟ ରତନ ଦତ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦୀନବନ୍ଧୁ ଲେଙ୍କା, ମମତା ମହାପାତ୍ର, କଲ୍ୟାଣୀ ନନ୍ଦ, ସଂଜୟ କୁମାର ପଣ୍ଡା, ତପନ ରାୟ, ନିବାରଣ ଜେନା, ଡ. ଭାଗବତ ପ୍ରସାଦ ଦାସ, ପ୍ୟାରୀମୋହନ ପାତ୍ର, ନିରଂଜନ ବେହେରା, ଡ. କ୍ଷିତୀଶ୍ୱର ଦାଶ, ପ୍ରଫୁଲ୍ଲ କୁମାର ଦାସ, ରମାକାନ୍ତ ମହାନ୍ତି, କମଳାକାନ୍ତ ଦାଶ, ଶିବଶଙ୍କର ନନ୍ଦୀ, ନିତ୍ୟାନନ୍ଦ ରାଉତ, ସୁଷମା ମହାପାତ୍ର, ଅଂଜଳି ପଣ୍ଡା, ଅରୁଣା ରାୟ, ମାମିନା ମହାପାତ୍ର, ଶେଫାଳି ତ୍ରିପାଠୀ, ଜ୍ୟୋତ୍ସ୍ନା ରାୟ, ଶରତ କୁମାର ମହାପାତ୍ର, ପୁଷ୍ପଲତା ଚକ୍ରବର୍ତ୍ତୀ, ଜୁମରନାଥ ପାତ୍ର, ଦିଲ୍ଲୀପ ଚକ୍ରବର୍ତ୍ତୀ, ଶାନ୍ତନୁ ଦାସ, ଉର୍ମିଳା ନାୟକ, ବନ୍ଦନା ଦାସ, କରୁଣାକର ସ, ସଙ୍ଗୀତା ବାରିକ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ, ପୀତାମ୍ବର ଦାସ, ପ୍ରଣୀତା ମିଶ୍ର, ଶର୍ମିଷ୍ଠା ଦତ୍ତ, ବିଜୟ କୁମାର ପାଣିଗ୍ରାହୀ, ସତ୍ୟଜିତ ମିଶ୍ର, ସୁରେନ୍ଦ୍ରନାଥ ଦାସ, ରାଜେଶ ମହାପାତ୍ର, ଲକ୍ଷ୍ମୀକାନ୍ତ ବେହେରା, ଲମ୍ବୋଦର ନାୟକ, ଲକ୍ଷ୍ମଣ ଚରଣ ବିଶ୍ୱାଳ, ମଧୁସୂଦନ ମାଝୀ, ତ୍ରିଦିବ ନାୟକ, ମନ୍ମଥ ସାହୁ, ମନୋରଂଜନ ନାୟକ, ଶାନ୍ତିଲତା ପଣ୍ଡା, ଶାନ୍ତି ବିଶି, ସୁବ୍ରତା ମହାନ୍ତି, ଅମିତା ଚାନ୍ଦ, କୃଷ୍ଣା କୁମାରୀ ଦତ୍ତ, ତପସ୍ୱୀ ଦତ୍ତ, ସବିତା ଦତ୍ତ, ଗୌରବ ଦତ୍ତ, ମମତା ଦାସ, ଅବନ୍ତୀ ପ୍ରଧାନ ଓ ବେଣୁଧର ସାହୁ ପ୍ରମୁଖ ବହୁ ସାହିତ୍ୟିକ ଓ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ମଧୁସୂଦନ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ

ନୀଳଗିରି : , ୨୪/୧୨ (ନି.ପ୍ର): ବରହମପୁର ବାଉଁଶପାଳ ସ୍ଥିତ ମଧୁସୂଦନ ପବ୍ଲିକ୍ ସ୍କୁଲର ନବମ ବାର୍ଷିକ ଉତ୍ସବ ଶ୍ରୀମତୀ ଶକୁନ୍ତଳା ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ସଙ୍ଗୀତ ନିର୍ଦ୍ଦେଶକ ଅମୃତାଂଶୁ ପଟ୍ଟନାୟକ, ମୁଖ୍ୟବକ୍ତା ଡ଼. ଅକ୍ଷୟ ପାଣିଗ୍ରାହୀ, ସମ୍ମାନୀତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଅନ୍ତର୍ଯ୍ୟାମୀ ବୁଗୁଡ଼ାଇ, ଅନୁଷ୍ଠାନର ପ୍ରତିଷ୍ଠାତା ଇଂ ମାନସ ରଞ୍ଜନ ଜେନା ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ଅଧକ୍ଷା ସୁଶ୍ରୀ ସୁଚରିତା ଜେନା ଅତିଥି ପରିଚୟ ସହିତ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷୟତ୍ରୀ ରେଣୁକା ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ଜ୍ଞାନେନ୍ଦ୍ର ମଲ୍ଲିକ, ଶିକ୍ଷୟତ୍ରୀ ଅଭିଲିପ୍ସା ବେହେରା, ରଶ୍ମିରଞ୍ଜିତା ବେହେରା, ତନୁଶ୍ରୀ ମହୁରିଆ, ସେବିକା ରେବତୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ। ନୃତ୍ୟଗୁରୁ ପ୍ରଭୁପ୍ରସାଦ ଦାସଙ୍କ ପ୍ରଶିକ୍ଷଣରେ ଅନୁଷ୍ଠାନର ଛାତ୍ରଛାତ୍ରୀ ଓ ଅଭିଭାବକ ମା ମାନେ ନୃତ୍ୟ ପରିବେଷଣ କରିଥିଲେ।

# କାଳିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉତ୍ସବ ଉଦ୍‌ଘାଟିତ



ଲଙ୍ଗଳେଶ୍ୱର, ୨୪/୧୨ (ନି.ପ୍ର): ଅତୀତ ସ୍ମୃତିର ରୂପା ଜହ୍ନ । ଏହା ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ପାଇଁ ଅତୀତ ଦିନକୁ ମନେ ପକେଇବାର ଅବସର । ଯେଉଁ ବିଦ୍ୟାଳୟ ତପୋବନ ପରି ମୁନିଋଷିଙ୍କର ଆଶୀର୍ବାଦ ପାଇ ଖ୍ୟାତନାମା ଶିଷ୍ୟମାନଙ୍କୁ ଜନ୍ମ ଦିଏ ସେ ବିଦ୍ୟାଳୟ କେବେ ଅତୀତ ଗର୍ଭରେ ଲୀନ ହୋଇପାରେନାହିଁ । ଏହା ସଦା ସର୍ବଦା ଚିରସବୁଜ ଯାଜ୍ଞଲ୍ୟମାନ ଏବଂ ସ୍ମୃତିର ଚିରଞ୍ଜୀବୀ ଆଲେଖ୍ୟ । ଏହି ହୀରକ ଜୟନ୍ତୀ ଉତ୍ସବର ମହାମାନ୍ୟ ବକ୍ତାମାନେ ସେମାନଙ୍କ ଉଦଘାଟନୀ ଭାଷଣରେ ଉପରୋକ୍ତ ମତବ୍ୟକ୍ତ କରିଥିଲେ । ବାଲିଆପାଳ ବ୍ଲକ ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ କାଳିଚରଣ ସରକାରୀ ଉଚ୍ଚ ବିଦ୍ୟାଳୟର ହୀରକ ଜୟନ୍ତୀ ଉଦଘାଟନ ଉତ୍ସବରେ ଉତ୍ସବ କମିଟି ସଭାପତି ଡ. ସଞ୍ଜୟ କୁମାର ଦେ ପୌରୋହିତ୍ୟ କରିଥିଲେ । ମୁଖ୍ୟ ଅତିଥି ଭାବେ କର୍ଣ୍ଣେଲ କ୍ଷେତ୍ରମୋହନ ମହାପାତ୍ର, ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ କବି ପ୍ରଶାନ୍ତ ଦାସ, ସମ୍ମାନିତ ବକ୍ତା ସାହିତ୍ୟିକ ତଥା କବି ବ୍ରଜେନ୍ଦ୍ର ନାଥ ଗିରି, ବିଶିଷ୍ଟ ବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡ. ବିଜୟ କୁମାର ଦେ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ରଖିଥିଲେ । ପ୍ରଧାନଶିକ୍ଷକ ରମାନାଥ ପାତ୍ର ବିଦ୍ୟାଳୟର ଦୀର୍ଘ ୬୨ବର୍ଷର ଐତିହାସିକ ବିବରଣୀ ପାଠ କରିଥିଲେ । ପୁରାତନ ଛାତ୍ର ଶିକ୍ଷାବିତ୍ ଯୁଗଳ କିଶୋର ପାତ୍ର ସ୍ୱାଗତ ଅଭିଭାଷଣ,ଆଲୁମିନି ସଭାପତି ନିଶିଥ୍ କୁମାର ଦେ ମଞ୍ଚ ଆହ୍ୱାନ ଅତିଥି ପରିଚୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀମାନେ ସ୍ୱାଗତ ସଂଗୀତ ଓ ବନ୍ଦେ ଉତ୍କଳ ଜନନୀ ପରିବେଷଣ କରିଥିଲେ । ପୁରାତନ ଛାତ୍ର ସୁଶାନ୍ତ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ପୁରାତନ ଗୁରୁମାନଙ୍କୁ ଏହି ଅବସରରେ ଗୁରୁପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପୂଜ୍ୟଗୁରୁ ରାଖାଲ ଚନ୍ଦ୍ର ମାହାନା, କୃଷ୍ଣଚନ୍ଦ୍ର ପାତ୍ର, ଶ୍ୟାମସୁନ୍ଦର ପାଣିଗ୍ରାହୀ, ତାରାକାନ୍ତ ଭଦ୍ର, ରମେଶ ଚନ୍ଦ୍ର ଦେ, ନରହରି ମହାନ୍ତି, ପୂର୍ଣ୍ଣଚନ୍ଦ୍ର ନାୟକ, ସଚ୍ଚିନ୍ଦ୍ରନାଥ ଜେନା, ଅମୂଲ୍ୟ କୁମାର ରଣା, ଗଣପତି ଦେ, ଗୌରୀଶଙ୍କର ପାଲ, ବିଜୟ କୁମାର ମହାପାତ୍ର, ଶଶଧର ପାଣିଗ୍ରାହୀ, ପ୍ରଦୀପ ପ୍ରମାଣିକ, ସଚ୍ଚିନ୍ଦ୍ର କୁମାର ମହାନ୍ତି ,ପିଅନ ଯଜ୍ଞିନ୍ଦ୍ର ନାଥ ବାରିକ ପ୍ରମୁଖଙ୍କୁ ଉପଢୌକନ ଏବଂ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀ, ଅଣ ଶିକ୍ଷକ, ପୁରାତନ ଛାତ୍ରଛାତ୍ରୀ, ଆଲୁମିନି ସଦସ୍ୟ ଏବଂ ସଦସ୍ୟାମାନେ ତଥା ବର୍ତ୍ତମାନର ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସମଭାବରେ ସମସ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗର ହାତ ବଢାଇଛନ୍ତି । ଅପରାହ୍ନରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ରାତ୍ରୀରେ ମେଲୋଡି ପରିବେଷଣ ହୋଇଥିଲା।

## ଓଡିଶା ସବୁଜ ପତ୍ରିକା ମହାସଂଘ ବୈଠକ

ଭଦ୍ରକ, ୨୪/୧୨ (ନି.ପ୍ର): ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ଦକ୍ଷିଣବାଡ ପ ।ୟତ ସୁନାହର ଗ୍ରାମରେ ଓଡିଶା ସବୁଜ ପତ୍ରିକା ମହାସଂଘ ଜିଲ୍ଲାସ୍ତରୀୟ ବୈଠକ ଶନିବାର ଜିଲ୍ଲା ସମ୍ପାଦିକ ତପସ୍ୱନୀ ପରିଡା ଓ ସଂଯୋଜକ ତାପସ କୁମାର ପରିଡାଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇ ବିଧାନସଭା ସମ୍ମୁଖରେ ସଂଘ ପକ୍ଷରୁ ଅନୁଷ୍ଠିତ ଧାରଣାର ପରବ କାର୍ଯ୍ୟପନ୍ଥା ନିର୍ଦ୍ଧାରଣ କରାଯାଇଥିଲା। ସରକାରଙ୍କ ପ୍ରତିଶ୍ରୁତି ଫଳବତୀ ନହେଲେ ବିକଳ୍ପ ପଦକ୍ଷେପ ସମ୍ପର୍କରେ ବିଚାର ଆଲୋଚନା କରାଯାଇ ରାଜ୍ୟ ସଭାନେତ୍ରୀ ଲକ୍ଷ୍ମୀଦେବୀଙ୍କୁ ଅବଗତ କରାଯାଇଥିଲା। ଏଥିରେ ଧାମନଗର, ବାସୁଦେବପୁର, ବନ୍ତ ଓ ଭଣ୍ଡାରିପୋଖରୀ ବ୍ଲକ ସଂଯୋଜିକାମାନେ ସକ୍ରିୟ ଅଂଶଗ୍ରହଣ କରିଥିଲେ।

# କୋରେଇ ବ୍ଲକ ଯୁବ ବିଜେଡ଼ିର ପୂର୍ଣ୍ଣାଙ୍ଗ କମିଟି ଗଠିତ

କୋରେଇ, ୨୪/୧୨ (ନି.ପ୍ର): ବିଜୁ ଜନତା ଦଳ ରାଜ୍ୟ ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ଏବଂ କୋରେଇ ବିଧାୟକଙ୍କ ସହମତିରେ ଯୁବ ବିଜେଡ଼ିର ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇଛି। ଏନେଇ କୋରେଇ ବ୍ଲକ ଯୁବ ବିଜେଡ଼ି ସଭାପତି ସୌଭାଗ୍ୟ କୁମାର ମହାନ୍ତି ବ୍ଲକ କମିଟି ଓ ୨୮ ଗୋଟି ପଂଚାୟତର ଯୁବ ସଭାପତିମାନଙ୍କୁ ମନୋନିତ କରିଥିବା ସୂଚନା ଦେଇଛନ୍ତି। ବ୍ଲକ ଯୁବ ଉପସଭାପତି ଭାବେ ସନ୍ତୋଷ କୁମାର ସ୍ୱାଇଁ, ସ୍ମୃତିରଂଜନ ପତ୍ରୀ, ସତିଶ ଧଳ, ପ୍ରକାଶ କୁମାର ଦାସ, କାଳନ୍ଦୀ ଜେନା, ସନ୍ତୋଷ ମହାକୁଡ଼, ଅଜୟ କୁମାର ନାୟକ, ଗୌରାଙ୍ଗ ନାୟକ, ବସନ୍ତ କୁମାର ମହାକୁଡ, ସାଧାରଣ ସମ୍ପାଦକ ଭାବେ ଆଲୋକ କୁମାର ରାଉତରାୟ, ପ୍ରଦୀପ କୁମାର ମାଝୀ, ମହମ୍ମଦ ରଫିକ୍, ସୁରେଶ ପରିଡ଼ା, ଶ୍ରୀବତ୍ସ ମାଝୀ, ପ୍ରାର୍ଥ ସାରଥି ଜେନା, ଚନ୍ଦ୍ରକାନ୍ତ ଭୂୟାଁ, ରୁବିନା ପରବିନ, ଅକ୍ଷୟ କୁମାର ସ୍ୱାଇଁ ଓ ସମ୍ପାଦକ ଭାବେ ମନୋରଞ୍ଜନ ଦାସ, ମହମ୍ମଦ ଅରସଦ ହୁସେନ, ହେମନ୍ତ ବାହାଲିଆ, ପ୍ରଫୁଲ୍ଲ କୁମାର ସାହୁ, ଲଳିତ ମହାନ୍ତି, ପ୍ରକାଶ ମାଝୀ, ପ୍ରମୋଦ ସାହୁ, ଜଜାତି ସାହୁ, ଦୋଲେଶ୍ୱର ଦାସ ଏବଂ ୨୮ ପଂଚାୟତର ଯୁବ ସଭାପତି ଭାବେ ଅନ୍ଧାରୀ ପଂଚାୟତର ରବିନ୍ଦ୍ର ସିଂ, କାଚରାସାହି ପଂଚାୟତ ଅମୂଲ୍ୟ କୁମାର ପୃଷ୍ଟି, କନ୍ତୋର ପଂଚାୟତ ଜୟନ୍ତ କୁମାର ନାୟକ, ପାଟରଙ୍ଗା ପଂଚାୟତ ପିତବାସ ଦାସ, ପଛିକୋଟ ପଂଚାୟତ ଶୀଧର ପଥାଳ, ରଣପୁର ପଂଚାୟତ ଗୋଲକ ମଲିକ, ତାହାରପୁର ପଂଚାୟତ ବିରସେନ ସାହୁ, ତାଳଗଡ଼ିଆ ପଂଚାୟତ ବିକ୍ରମ କୁମାର ଜେନା, ତୁଳତୀ ପଂଚାୟତ ଜିତେନ୍ଦ୍ର କୁମାର ନାୟକ, ଅମୃତିଆ ପଂଚାୟତ ମନୋଜ କୁମାର ଲେଙ୍କା, ବନ୍ଦାଲୋ ପଂଚାୟତ କାର୍ତିକେଶ୍ୱର ସାହୁ, ବରୁଣ୍ଡେଇ ପଂଚାୟତ ଗିରିଜାଶଙ୍କର ପତି, ଧନେଶ୍ୱର ପଂଚାୟତ ହରେକୃଷ୍ଣ ପଟ୍ଟନାୟକ, ଗୌରପୁର ପଂଚାୟତ ସନ୍ତୋଷ କୁମାର ଶତପଥି, ହଳଦୀଗଡ଼ିଆ ପଂଚାୟତ ସଂଜୟ କୁମାର ନାୟକ, ମୁକୁନ୍ଦପୁର ପଂଚାୟତ ପ୍ରଶାନ୍ତ କୁମାର ମହାପାତ୍ର, ସାଦକପୁର ପଂଚାୟତ ଏସ୍.କେ. ଫୁରକାନ, ତାରାକୋଟ ପଂଚାୟତ ଏସ୍.କେ. ହୋସେନ, ବଡ଼ବିରୁଆଁ ପଂଚାୟତ ରାଜକିଶୋର ପଣ୍ଡା, ଗୋଳେଇପୁର ପଂଚାୟତ ଫୁଲକ ମଲିକ, କରଦା ପଂଚାୟତ ସୁଶିଲ କୁମାର ବେହେରା, ମୂଳାପାଳ ପଂଚାୟତ ତପନ କୁମାର ନାୟକ, ପାଣିକୋଇଲି ପଂଚାୟତ ମନ୍ମଥ ପଣ୍ଡା, ପଥରପଦା ପଂଚାୟତ ପ୍ରେମଶ ଚନ୍ଦ୍ର ମହାକୁଡ଼, ତଣ୍ଡରା ପଂଚାୟତ ପ୍ରଫୁଲ୍ଲ ମହାନ୍ତି, ଖମଣ ପଂଚାୟତ ହରିଶଙ୍କର ଗୁରୁ ପ୍ରମୁଖଙ୍କୁ ମନୋନିତ କରାଯାଇଥିବା ବ୍ଲକ୍ ଯୁବ ସଭାପତି ଶ୍ରୀ ମହାନ୍ତି ପ୍ରକାଶ କରିଛନ୍ତି।

# ତୁଳସୀ ମହିଳା ମହାବିଦ୍ୟାଳୟରେ ଚକ୍ଷୁ ପରୀକ୍ଷା ଶିବିର

କେନ୍ଦ୍ରାପଡ଼ା, ୨୪/୧୨ (ନି.ପ୍ର): ତୁଳସୀ ମହିଳା ମହାବିଦ୍ୟାଳୟରେ ନୂଆ-ଓ, ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଆଧାରରେ ଏକ ଦିନିକିଆ ଚକ୍ଷୁ ପରୀକ୍ଷା ଶିବିର ମହାବିଦ୍ୟାଳୟର ଅଧକ୍ଷା ଡ଼ ପ୍ରମିଳାରାଣୀ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବରିଷ୍ଠ ଆଇନଜୀବୀ ତଥା ମହାବିଦ୍ୟାଳୟ ପରିଚାଳନା ସମିତିର ପୂର୍ବତନ ସଦସ୍ୟ ଦେବଦାସ ମହାନ୍ତି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଆହାନ ଚକ୍ଷୁ ଚିକିତ୍ସାଳୟ, ପୋହଳ, କେନ୍ଦ୍ରାପଡ଼ାର ଚକ୍ଷୁ ବିଶେଷଜ୍ଞ ଏମ୍.ଡି ହିପାଦୁର୍ ରେହମାନ୍ ଙ୍କ ନେତୃତ୍ୱରେ ଆଠଜଣିଆ ଚିକିତ୍ସା ସହାୟକ ପ୍ରାୟ ଷାଠିଏରୁ ଊର୍ଦ୍ଧ୍ୱ ରୋଗୀଙ୍କର ଚକ୍ଷୁ ପରୀକ୍ଷା କରାଯାଇ ଆବଶ୍ୟକୀୟ ପରାମର୍ଶ ପ୍ରଦାନ କରାଯାଇଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ୧୬ତମ ବାର୍ଷିକ ଉତ୍ସବ



ବସ୍ତା, ୨୪/୧୨ (ନି.ପ୍ର): ଆଜିର ସମାଜରେ ଯଣେ ସୁ ନାଗରିକ ହେବାକୁ ହେଲେ ଶିକ୍ଷା କ୍ରୀଡା ନାଚ ସଂଗୀତ ନିପୁଣ ରହିବା ସହିତ ବିନମ୍ରଭାବ ସଚୋଟ ପଣିଆ ନିତ୍ଯାନ୍ତ ଜରୁରି ବୋଲି ରମାକାନ୍ତ ବିହାର ହଳଦୀପଦାସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରେ ଷୋଡଶ ବାର୍ଷିକ ଉତ୍ସବରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି । ପରିଚାଳନାକମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ବାରିକ ଙ୍କ ପୌର ହିତ୍ୟରେ ମୂଖ୍ୟଅତିଥିଭାବେ ସଦର ବିଧାୟକ ମାନ୍ୟବର ସ୍ୱରୂପ କୁମାରଦାସ ଯୋଗ ଦେଇଥିଲେ । ମୂଖ୍ୟବକ୍ତା ବାଲେଶ୍ୱରଜିଲ୍ଲା ଶିକ୍ଷାବିକାଶ ସମିତିର ପ୍ରମୂଖ କିରଣ କୁମାର ମହାରଣା ସମ୍ମାନୀତ ଅତିଥି ଭାବେ ବସ୍ତା ପ୍ରେସକ୍ଲବର ସଭାପତି ବିଜୟକୁମାରଭୂୟାଁ ଶିଶୁ ବିଦ୍ୟାମନ୍ଦିରର ପ୍ରଧାନ ଆଚାର୍ଯ୍ୟା ଶ୍ରୀମତୀ ସାଗରିକାଜେନା. ଉପସ୍ଥିତଥିଲେ ।ଅତିଥି ପରିଚୟ ବିଦ୍ୟାମନ୍ଦିରର ସମ୍ପାଦକ ଗଣେଶ୍ୱର ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ ।ଯୁଗ୍ମ ସମ୍ପାଦକ ମହେନ୍ଦ୍ର କୁମାରସାହୁ ମଞ୍ଚ ପରିଚାଳନା କରିଥିବାବେଳେ ଉପସଭାପତି ବଂଶୀଧର ସାହୁ,କୋଷାଧ୍ୟକ୍ଷ ଶରତଚନ୍ଦ୍ର ଜେନା. ୧୨ଜଣ ଗୁରୁଜୀ ଗୁରୁମା ଉପସ୍ଥିତ ରହି ସମସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚାଳନା କରିଥିଲେ । ପ୍ରଥମରୁ ଅଷ୍ଟମ ଶ୍ରେଣି ପର୍ଯ୍ୟନ୍ତ ମୋଟ ୨୧୫ଜଣ ଛାତ୍ରଛାତ୍ରୀ ଅବିଭାବକ ଉପସ୍ଥିତଥିଲେ । ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ସାର୍ଟିଫିକେଟ ଟ୍ରଫି ଫୁଲତୋଡା ଦେଇ ସମ୍ବର୍ଦ୍ଧିତ କରିଥିଲେ । ପରିଶେଷରେ ପିଲାମାନଙ୍କଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲେ ।

# ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୨ ବ୍ୟାଚର ବନ୍ଧୁମିଳନ



ପାରାଦୀପ, ୨୪/୧୨ (ନି.ପ୍ର): ପାରାଦୀପ ପୋର୍ଟ ଟ୍ରଷ୍ଟ ହାଇସ୍କୁଲ ୧୯୯୨ ବ୍ୟାଚର ବନ୍ଧୁମିଳନ ନୂଆବଜାରସ୍ଥିତ ପୋର୍ଟ କ୍ଲବ୍ ପରିସରରେ ଅନୁଷ୍ଠିତ ହୋଇଯାଇଛି । ୧୫୦ ରୁ ଉର୍ଦ୍ଧ ଛାତ୍ରଛାତ୍ରୀମାନେ ପରିବାର ସହିତ ବନ୍ଧୁ ମିଳନରେ ଯୋଗ ଦେଇଥିଲେ। ଏହି ଅବସରରେ ସାଂସ୍କୃତି କାର୍ଯ୍ୟକ୍ରମ ସହିତ ନୃତ୍ୟ ଓ ସଙ୍ଗୀତ ଆୟୋଜିତ ହୋଇଥିଲା। ପ୍ରଶାନ୍ତ କୁମାର ଲେଙ୍କା, ଆଲୋକ କୁମାର ଲେଙ୍କା, ସତ୍ୟଜିତ ରଥ, ଦୀପକ ଖୁିଆ, ମନୋଜ କୁମାର ସ୍ୱାଇଁ, ସନ୍ଦୀପ କର, ଅଶୋକ ହୋତା, ମନୋଜ କୁମାର ସ୍ୱାଇଁ, ଅନିଲ କୁମାର ନାୟକ, ଏଲିନା ରାଉତ, ଜ୍ୟୋତ୍ସ୍ନାରାଣୀ ରାୟଗୁରୁ, ନିର୍ଝରଶ୍ରୀ ନିବେଦିତା, ମୂର୍ଚ୍ଛନା ମିଶ୍ର ପ୍ରମୁଖ ଏହାକୁ ପରିଚାଳନା କରିଥିଲେ। ଉପସ୍ଥିତ ଛାତ୍ରଛାତ୍ରୀ ମାନେ ବୃକ୍ଷରୋପଣ କରିବା ସହ ପୁରୁଣା ସ୍ମୃତି କୁ ମନେପକାଇଥିଲେ । ପ୍ରତିବର୍ଷ ଏହି ଭଳି କାର୍ଯ୍ୟକ୍ରମ କରିବାପାଇଁ ସମସ୍ତେ ମତଦେଇଥିଲେ।

# ସିଭିଲ୍ ସୋସାଇଟିର ପରିବର୍ଦ୍ଧିତ ବୈଠକ ଆସନ୍ତା ମାସ ୨୮ରେ ଜିଲ୍ଲାସ୍ତରୀୟ ସମ୍ମିଳନୀ ଓ ସମାବେଶ

ବାଲେଶ୍ୱର, ୨୪/୧୨ (ନି.ପ୍ର): ସିଭିଲ୍ ସୋସାଇଟିର ପରିବର୍ଦ୍ଧିତ ବୈଠକ ରବିବାର ଦିନ ପୂର୍ବାହ୍ନରେ ଉଠାଜଳସେଚନ କର୍ମଚାରୀ ଭବନରେ ଅନୁଷ୍ଠିତ ହୋଇଯାଇଛି । ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ବୈଠକରେ ଅଧକ୍ଷତା କରିଥିଲେ। ସଂପାଦକ ମନୋଜ ନାୟକ ଗତ ୨୦୧୨ ମସିହାରୁ ବାଲେଶ୍ୱର ସିଭିଲ୍ ସୋସାଇଟିର ଗୌରବମୟ ଐତିହ୍ୟ ସଂପର୍କରେ ସୂଚନା ଦେଇଥିଲେ। ଜନଗଣଙ୍କ ସମସ୍ୟା ସମାଧାନରେ ରାଜନୈତିକ ଦଳମନେ ବିଫଳ ହେଉଥିବାରୁ ସିଭିଲ୍ ସୋସାଇଟି ଏହି ସମସ୍ୟା ସମାଧାନରେ ସମସ୍ତ ବର୍ଗର ଜନତାଙ୍କ ସହଯୋଗରେ ସଫଳତା ଲାଭ କରୁଛି। ଆଗାମୀ ଦିନରେ ସିଭିଲ୍ ସୋସାଇଟିକୁ ଶକ୍ତିଶାଳୀ କରିବା ପାଇଁ ସମସ୍ତଙ୍କର ସହଯୋଗ ଶ୍ରୀ ନାୟକ କାମନା କରିଥିଲେ। ସୋସାଇଟିର ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ ସିଭିଲ୍ ସୋସାଇଟିର ଏକାଦଶ ବାର୍ଷିକ ସମ୍ମିଳନୀ ଓ ଆସନ୍ତା ଜାନୁଆରୀ ୨୮ ତାରିଖ ଦିନ କରିବା ପାଇଁ ପ୍ରସ୍ତାବ ଆଗତ କରିବା ପରେ ଏହା ସର୍ବସମ୍ମତ କ୍ରମେ ଗୃହୀତ ହୋଇଥିଲା। ଜାନୁଆରୀ ୨୮ ତାରିଖ ପୂର୍ବାହ୍ନରେ ପ୍ରତିନିଧି ଅଧିବେଶନ ଓ ଅପରାହ୍ନରେ ଜନସମାବେଶ ପାଇଁ ଏବଂ ଆସନ୍ତା ୩ବର୍ଷ ପାଇଁ ସୋସାଇଟିର କର୍ମକର୍ତ୍ତା ନିର୍ବାଚନ ସମ୍ମିଳନୀ ଅବସରରେ କରାଯିବ। ଓଡ଼ିଶା ହାଇକୋର୍ଟର ଆଇନଜୀବୀ କରୁଣାକର ରଥ ଅତିଥି ଭାବେ ଯୋଗଦେଇ ବାଲେଶ୍ୱର ସିଭିଲ୍ ସୋସାଇଟି ଜନସମସ୍ୟା ନେଇ ଜନଆନ୍ଦୋଳନ ଓ ଆଇନଗତ ଲଢ଼େଇ କରୁଥିବାରୁ ସେ ସୋସାଇଟିର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଇଥିଲେ। ବିଦ୍ୟୁତ୍ ଗ୍ରାହକମାନଙ୍କ ସମସ୍ୟା, ସହରରେ ପରିମଳ ଓ ମଶା ଏବଂ ବୁଲା କୁକୁରମାନଙ୍କ ଉପଦ୍ରବ ହ୍ରାସ କରିବା, ରେମୁଣା ଗୋଲେଇ ନିକଟ ଗଣେଶ୍ୱରପୁର ମୌଜାରେ ପ୍ରସ୍ତାବିତ ନୂତନ ବସ୍‌ଷ୍ଟାଣ୍ଡ୍ ନିର୍ମାଣ ଓ ବାଲେଶ୍ୱର ସହରର ପ୍ରଥମ ଉଡ଼ନ୍ତାପୋଲ ତଳେ ସୌନ୍ଦର୍ଯ୍ୟୀକରଣ ପ୍ରଭୃତି ସମସ୍ୟାକୁ ଅଗ୍ରାଧିକାର ଦେବା ପାଇଁ ବହୁ ବକ୍ତା ପ୍ରସ୍ତାବ ଦେଇଥିଲେ।

# ଅଟଳ ସମ୍ମାନ କାର୍ଯ୍ୟକ୍ରମ ଆଜି

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଆସନ୍ତାକାଲି (ସୋମବାର) ରାଜ୍ୟ ବିଜେପି କାର୍ଯ୍ୟାଳୟ ପରିସରରେ ଭାରତରତ୍ନ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ୯୯ତମ ଜନ୍ମ ଦିବସ ପାଳନ ସହ ୮ମ ତମ "ଅଟଳ ସମ୍ମାନ - ୨୦୨୩" କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଏହି ଅବସରରେ ବରିଷ୍ଠ ରାଜନେତା, ସମାଜସେବୀ ଏବଂ ପୂର୍ବତନ ଜିଲ୍ଲା ସଭାପତି, ଭାରତୀୟ ଜନସଂଘ କେନ୍ଦୁଝର ଜିଲ୍ଲାର କ୍ଷୀରୋଦ ପ୍ରସାଦ ସ୍ୱାଇଁଙ୍କୁ "ଅଟଳ ସମ୍ମାନ-୨୦୨୩"ରେ ସମ୍ମାନିତ କରାଯିବ। ସେହିପରି ବରିଷ୍ଠ ଶଲ୍ୟ ଚିକିତ୍ସକ ଓ ସମାଜସେବୀ ଡ.ବିଶ୍ୱନାଥ ପଟ୍ଟନାୟକଙ୍କୁ "ଅଟଳ ସେବା ସମ୍ମାନ -୨୦୨୩" ସମ୍ମାନରେ ଏବଂ ବରିଷ୍ଠ ଅଧ୍ୟାପିକା, କବୟତ୍ରୀ ଏବଂ ଅନୁବାଦିକା ଡ.ସ୍ମରପ୍ରିୟା ମିଶ୍ରଙ୍କୁ "ଅଟଳ କବିତା ସମ୍ମାନ -୨୦୨୩" ରେ ପ୍ରଦାନ କରାଯିବ ବୋଲି ବିଜେପି ସାଂସ୍କୃତିକ ପ୍ରକୋଷ୍ଠର ଅଧ୍ୟକ୍ଷ ଗୀତିକାର ପଂଚାନନ ନାୟକ ସୂଚନା ଦେଇଛନ୍ତି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ବାକିରେ ବୁଡ଼ିଛନ୍ତି...

ମୋହନ ଯାଦବ ପ୍ରତିଶ୍ରୁତି ଦେଇଛନ୍ତି। ଉଲ୍ଲେଖଯୋଗ୍ୟ ଶିବରାଜ ସିଂହ ଚୌହାନ ସରକାର କେବଳ ୨୦୨୩ ମସିହାରେ ୪୪.୦୦୦ କୋଟି ଟଙ୍କା ଋଣ ନେଇଥିଲେ। ନିର୍ବାଚନ ଆଚରଣ ବିଧି ଲାଗୁ ସମୟରେ ନିଆଯାଇଥିବା ୫ ହଜାର କୋଟି ଟଙ୍କାର ଋଣ ମଧ୍ୟ ଏଥିରେ ସାମିଲ ଅଛି। କୁହାଯାଉଛି ଯେ, ଏହି ଟଙ୍କାର ଏକ ବଡ଼ ଅଂଶ 'ଲାଡଲି ବେହନା' ଯୋଜନାରେ ଖର୍ଚ୍ଚ ହୋଇଛି। ବର୍ତ୍ତମାନ ନୂତନ ସରକାର ଆସିବା ପରେ ରାଜ୍ୟ ସରକାରଙ୍କ ରାଜକୋଷ ଖାଲି ହୋଇଯାଇଛି। ସେପଟେ ବିରୋଧୀ କଂଗ୍ରେସ ଦଳ ଯୁକ୍ତି ବାଢ଼ିଛି ଯେ ରାଜ୍ୟକୁ ଦେବାଳିଆ ଆଡ଼କୁ ଠେଲି ଦିଆଯାଉଛି। ଯଦି ସେମାନେ କ୍ଷମତାରେ ଥାଆନ୍ତେ, ତେବେ ସେମାନେ ନୂତନ ରାଜସ୍ୱ ଉତ୍ସ ଖୋଜିଥାନ୍ତେ। ଜବାବରେ ଉପମୁଖ୍ୟମନ୍ତ୍ରୀ ଜଗଦୀଶ ଦେବଦା ଏହି ଋଣକୁ ସମର୍ଥନ କରି କହିଛନ୍ତି ଯେ ଏହାକୁ ଉନ୍ନୟନ ମୂଳକ ପ୍ରକଳ୍ପରେ ବ୍ୟବହାର କରାଯିବ। ପୂର୍ବ କଂଗ୍ରେସ ସରକାର ପାଣ୍ଠିର ଅପବ୍ୟବହାର କରିଥିବା ସେ ଅଭିଯୋଗ କରିଛନ୍ତି।

## ବଡ଼ଦିନ ପାଇଁ ସଜେଇ...

ବିଗତ ବର୍ଷ ଗୁଡ଼ିକରେ କଟକଣା ମଧ୍ୟରେ ନିରଡ଼ମ୍ବର ଭାବେ ପାଳନ କରିଥିଲେ ଖ୍ରୀଷ୍ଟ ଧର୍ମାବଲମ୍ବୀ। ଏବର୍ଷ କିଛି କଟକଣା ନଥିବାରୁ ଚର୍ଚ୍ଚରେ ଏବଂ ଘରେ ବଡ଼ଦିନ ପାଳନ କରିବାକୁ ଲାଗିପଡ଼ିଛନ୍ତି। ଏପଟେ ବଡ଼ଦିନ ପାଇଁ ରାଜଧାନୀରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଉଛି। ସବୁ ଚର୍ଚ୍ଚ ଆଗରେ ପୁଲିସ ମୁତୟନ କରାଯାଇଛି।

## ବେରୋଜଗାରୀକୁ ନେଇ...

କଂଗ୍ରେସର ଏହି ଶୀର୍ଷ ନେତା କହିଛନ୍ତି, ୧୫ରୁ ୨୯ ବର୍ଷ ବୟସର ବ୍ୟକ୍ତିଙ୍କ ବେକାରି ହାର ୧୦ ପ୍ରତିଶତ ରହିଛି। ଜୁଲାଇ ୨୦୨୨-ଜୁନ୍ ୨୦୨୩ ଅବଧିରେ ୧୫-୧୯ ବର୍ଷ ବୟସ ବର୍ଗରେ ଦେଶରେ ଗାଁ ଗୁଡିକରେ ବେକାରୀ ହାର ୮.୩ ପ୍ରତିଶତ ଥିବା ବେଳେ ଏହି ସମୟ ମଧ୍ୟରେ ସେହି ବର୍ଗପାଇଁ ସହରାଞ୍ଚଳ ବେକାରୀ ୧୩.୮ ପ୍ରତିଶତ ରହିଛି। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର କାହିଁକି ନଷ୍ଟ ହେଲା, କୋଟି କୋଟି ଯୁବକଯୁବତୀଙ୍କ ଚାକିରି ଛଡ଼ାଇ ନିଆଗଲା ଓ ସେମାନଙ୍କ ଭବିଷ୍ୟତ ନଷ୍ଟ କାହିଁକି ହୋଇଛି ବୋଲି ଖାଡ଼ଗେ ସୋଶାଲ ମିଡିଆରେ ପୋଷ୍ଟ କରି ବିଜେପିକୁ ପ୍ରଶ୍ନ କରିଛନ୍ତି। ଏହା ପୂର୍ବରୁ ମଧ୍ୟ ଶୁକ୍ରବାର କଂଗ୍ରେସ ଅଧ୍ୟକ୍ଷ ମୋଦି ସରକାରଙ୍କୁ ଟାର୍ଗେଟ କରିଥିଲେ। ସେ କହିଥିଲେ 'ମୋଦି ଜୀ ଏବଂ ଅମିତ ଶାହ ଜୀ ଦେଶର ଗଣତନ୍ତ୍ର ତଥା ସମ୍ବିଧାନକୁ ନଷ୍ଟ କରିବା ପାଇଁ ପଦକ୍ଷେପ ନେଇଛନ୍ତି। ଏହି ଲୋକମାନେ ଦଳିତ, ଆଦିବାସୀ, ଶ୍ରମିକ, ମହିଳା ଏବଂ କୃଷକଙ୍କୁ ଦମନ କରିବା ପାଇଁ କାର୍ଯ୍ୟ କରୁଛନ୍ତି। ସେଥିପାଇଁ ଦେଶକୁ ବଞ୍ଚାଇବା ପାଇଁ ଆମେ ଓଘଉଓଇ ମିଳିତ ମଞ୍ଚ ଗଠନ କରିଛୁ।' ଆମକୁ ଗୃହରେ ନୋଟିସ ପଢ଼ିବାକୁ ମଧ୍ୟ ଅନୁମତି ଦିଆଯାଇ ନାହିଁ, ତେଣୁ ମୁଁ କହିବି ଯେ ମୋଦି ସରକାର ଦଳିତଙ୍କୁ ମଧ୍ୟ କହିବାକୁ ଦିଅନ୍ତି ନାହିଁ।ସମ୍ବିଧାନରେ ଆମକୁ ବାକ୍ ସ୍ୱାଧୀନତା ମିଳିଛି। ଏହି ସ୍ୱାଧୀନତା ଆମକୁ ମହାତ୍ମା ଗାନ୍ଧୀ ଜୀ, ଜବାହର ଲାଲ ନେହେରୁ ଜୀ ଏବଂ ଡକ୍ଟର ଆମ୍ବେଦକର ଜୀ ପ୍ରଦାନ କରିଥିଲେ। ଆପଣ ବିରୋଧୀ ସାଂସଦମାନଙ୍କୁ ଗୃହରୁ ବାହାର କରି ଦେଇଛନ୍ତି ଏବଂ କୌଣସି ବିରୋଧ ନକରି ସମସ୍ତ ଆଇନ ପ୍ରଣୟନ କରିନେଲ। ଏହା ଗଣତନ୍ତ୍ର ପାଇଁ ଠିକ୍ ନୁହେଁ ବୋଲି ଖାଡ଼ଗେ କହିଥିଲେ।

## ସୁରକ୍ଷାକର୍ମୀଙ୍କ ...

ସୁରକ୍ଷାକର୍ମୀଙ୍କ ପକ୍ଷରୁ ମଧ୍ୟ ଏହାର ଦୃଢ଼ ଜବାବ ଦିଆଯାଇଥିଲା। ଦୀର୍ଘ ସମୟ ଧରି ଚାଲିଥିବା ଗୁଳି ବିନିମୟରେ ୩ ଜଣ ନକ୍ସଲ ପ୍ରାଣ ହରାଇଛନ୍ତି। ନିହତ ନକ୍ସଲଙ୍କ ମଧ୍ୟରେ ଦରଭା ଡିଭିଜିନର ଏଲଓସି କମାଣ୍ଡର ରହିଥିବା ଜଣାପଡ଼ିଛି। ସମସ୍ତ ୩ ନକ୍ସଲଙ୍କ ମୃତଦେହ ଘଟଣାସ୍ଥଳରୁ ଉଦ୍ଧାର କରାଯାଇଛି। ସେହିପରି ଘଟଣାସ୍ଥଳରୁ ବିପୁଳ ପରିମାଣର ମାଓବାଦୀ ସାମଗ୍ରୀ, ଗୁଳି, ବନ୍ଧୁକ ଓ ବିସ୍ଫୋରକ ମଧ୍ୟ ଜବତ ହୋଇଛି। ଏବେ ବି ସର୍ଚ୍ଚ ଅପରେସନ ଜାରି ରହିଥିବା ଦାନ୍ତେୱାଡା ଏସ୍‌ପି ଗୌରବ ରାଏ ସୂଚନା ଦେଇଛନ୍ତି।

# ଶତଦଳ ଶିଶୁ ସାହିତ୍ୟ ପ୍ରତିଷ୍ଠାନର ସାରସ୍ୱତ ବନ୍ଧୁମିଳନ ଉତ୍ସବ



ବଡ଼ସାହି , ୨୪/୧୨ (ନି.ପ୍ର): ବନ୍ଧନ କଲ୍ୟାଣ ମଣ୍ଡପଠାରେ ବେତନଟୀର ଶତଦଳ ସାହିତ୍ୟ ପ୍ରତିଷ୍ଠାନର ସାରସ୍ୱତ ବନ୍ଧୁମିଳନ କାର୍ଯ୍ୟକ୍ରମ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠାନର ସଭାପତି ତଥା କବି ଭାସ୍କର ଚନ୍ଦ୍ର ଦ୍ୱିବେଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଉଦ୍‌ଘାଟକ ଥିଲେ ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ଡଃ ରମାକାନ୍ତ ସିଂହ । ଡଃ ମନ୍ଦାକିନୀ ସାହୁ ବେଦମନ୍ତ୍ରପାଠ ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ବ୍ୟବସ୍ଥାପକ ନୀରଦ ସୁନ୍ଦର ଜେନା ଅତିଥି ପରିଚୟ କରିଥିଲେ । ସଂପାଦକ ପର୍ଶୁରାମ ସାହୁ ବିବରଣୀ ପଠନ ଓ କୃଷ୍ଣଚନ୍ଦ୍ର ସାହୁଙ୍କ କବିତା ପୁସ୍ତିକା 'ଦି କଣ୍ଟ୍ରି ପଏମସ' ଉନ୍ମୋଚିତ ହୋଇଥିଲା। ମୁଖ୍ୟ ଅତିଥି ରୂପେ ବେତନଟୀ ବି.ଇ.ଓ ବିପ୍ଳବ କର, ମୁଖ୍ୟ ବକ୍ତା ଡଃ ରାମଚନ୍ଦ୍ର ଦେଓ, ସମ୍ମାନିତ ଅତିଥି ଥିଲେ ଆମ ସୁନାଚାନ୍ଦ ଓ କାକଳୀର ସଂପାଦକ ଡଃ କୁମାର ବାବୁଲି ଓ ପୂର୍ବତନ ବେତନଟୀ ମହାବିଦ୍ୟାଳୟ ଅଧ୍ୟକ୍ଷା ସଂଯୁକ୍ତା ଜୀ । ମଞ୍ଚ ପରିଚାଳନା କରିଥିଲେ, କବି ମୀନକେତନ ମହାନ୍ତି ଓ ମୃତ୍ୟୁଞ୍ଜୟ ସେଠୀ। ମୁଖ୍ୟ ଉପଦେଷ୍ଟା ଶରତଚନ୍ଦ୍ର ଲେଙ୍କାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମର ସଫଳ ରୂପାୟନ ହୋଇଥିଲା । ଇତ୍ୟବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ଛାତ୍ରୀ ଗଣ ନୃତ୍ୟଗୀତ ପରିବେଷଣ କରି ଥିଲେ। ଛଅ ଜଣ ଲେଖକ/ ଲେଖିକା ଓ ଛାତ୍ରଛାତ୍ରୀଙ୍କୁ କଇଁ ଫୁଲ ସମ୍ମାନ ପ୍ରଦାନ କରାଯାଇଥିଲା। ସେମାନେ ହେଲେ ରମା ମିଶ୍ର, ମମତା ମହାନ୍ତି, ଶଶଧର ପଣ୍ଡା, ସୁନାମଣି ଜେନା, ସୁଶାନ୍ତ କୁମାର କର ଓ ତନୁଶ୍ରୀ ସାହୁ । ଶେଷରେ ସୀମା ଦାସ ଖଟୁଆ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋଲକ ନାରାୟଣ ସରକାରୀ ବିଦ୍ୟାଳୟର ହୀରକ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟା

ବାଲେଶ୍ୱର, ୨୪/୧୨ (ନି.ପ୍ର): ଗତକାଲି ହୀରକ ଜୟନ୍ତୀର ଦ୍ୱିତୀୟ ସନ୍ଧ୍ୟାରେ ଇଡ଼ିଦା ଗୋଲକ ନାରାୟଣ ହାଇସ୍କୁଲ୍‌ରେ ପୁରାତନ ଛାତ୍ର ସଂସଦର ଶ୍ରୀ ଶଚୀନ୍ଦ୍ର ଦାସଙ୍କ ସଭାପତିତ୍ୱରେ ସ୍କୁଲ୍ ପରିସରର ବର୍ଣ୍ଣାଢ୍ୟ ପରିବେଶରେ ବରେଣ୍ୟ ଅତିଥି, ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କୃତ ଗାଳ୍ପିକ ଡ. ପବିତ୍ର ପାଣିଗ୍ରାହୀ ଯୋଗ ଦେଇ ବିଭିନ୍ନ ଗଳ୍ପ ମାଧ୍ୟମରେ ଉଦ୍‌ବୋଧନ ଦେଇ 'ଅନୁଷ୍ଠାନ ହେଉଛି ଜ୍ଞାନର ସୂର୍ଯ୍ୟ' ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ସମାଜସେବୀ ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ସତ୍ୟଶିବ ଦାସ ତାଙ୍କ ଭାଷଣରେ ସମୟର ଶ୍ରେଷ୍ଠ ଚିତ୍ର, ପୂର୍ଣ୍ଣାଙ୍ଗ ଚିତ୍ର ଅଙ୍କନ କରିବା ସହ ସ୍ୱାଭିମାନୀ, ସୃଜନଶିଳ୍ପୀ ଭାବେ ସମାଜକୁ ଆଗେଇନେବାରେ ବ୍ରତୀ ହେବାକୁ ଆହ୍ୱାନ ଦେଇଥିଲେ। ମୁଖ୍ୟ ଅତିଥି ୟୁନିୟନ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆର ରିଜିଓନାଲ୍ ମ୍ୟାନେଜର ଶ୍ରୀ ଜୟକୃଷ୍ଣ ବେହେରା ଛାତ୍ରଛାତ୍ରୀମାନଙ୍କର ଏକାଗ୍ରତା ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କର ଶୃଙ୍ଖଳିତ ଅନୁଶାସନ ସମାଜକୁ ଆଗେଇନେବ ବୋଲି ବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଡାକ୍ତର ସୁରେଶ ପ୍ରଧାନ ଶିକ୍ଷା ହିଁ ଉନ୍ନତିର ପଥପ୍ରଦର୍ଶକ ବୋଲି ବର୍ଣ୍ଣନା କରିଥିଲେ। ଅନ୍ୟ ସମ୍ମାନିତ ଅତିଥି ସମାଜସେବୀ ଶ୍ରୀଯୁକ୍ତ ପ୍ରମୋଦ କୁମାର ମିଶ୍ର ଏକାଗ୍ରତା ଓ କର୍ତ୍ତବ୍ୟନିଷ୍ଠା ମଣିଷକୁ ଗନ୍ତବ୍ୟ ପଥରେ ଆଗେଇନିଏ ବୋଲି ବକ୍ତବ୍ୟ ରଖିଥିଲେ। ସହ ସଂପାଦକ ଶ୍ରୀ ରତୀନ୍ଦ୍ର ନାରାୟଣ ପ୍ରଧାନ ଅତିଥିଙ୍କୁ ମଞ୍ଚ ଆମନ୍ତ୍ରଣ କରିଥିଲେ। ସକାଳ ୧୦ଟାରେ ସ୍କୁଲ୍‌ର ବର୍ତ୍ତମାନ କାର୍ଯ୍ୟରତ ଶିକ୍ଷକମାନଙ୍କୁ ଛାତ୍ରଛାତ୍ରୀମାନେ ଗୁରୁପୂଜା ମାଧ୍ୟମରେ ଅଭିନନ୍ଦନ କରିଥିଲେ। ତାହାର ପ୍ରତ୍ୟୁତ୍ତରରେ ଶିକ୍ଷକ ଶ୍ରୀ ଜୟକୃଷ୍ଣ ନାୟକ, ଶ୍ରୀ ଚନ୍ଦନ କୁ. ତ୍ରିପାଠୀ, ଶ୍ରୀ ଶ୍ରୀଧର ସିଂହ, ଶିକ୍ଷୟିତ୍ରୀ ଶ୍ରୀମତୀ ଅନୁରାଧା ବେହେରା ଓ ଶ୍ରୀମତୀ ଝରଣା ଦାସ ଓ ଶିକ୍ଷାକର୍ମୀ ଭୂପତି କାମିଲା ଛାତ୍ର ସମାଜକୁ ଉଦ୍‌ବୋଧନ ଦେବା ସହ



ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। କର୍ତ୍ତବ୍ୟନିଷ୍ଠା ଏବଂ ସାଧୁତା ବଳରେ ଛାତ୍ରଛାତ୍ରୀବୃନ୍ଦ ସମାଜରେ ପ୍ରତିଷ୍ଠିତ ହୋଇପାରିବେ ବୋଲି ସେମାନେ ପ୍ରକାଶ କରିଥିଲେ। ବୀଣାପାଣି ପ୍ରହରାଜ, ଡ. ଦିପ୍ତୀମୟୀ ପ୍ରହରାଜ, ଗୀତାରାଣୀ ଶତପଥୀ, ଲକ୍ଷ୍ମୀପ୍ରିୟା ପ୍ରହରାଜ ସକାଳ ଅଧିବେଶନରେ ସହଯୋଗ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ପୁଟୁରା, ବାଳିଆପାଟି, ସାହାଡ଼ା, ଇଡ଼ିଦା ସ୍କୁଲ୍‌ର ଛାତ୍ରଛାତ୍ରୀମାନେ ସୁନ୍ଦର ନୃତ୍ୟ ଓ ସଂଗୀତ ପରିବେଷଣ କରିଥିଲେ। ପୂର୍ବତନ ଶିକ୍ଷକ ଶ୍ରୀ ପର୍ଶୁରାମ ଦେ ଙ୍କୁ ସଭାପତିତ୍ୱରେ ପିଲାମାନଙ୍କୁ ମାନପତ୍ର ଓ ପ୍ରାଇଜ୍ ଆବଣ୍ଟନ କରାଯାଇଥିଲା। ଶ୍ରୀ ବିରେନ୍ଦ୍ର ନାରାୟଣ ପ୍ରହରାଜ, ଶ୍ରୀ ହରଗୋପାଳ ସିଂ, ଶ୍ରୀ ଗୌରାଙ୍ଗ ଚରଣ ମହାପାତ୍ର ପ୍ରଭୃତି ଛାତ୍ରଛାତ୍ରୀମାନଙ୍କ କାର୍ଯ୍ୟକ୍ରମକୁ ଭୂୟସୀ ପ୍ରଶଂସା କରିଥିଲେ। ଶ୍ରୀ ବିଦ୍ୟାଧର ପରିଡ଼ା ଉକ୍ତ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ରାତ୍ରି ୮ଟା ବେଳେ ହାସ୍ୟ ରସାତ୍ମକ ଅଭିନେତା ପପୁ ପମ୍‌ପମ୍, ଗାୟକ ବିଷ୍ଣୁମୋହନ କବି ଓ ସାଥୀଙ୍କ ନୃତ୍ୟ ସଂଗୀତ ପରିବେଷଣ ଅତି ଉଚ୍ଚକୋଟୀର ଥିଲା। କାର୍ଯ୍ୟକ୍ରମକୁ ପ୍ରାୟ ଦଶହଜାର ଦର୍ଶକ ଉପଭୋଗ କରି ଅଭିଭୂତ ହୋଇଥିଲେ।

# ଥମୁନି ପାଣ୍ଡିଆନ-କାମିୟା ଓ ଗୋମାଂସ ବିବାଦ

ପୁରୀ, ୨୪/୧୨ (ନି.ପ୍ର): ପୁରୀ ଶ୍ରୀଜଗନ୍ନାଥ ମନ୍ଦିରରେ ୟୁଟ୍ୟୁବ ଇନଫ୍ଲୁଏନ୍ସର କାମିୟା ଜାନିଙ୍କ ପ୍ରବେଶ ଓ ମହାପ୍ରସାଦ ଖାଇବାକୁ ନେଇ ବିବାଦ ତେଜିବାରେ ଲାଗିଛି। ରାଜ୍ୟର ଦୁଇ ପ୍ରମୁଖ ବିରୋଧୀ ଦଳ କଂଗ୍ରେସ ଓ ବିଜେପି ଏହାକୁ ପ୍ରସଙ୍ଗ କରି ଶାସକ ବିଜେଡିକୁ ଘେରିବାରେ ଲାଗିଛନ୍ତି। ଦୁଇ ବିରୋଧୀ ଦଳ ସିଧାସଳଖ ବିଜେଡି ନେତା ଭିକେ ପାଣ୍ଡିଆନଙ୍କୁ ଟାର୍ଗେଟ କରିଛନ୍ତି। କାରଣ ପାଣ୍ଡିଆନଙ୍କ ସହ କାମିୟା ଶ୍ରୀମନ୍ଦିର ଭିତରେ ପ୍ରବେଶ କରିଥିଲେ। କାମିୟା ଗୋମାଂସର ପ୍ରଚାର କରୁଥିବା ବେଳେ ତାଙ୍କୁ କାହିଁକି ପାଣ୍ଡିଆନ ଶ୍ରୀମନ୍ଦିର ଭିତରକୁ ନେଲେ ବୋଲି ଉଭୟ ବିଜେପି ଓ କଂଗ୍ରେସ ପ୍ରଶ୍ନ କରିଛନ୍ତି। ଏହାକୁ ନେଇ ବିବାଦ ଏତେ ତେଜିଛି ଯେ ଭିଡିଓ ବାର୍ତ୍ତା ଜାରି କରି କାମିୟା ସ୍ପଷ୍ଟୀକରଣ ରଖିଛନ୍ତି। ସେ କେବେ ହେଲେ ପ୍ରଶାସନର ନିୟମ ଭାଙ୍ଗି ନାହାନ୍ତି କିମ୍ବା ଗୋମାଂସ ଖାଇନାହାନ୍ତି ବୋଲି କହିଛନ୍ତି। ତଥାପି ବିବାଦ କମିବା ବଦଳରେ ବଢ଼ିବାରେ ଲାଗିଛି। ଆଜି ବି କଳାପାହାଡ଼ ସରକାର କହି ବିଜେଡିକୁ ଟାର୍ଗେଟ କରିଛି ବିଜେପି। ଆଉ କଂଗ୍ରେସ ମୁଖ୍ୟମନ୍ତ୍ରୀ କ୍ଷମାପ୍ରାର୍ଥନା କରନ୍ତୁ ବୋଲି ଦାବି ଦୋହରାଇଛି। ବିବାଦ ଘନଉଥିବାରୁ କାମିୟା ପ୍ରଥମେ ଲେଖା ମାଧ୍ୟମରେ ନିଜର ପକ୍ଷ ରଖିଥିଲେ। ଏହାପରେ ଆଜି ଭିଡିଓ ବାର୍ତ୍ତା ଜାରି କରି ପୁଣି ସ୍ପଷ୍ଟୀକରଣ ରଖିଛନ୍ତି। ସେ ବାରମ୍ବାର ସ୍ପଷ୍ଟୀକରଣ ରଖୁଥିଲେ ହେଁ ପାଣ୍ଡିଆନ- କାମିୟା ଜାନି ଓ ଗୋମାଂସ ବିବାଦ ଥମିବାର ନାଁ ଧରୁନି। କାମିୟା କହିଛନ୍ତି, ଜଗନ୍ନାଥଙ୍କ ଆଶୀର୍ବାଦ ପାଇଁ ପୁରୀ ଯାଇଥିଲି। ଶ୍ରୀମନ୍ଦିରର ଭିତ୍ତିଭୂମି ନିର୍ମାଣ ଓ ସଂସ୍କୃତି ଲୋକଙ୍କ ପାଖରେ ପହଞ୍ଚାଇବା ଉଦ୍ଦେଶ୍ୟ ଥିଲା। ମାତ୍ର ଦୁର୍ଭାଗ୍ୟବଶତଃ ଏହି ଭ୍ରମଣ ବିବାଦୀୟ ହୋଇଛି। ମନ୍ଦିର ପ୍ରଶାସନର କୌଣସି ନିୟମ ମୁଁ ଭାଙ୍ଗି ନାହିଁ। ଏହା ସହ ମୁଁ କେବେ ହେଲେ ଗୋମାଂସ ଖାଇନି କିମ୍ବା ପ୍ରଚାର କରିନି ବୋଲି ସେ ସ୍ପଷ୍ଟୀକରଣ ରଖିଛନ୍ତି। କିନ୍ତୁ ଏହି ସ୍ପଷ୍ଟୀକରଣ ପରେ କାମିୟା ଓ ରାଜ୍ୟ ସରକାରଙ୍କୁ ଆହୁରି ଶାଣିତ ଢଙ୍ଗରେ ଆକ୍ରମଣ କରିଛନ୍ତି ବିଜେପି ବିଧାୟକ ସୂର୍ଯ୍ୟବଂଶୀ ସୂରଜ। ସେ କହିଛନ୍ତି, "କାମିୟାଙ୍କ ସୋଶାଲ ମିଡିଆରେ ଏକାଧିକ ଭିଡିଓରେ ରହିଛି। ତାଙ୍କ ପ୍ଲେଟରେ ଗୋମାଂସ ରହିଛି ଓ ସେ ଗୋମାଂସ ଖାଇଛନ୍ତି। ଏହା ସହ ଗୋମାଂସ ଭକ୍ଷଣକୁ ପ୍ରଚାର ପ୍ରସାର ସହ ପ୍ରୋତ୍ସାହିତ କରିଛନ୍ତି। କାହିଁକି ତାଙ୍କର ବ୍ୟାକଗ୍ରାଉଣ୍ଡ ନବୁଝି ପାଣ୍ଡିଆନ ତାଙ୍କୁ ଶ୍ରୀମନ୍ଦିର ଭିତରେ ପ୍ରବେଶ କରାଇଲେ ?" ଏଥିସହ ପାଣ୍ଡିଆନଙ୍କୁ ଆଟାକ୍ କରି ସୂରଜ କହିଛନ୍ତି, "ରାଜ୍ୟ ସରକାରଙ୍କ ମାନସିକତା ଏବେ କଳାପାହାଡ଼ର ମାନସିକତା ସହ ସମାନ। କାମିୟାଙ୍କୁ ମନ୍ଦିର ପ୍ରବେଶ କରାଇଥିବା ପ୍ରଭାବଶାଳୀ ଲୋକ ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବାକୁ ଉଦ୍ୟମ କରୁଛନ୍ତି।" ବିଜେପିର ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି, ରାଜ୍ୟର ସମସ୍ତ ଧାର୍ମିକ ସ୍ଥାନ ଓ ମଠ ମନ୍ଦିରର ସୁରକ୍ଷା ଓଡ଼ିଆଙ୍କ ଦାୟିତ୍ୱ। ଆମେ ଏହାକୁ ଅଣ ଓଡ଼ିଆ ହାତରେ ଟେକି ଦେଇପାରିବାନାହିଁ। ସରକାର କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତିଙ୍କ କବଳରେ ରହିଛନ୍ତି। ୫ଟି ରୂପାନ୍ତୀକରଣ ନାଁରେ ଓଡ଼ିଶାର ଧର୍ମକ୍ଷେତ୍ରଗୁଡ଼ିକ ସହ ଖେଳ ଚାଲିଛି ବୋଲି ସେ କହିଛନ୍ତି। ସେହିପରି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର କହିଛନ୍ତି, ଉତ୍କଳର ପରମ୍ପରା ଓ ଜଗନ୍ନାଥ ସଂସ୍କୃତିକୁ ନଷ୍ଟ କରିବାକୁ ଉଦ୍ୟମ କରିଥିବାରୁ ମୁଖ୍ୟମନ୍ତ୍ରୀ ନୀବନ ପଟ୍ଟନାୟକ କ୍ଷମା ମାଗନ୍ତୁ। ବିରୋଧୀଙ୍କ ଅଭିଯୋଗ ଉପରେ ବିଜେଡି ଜବାବ ରଖିଛି। ବିଜେଡି ବିଧାୟକ ସୁଧୀର ସାମଲ କହିଛନ୍ତି, "ସେମାନେ ଯେତେବେଳେ ତାଙ୍କୁ ଅଯୋଧ୍ୟାରେ ବ୍ରାଣ୍ଡଆମ୍ବାସାଡର କରୁଥିଲେ ସେତେବେଳେ ହିନ୍ଦୁତ୍ୱ କ୍ଷୁର୍ଣ୍ଣ ହେଉନାହିଁ। କିନ୍ତୁ ଆମ ଜଗନ୍ନାଥ ମନ୍ଦିରରେ ବୁଲିରେ ହିନ୍ଦୁତ୍ୱ କ୍ଷୁର୍ଣ୍ଣ ହୋଇଯାଉଛି ?

# ବାଣୀବିହାର କମ୍ପ୍ୟୁଟର ସାଇନ୍ସ ସ୍ନାତକ ବିଭାଗର ପୁରାତନ ଛାତ୍ରଛାତ୍ରୀଙ୍କ ବାର୍ଷିକ ବନ୍ଧୁମିଳନ

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଉତ୍କଳ ବିଶ୍ୱବିଦ୍ୟାଳୟର ଏମ.ସି.ଏ ବିଭାଗର ୧୮ ତମ ବାର୍ଷିକ ପୁରାତନ ଛାତ୍ରଛାତ୍ରୀ ମିଳନ(ଏ.ଏ.ଆର.) ଡ଼ିସେମ୍ବର ୨୩ରିଖ, ଶନିବାର ଦିନ ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର ପରିସରରେ ଥିବା କମ୍ପୁଟର ଡିପାର୍ଟମେଣ୍ଟରେ ସଭାପତି ଶ୍ରୀ ସୁରଜ କୁମାର ବେହେରାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ନିଜର ଯନ୍ତ୍ର ଚାଳିତ ବ୍ୟସ୍ତ ବହୁଳ ଜୀବନରୁ କିଛି ସମୟକୁ ବିରତି ନେଇ ବିଶ୍ୱର ବିଭିନ୍ନ ପ୍ରାନ୍ତ ଆମେରିକା, କାନାଡ଼ା, ଇଉରୋପ,ଇଂଲଣ୍ଡ, ଜାପାନ, ସିଙ୍ଗାପୁର ଆଦି ପନ୍ଦରରୁ ଅଧିକ ଦେଶରେ ରହିଥିବା ପୁରାତନ ଛାତ୍ରଛାତ୍ରୀ ମାନେ ବହୁଳ ଭାବେ ଯୋଗଦାନ କରି ବନ୍ଧୁମିଳନକୁ ସଫଳ କରିଥିଲେ । ସକାଳ ୮:୩୦ରୁ ସନ୍ଧ୍ୟା ୫:୩୦ ଯାଏଁ ୧୯୯୩ ରୁ ୨୦୨୫ ମସିହା ଯାଏଁ, ୩୦ ଟି ବ୍ୟାଚର ୨ ଶହରୁ ଉର୍ଦ୍ଧ ଛତ୍ରଛାତ୍ରୀ ଓ ଶିକ୍ଷକ, ଶିକ୍ଷୟିତ୍ରୀ, କ୍ରମଚାରି ଉପସ୍ଥିତ ରହି ଉତ୍କଳ ବିଶ୍ୱବିଦ୍ୟାଳୟରେ ବିତିଯାଇଥିବା ଅତୀତ ଦିନର ସ୍ମରଣୀୟ ମୁହିର୍ତ୍ତ ଗୁଡିକର ପୁନଃରୁଦ୍ଧାର କରିବାକୁ ଚେଷ୍ଟା କରି ଭାବ ବିହ୍ୱଳ ହୋଇପଡି ଥିଲେ । ପ୍ରାରମ୍ଭରେ ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ପ୍ରଦୀପ ପ୍ରଜ୍ୱଳନ କରିଥିଲେ । ପ୍ରାରମ୍ଭିକ ସଙ୍ଗୀତ ପରେ ସଭାପତି ଶ୍ରୀ ସୁରଜ ବେହେରା ଅଭିଭାଷଣ ପ୍ରଦାନ କରିଥିଲେ । ଡିପାର୍ଟମେଣ୍ଟର ମୁଖ୍ୟ ଡା. ପ୍ରଫୁଲ ଚନ୍ଦ୍ର ବେହେରାଙ୍କ ଉଦବୋଧନ ପରେ, କୁଳପତିଙ୍କ ସମେତ ଅନ୍ୟ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଦ୍ୱାରା କମ୍ପୁଟର ସାଇନ୍ସ ବିଭାଗର ଜର୍ଣ୍ଣାଲ ଉନ୍ମୋଚିତ ହୋଇଥିଲା କ୍ଷ ମୁଖ୍ୟ ବକ୍ତା ତଥା ପୂର୍ବତନ ବିଭାଗୀୟ ମୁଖ୍ୟ ପ୍ରଫେସର ଅଜୟ କୁମାର ବିଶୋଇ, ଅତିଥି ବକ୍ତା ପ୍ରଫେସର ପ୍ରମୋଦ କୁମାର ମେହେର, ପ୍ରଫେସର ନିବେଦିତା , ଡା. ମୃତ୍ୟୁଞ୍ଜୟ ପଣ୍ଡାଙ୍କ ଉଦବୋଧନ ଛାତ୍ର ଛାତ୍ରୀ ମାନଙ୍କୁ ବିଶେଷ ଭାବେ ପ୍ରୋତ୍ସାହିତ କରିଥିଲା । ପରମ୍ପରା ଅନୁଯାୟୀ ଷଷ୍ଠ ବ୍ୟାଚ (୧୯୯୫-୯୮ ) ଉପସ୍ଥିତ ଥିବା ସିଲବର ଜୁବୁଲିଙ୍କ(ବିବେକ ପଟ୍ଟନାୟକ, ହିମାଂଶୁ ପଟ୍ଟନାୟକ, ସୌମ୍ୟ ଦେବ, ସତ୍ୟନାରାୟଣ ଓଝା, ହଳଧର ରାଉତ, ଅନସୂୟା ପଣ୍ଡା ) ଦ୍ୱାରା କେକ୍ କଟା ଉତ୍ସବଟିକୁ ଆନନ୍ଦ ମୁଖରିତ କରିଥିଲା । ଏହାପରେ କମ୍ପୁଟର ଡିପାର୍ଟମେଣ୍ଟର ବାର୍ଷିକ ପତ୍ରିକା କୁମାର ଉନ୍ମୋଚନ(୬ଷ୍ଠ ଏଡିସନ) ପାଇଁ ମିସ କଥାନି ସୂଚନା ଦେଇଥିଲେ କ୍ଷ ବିଶେଷ କରି ନିକଟ ଅତୀତରେ ଉତ୍କଳ ୟୁନିଭେର୍ସିଟିର କମ୍ପୁଟର ସାଇନ୍ସ ଡିପାର୍ଟମେଣ୍ଟ ଆୟୋଜନ କରିଥିବା ଟେକ ଫେଷ୍ଟର ସଫଳତା, ଯୁବ ଓଡିଶା ଖେଳ କାର୍ଯ୍ୟକ୍ରମରେ ଯୋଗ ଦେଇ କମ୍ପୁଟର ସାଇନ୍ସ ଡିପାର୍ଟମେଣ୍ଟ ଜିତିଥିବା ଟ୍ରଫି ଓ ଗତ ବର୍ଷ ବିଶ୍ୱବିଦ୍ୟାଳୟ ସ୍ତରୀୟ କ୍ରିକେଟମ୍ୟାଚର ସଫଳତାର ଚର୍ଚ୍ଚା ହୋଇଥିଲା । ଆଲୁମିନିମାନଙ୍କ ସହ ସେମାନଙ୍କ ପିଲାମାନଙ୍କ ଦ୍ୱାରା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଖୁବ ଚିତାକର୍ଷକ ଥିଲା । ବ୍ୟାଚ ଅନୁଯାୟୀ ଫୋଟୋ ଉଠା କାର୍ଯ୍ୟକ୍ରମ ସହ ସ୍ୱାଦିଷ୍ଟ ଜଳଖିଆ, ମଧ୍ୟାହ୍ନ ଭୋଜନ, ସନ୍ଧ୍ୟା ବେଳର ସ୍ନାକ୍ସ ସହ ଅନ୍ୟାନ୍ୟ ଔପଚାରିତା ଖୁବ ମନଛୁଆଁ ଥିଲା । ପୁରାତନ ଛାତ୍ର ଶ୍ରୀ ବିଶ୍ୱଜିତ ସେନାପତିଙ୍କ ଦ୍ୱାରା ବାର୍ଷିକ ଅଭିଭାଷଣ ପାଠ, ଶ୍ରୀ ଅଭିଷେକ ସାହୁଙ୍କ ଦ୍ୱାରା ଧନ୍ୟବାଦ ଅଭିଭାଷଣ (ଭୋଟ ଅଫ ଥାଙ୍କସ) ପ୍ରଦାନ ସହ କାର୍ଯ୍ୟକ୍ରମର ସଫଳତା ପାଇଁ ସଭାପତି ଶ୍ରୀ ସୁରଜ କୁମାର ବେହେରା, ଆଲୁମିନିର ଉପସଭାପତି (କାର୍ଯ୍ୟ) ସବନମ ଚୌଧୁରୀ ଓ ସାଧାରଣ ସମ୍ପାଦକ ଅବିନାଶ ନାୟକ, ପ୍ରଭୁଦତ୍ତ ରାଉତ, ଅଭିଷେକ ସାହୁ, ତେହସିନ ବନୋ, ବ୍ୟାଚ ୨୦୨୪-୨୫ଙ୍କୁ ପ୍ରତିନିଧିତ୍ୱ କରୁଥବା ଛାତ୍ର ଅର୍ପଣ ସିଂହ ଆଦିଙ୍କ ଅବଦାନ ଖୁବ ପ୍ରଶଂସା ଯୋଗ୍ୟ।

ସୋମବାର, ଡିସେମ୍ବର ୨୫, ୨୦୨୩

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ବିଜେପି ଜିଲ୍ଲା ସାମାଜିକ ଗଣମାଧମ ଟିମର ଆଲୋଚନା ଚକ୍ର



ବାଲେଶ୍ୱର, ୨୪/୧୨ (ନି.ପ୍ର): ସ୍ଥାନୀୟ ଜିଲ୍ଲା ବିଜେପି କାର୍ଯ୍ୟାଳୟର ବୈଠକ ଗୃହରେ ବାଲେଶ୍ୱର ଜିଲ୍ଲା ବିଜେପି ର ସାମାଜିକ ଗଣମାଧମ ଟିମ ପକ୍ଷରୁ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି, ରାଜ୍ୟ ସାମାଜିକ ଗଣମାଧମ ଆବାହକ ଉମାକାନ୍ତ ପଟ୍ଟନାୟକ ଙ୍କ ଆହ୍ୱାନ କ୍ରମେ ଆଜି ଜିଲ୍ଲା ସଭାପତି ଉମାକାନ୍ତ ମହାପାତ୍ର ଙ୍କ ଉପସ୍ଥିତି ରେ ଏହି ଆଲୋଚନା ଚକ୍ର ଜିଲ୍ଲା ସାମାଜିକ ଗଣମାଧମ ଆବାହକ ରଣଜିତ ପୃଷ୍ଟି ସଭାପତିତ୍ୱ କରିଥିଲେ, ଜିଲ୍ଲା ପ୍ରଭାରୀ ପୀତବାସ ନାୟକ ଏହି କାର୍ଯ୍ୟକ୍ରମ ରେ ଯୋଗ ଦେଇ ଆଗାମୀ କାର୍ଯ୍ୟକ୍ରମ ବିଷୟରେ ଆଲୋକପାତ କରିଥିଲେ, କ୍ଷତ୍ରିୟ ସାଂଯୋଜକ ନିଗମାନନ୍ଦ ମହାନ୍ତି ସାମାଜିକ ଗଣମାଧମ ର ଆଜିର ଦିନରେ କିପରି ରାଜନୀତି ଉପରେ ପ୍ରଭାବ ପକାଉଛି ତଥା ଆଗାମୀ ନିର୍ବାଚନ ରେ ସାମାଜିକ ଗଣମାଧମ ରେ କଣ କଣ ସବୁ କରାଯିବ ଏ ନେଇ ନିଜ ବକ୍ତବ୍ୟ ରଖିଥିଲେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଆଇଟି ସାଂଯୋଜକ ହୃଷିକେଶ ଶତପଥୀ,ଜିଲ୍ଲା କମିଟି ସଦଶ୍ୟ ଦିଗନ୍ତ ସାହୁ, କମଲ ଲୋଚନ ପ୍ରଧାନ,ସୁସ୍ମିତା ପଣ୍ଡା, ସୁଇଟି ବାରିକ, ପ୍ରିତମ ପ୍ରୟାସ ପାଢ଼ୀ,ଜିତେନ୍ଦ୍ର ଷଡ଼ଙ୍ଗୀ,ରାଜ ଆର୍ଯ୍ୟନ ମହାନ୍ତି,ଇପ୍ସିତ ପ୍ରୟାସ ରଥ ପ୍ରମୁଖ ଯୋଗଦାନ କରିଥିଲେ ବୈଠକ ପରିଶେଷରେ ସୁମନ୍ତ ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଧ୍ୱନି ପ୍ରତିଧ୍ୱନି ଉଦଳା ପାଠକ ମଂଚର ବାର୍ଷିକ ଉତ୍ସବ






ଉଦଳା , ୨୪/୧୨ (ନି.ପ୍ର): ଦୈନିକ ଖବର କାଗଜ 'ଧ୍ୱନି ପ୍ରତିଧ୍ୱନି' କୁ କେନ୍ଦ୍ର କରି ଉଦଳାରେ ଗଢ଼ି ଉଠିଥିବା ପାଠକ ମଂଚର ବାର୍ଷିକ ଉତ୍ସବ ଚଳିତ ଡ଼ିସେମ୍ବର ୨୪ ତାରିଖ ରବିବାର ଦିନ ପାଳିତ ହୋଇଯାଇଛି । ଏହି ଅବସରରେ କବିତା ପାଠୋତ୍ସବ, ସାଧାରଣ ସଭା, ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ପ୍ରଦାନର ପର୍ବ ଅନୁଷ୍ଠିତ ହୋଇଯାଇଛି । ପ୍ରଥମାର୍ଦ୍ଧରେ ଅନୁଷ୍ଠିତ କବିତା ପାଠୋତ୍ସବରେ ପ୍ରଫୁଲ୍ଲ କୁମାର ଖିଲାର ଓ ମାଳତୀ ଧଳ ସଂଯୋଜନାର ଦାୟିତ୍ୱ ତୁଲାଇଥିଲେ । ଏହାପରେ ଅନୁଷ୍ଠିତ ସାଧାରଣ ସଭାରେ ଉତ୍ତର ଓଡ଼ିଶା ସାହିତ୍ୟ ସଂସ୍କୃତି ସମ୍ମେଳନର ସଭାପତି ରାଧାରଂଜନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ବର୍ତ୍ତମାନ ଖବର କାଗଜ ଦୁନିଆର ସ୍ଥିତି ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଫକୀର ମୋହନ ସାହିତ୍ୟ ପରିଷଦର ପୂର୍ବତନ ସମ୍ପାଦକ ଡ. କୁମାର ଗୋପାଲ, ଭୁବନେଶ୍ୱରର ପୂର୍ବତନ ଡେପୁଟି ମେୟର ଭାରତୀ ସିଂ, ଉଦଳା ଓକିଲ ସଂଘର ସମ୍ପାଦକ ବସନ୍ତ କୁମାର ପରିଡ଼ା, 'ଧ୍ୱନି ପ୍ରତିଧ୍ୱନି'ର ପରିଚାଳନା ସମ୍ପାଦକ ସୃଷ୍ଟିଧର ପରିଡ଼ା ଓ ସମ୍ପାଦିକା ସୈରିନ୍ଧ୍ରୀ ସାହୁ ମଂଚାସୀନ ଅତିଥି ଭାବରେ ଯୋଗଦେଇ ଉଦଳା ପାଠକ ମଂଚର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ । ଏହାପରେ ପ୍ରଫୁଲ୍ଲ କୁମାର ଖିଲାରଙ୍କ ଲିଖିତ ପୁସ୍ତକ 'ବିପନ୍ନା ପ୍ରକୃତି' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ତଥା ପାଠକ ମଂଚର ଆବାହିକା ପ୍ରମିଳା ପଣ୍ଡା ମଂଚ ପରିଚାଳନା ଦାୟିତ୍ୱ ତୁଲାଇଥିବାବେଳେ ସାମ୍ବାଦିକ ସୁବ୍ରତ କୁମାର ମହାନ୍ତି ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ଅବସରରେ ସାମ୍ବାଦିକ ସୟଦ ସିରାଜୁଦ୍ଦିନ୍, ସାମ୍ବାଦିକା ଦିପ୍ତୀ ମିଶ୍ର ଓ ଭୀମତାଳି ସରପଂଚ ବିଜୟା ମୂର୍ମୁଙ୍କୁ ଅତିଥି ମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ଆଶିଷ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ସଫଳ କରିବାରେ ଗଦାଧର ଦାସ, ରୀତାଳୀ ପ୍ରଧାନ, ବେଣୁଧର କଣ୍ଡାବାଉଁସିଆ, ମନୋରଂଜନ ମଲ୍ଲିକ୍, ତାପସ ରଂଜନ ଖଣ୍ଡା, ନରେନ୍ଦ୍ର ମହାକୁଡ଼, ଅନୀତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ ।

## ବେତନଟୀ ପ୍ରିମିୟର ଲିଗ୍: ୧୧ ଷ୍ଟାର ମୋରଡା ଓ ମାଣତ୍ରୀ ଟାଇଟନ ବିଜୟ

ବେତନଟୀ , ୨୪/୧୨ (ନି.ପ୍ର): ବେତନଟୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ -୧୦ର ଛଅ ଦିନରେ ଦୁଇଗୋଟି ମ୍ୟାଚ ହୋଇଥିବା ବେଳେ ପ୍ରଥମଟି ୧୧ ଷ୍ଟାର ମୋରଡା ଏବଂ ବାହାନଡା ଟାଇଟନ ମଧ୍ୟରେ ହୋଇଥିବା ବେଳେ ଦ୍ୱିତୀୟ ମ୍ୟାଚ ଟି ଦାନି ୧୧ ଏବଂ ମାଣତ୍ରୀ ଟାଇଗର ମଧ୍ୟରେ ହୋଇଥିଲା । ପ୍ରଥମ ମ୍ୟାଚରେ ୧୧ ଷ୍ଟାର ମୋରଡା ନିର୍ଦ୍ଧାରିତ ୨୦ ଓଭର ୬ ଉଇକେଟ ହରାଇ ୧୬୯ ରନ ସଂଗ୍ରହ କରିବାରେ ସକ୍ଷମ ହୋଇଥିଲା । ୧୭୦ ରନର ବିଜୟଲକ୍ଷ କରି ବାହାନଡା ଟାଇଟନ ୨୦ ଓଭର ରେ ୮ ଉଇକେଟ ହରାଇ ମାତ୍ର ୧୫୨ ରନ କରି ପରାଜୟ ବରଣ କରିଥିଲା । ୧୧ ଷ୍ଟାର ମୋରଡା ଖେଳାଳି ୫୬ ଟି ବଲରେ ୯୦ ରନ କରିଥିବା ସୁବାଷିସ ଦେ ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଘୋଷଣା କରାଯାଇଥିଲା । ସେହିଭଳି ଦ୍ୱିତୀୟ ମ୍ୟାଚରେ ମାଣତ୍ରୀ ଟାଇଟନ ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ ବିନିମୟରେ ୨୦୧ ରନ ସଂଗ୍ରହ କରଥିଲା । ୨୦୨ ରନର ବିଜୟଲକ୍ଷ ରଖି ପଡିଆକୁ ଓଲ୍ହାଇଥିବା ଦାନି ୧୧ ମାତ୍ର ୧୯.୧ ଓଭରରେ ସମସ୍ତ ଉଇକେଟ ହରାଇ ୧୯୪ ରନ ସଂଗ୍ରହ କରି ପରାଜୟ ବରଣ କରିଥିଲା । ମାଣତ୍ରୀ ଟାଇଟନ ଖେଳାଳି ୪୭ ବଲ ରେ ୯୭ ରନ କରିଥିବା ଅନୁପ ପରିଡାଙ୍କୁ ମ୍ୟାନ ଅଫଦି ମ୍ୟାଚ ଘୋଷଣା କରାଯାଇଥିଲା । ଉଭୟ ମ୍ୟାଚର ମ୍ୟାନ ଅଫ ଦି ମ୍ୟାଚ ହୋଇଥିବା କୃତି ଖେଳାଳିଙ୍କୁ ପୂର୍ବତନ ଖେଳାଳୀ ଗଣେଶ ସାହୁ ଓ ସାମ୍ବାଦିକ ଅନୁପ କୁମାର ଦଣ୍ଡପାଟଙ୍କୁ ପୁରସ୍କୃତ କରିଥିଲେ । ଏହି ଖେଳକୁ କେ କୁନା ସାହୁ ଓ ପ୍ରକାଶ ଜ୍ୟୋତି ଆଦିତ୍ୟ ପରିଚାଳନା କରିଥିଲେ । ସ୍କୋର ଦାଇତ୍ୱ ରେ ମହେଶ ଖୁଣ୍ଟିଆ ଏବଂ ସଞ୍ଜିପ କୁମାର ରାଉତ ଓ ଅନଲାଇନ ସ୍କୋର ଭାବରେ ଗୌତ୍ମ ନାଥ , କେଶବ ନାଥ , ଭାଗ୍ୟ ରଞ୍ଜନ ବେହେରା ପରିଚାଳନା କରିଥିଲେ ।

## ଚାଷୀ ମାନଙ୍କର ସମସ୍ୟା ବିଷୟରେ ପଚାରି ବୁଝିଲେ ବସ୍ତା ବିଜେପି କୃଷକମୋର୍ଚ୍ଚା ଦଳ



ବସ୍ତା, ୨୪/୧୨ (ନି.ପ୍ର): ବାଦାମ ଚାଷୀଙ୍କ ଦୁଃଖ ବୁଝିବା ପାଇଁ ସିଧାସଳଖ ବସ୍ତା ବ୍ଲକର ସନ୍ତୋଷପୁର ଗ୍ରାମର ଚାଷଜମିରେ ପହଞ୍ଚିଥିଲା ବିଜେପି କୃଷକ ମୋର୍ଚ୍ଚା ଟିମ। ଯଥାଶୀଘ୍ର ରିହାତି ଦରରେ ବାଦାମ ବିହନ ଚାଷୀଙ୍କୁ ଯୋଗାଇବା ପାଇଁ ଦଳ ତରଫରୁ ରାଜ୍ୟ ସରକାରଙ୍କ ଠାରେ ଦାବି କରାଯାଇଛି ।ରାଜ୍ୟ ସରକାରଙ୍କ ଚାଷୀ ସ୍ୱାର୍ଥ ବିରେଧୀ ନୀତି ବାଦାମ ଚାଷୀ ଙ୍କୁ ପୂର୍ବ ରୁ ରିହାତି ଦରରେ ବ୍ଲକ ମାଧମ ରେ ବିହନ ମିଳୁଥିଲା । କି ନ୍ତୁ ଏବେ ମଞ୍ଜି ବୁଣିବା ସମୟରେ ବିହନ ନାହିଁ। ସେଥିପାଇଁ ଜିଲ୍ଲା କୃଷକ ମୋର୍ଚ୍ଚା ଜିଲ୍ଲା ଉପସଭାପତି ଧ୍ରୁବ ଚରଣ ନାୟକ ଙ୍କ ଆହ୍ୱାନରେ ବିଜେପି ଟିମ ଚାଷଜମିରେ ପହଞ୍ଚିଥିଲେ। ବରିଷ୍ଠ ନେତା ଶ୍ୟାମାପ୍ରସାଦ ବେହେରା, ସୂର୍ଯ୍ୟନାରାୟଣ ସାହୁ,ରଜତ ନାରାୟଣ ଦାଶ ପ୍ରମୁଖ ଚାଷୀଙ୍କ ଅଭିଯୋଗ ଶୁଣିଥିଲେ। ଏନେଇ ସେ କୃଷି ଅଧିକାରୀଙ୍କୁ ଅବଗତ କରି ସମାଧାନକରିବେ ବୋଲି ଚାଷୀ ମାନଙ୍କୁ କହିଥିଲେ ।

## ବସୁଧୈବ କୁଟୁମ୍ବକମ୍ ବିଚାର ମଞ୍ଚ ଭଦ୍ରକର କବିତା ପାଠୋତ୍ସବ ଓ ସମ୍ବର୍ଦ୍ଧନା ପର୍ବ - ୨୦୨୩




ଭଦ୍ରକ, ୨୪/୧୨ (ନି.ପ୍ର): ପଦ୍ମୁଆଁସ୍ତ ଶାନ୍ତି ଭବନରେ "ବସୁଧୈବ କୁଟୁମ୍ବକମ୍ ବିଚାର ମଞ୍ଚ" ପକ୍ଷରୁ କବିତା ପାଠୋତ୍ସବ ୨୦୨୩ ଓ ସମ୍ବର୍ଦ୍ଧନା ପର୍ବ ପ୍ର. ଗୋଲକ ବିହାରୀ ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାକୁ ଆନୁଷ୍ଠାନିକ ଭାବେ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଉଦ୍‌ଘାଟନ କରିଥିବା ବେଳେ ମୁଖ୍ୟ ଅତିଥି ପ୍ରଫେସର ଝରଣା ପଟ୍ଟନାୟକ ଯୋଗଦେଇ ସମଗ୍ର ବିଶ୍ୱର ଭାଇଚାରା ଓ ସମସ୍ତଙ୍କ ମଧ୍ୟରେ ବନ୍ଧୁତ୍ୱର ଭାବ ସାହିତ୍ୟହିଁ ସୃଷ୍ଟିକରିପାରିବ ବୋଲି ମତବ୍ୟକ୍ତ କରିଥିଲେ । ମୁଖ୍ୟବକ୍ତା ଗାଳ୍ପିକ ପ୍ରଫେସର ପବିତ୍ର ପାଣିଗ୍ରାହୀ ଯୋଗଦେଇ ପଲ୍ଲୀର କଥା ସାହିତ୍ୟ ସଂସ୍କୃତିରେ ଭରି ରହିଥାଏ ସାହିତ୍ୟର ମାଧୂର୍ଯ୍ୟ ବୋଲି ମତବ୍ୟକ୍ତ କରିଥିଲେ । ସମ୍ମାନିତ ଅତିଥିଭାବେ ପ୍ର. ଅଟଳ ବିହାରୀ ନାୟକ, ପ୍ର. ମନୀନ୍ଦ୍ର ମହାନ୍ତି, ଡା. ଦୁର୍ଯ୍ୟୋଧନ ଦାସ ଓ ଶ୍ରୀ ଲଲାଟେନ୍ଦୁ ମହାନ୍ତି ଯୋଗଦେଇ ବସୁଧୈବ କୁଟୁମ୍ବକମ୍ ତାତ୍ପର୍ଯ୍ୟ ସାହିତ୍ୟରେ ଥାଏ ଭଲ ପାଇବା ଓ ବିଶ୍ୱ ବନ୍ଧୁତ୍ୱର ପରିଚୟ ସୃଷ୍ଟି କରିବା ସଂପର୍କରେ ମତରଖିଥିଲେ । ସଂପାଦକ ଡଃ ନିତ୍ୟାନନ୍ଦ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶ୍ରୀମତୀ ମନୋରମା ଆଚାର୍ଯ୍ୟ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ । ଉକ୍ତ ସମ୍ବର୍ଦ୍ଧନା ଉତ୍ସବରେ ବିଧାୟକ ରାଉତରାୟ ଡେପୁଟି କଲେକ୍ଟର କାର୍ତ୍ତିକ ଚନ୍ଦ୍ର ମଣ୍ଡଳ, କାଳୀପଦ ପଣ୍ଡା, ଶ୍ରୀ ଅସୀତ ଦାଶ, ଅଧ୍ୟାପକ ନିରଞ୍ଜନ ବେହେରା, କୈଳାସ ଦାସ, ବିଜୟ ବହଳୀ, ଶରତ ଚନ୍ଦ୍ର ନାୟକ, ରତିକାନ୍ତ ବେହେରା, ଚୂଡ଼ାମଣି ଦାସ, ଗଦାଧର ରାଉତ, ମୃତ୍ୟୁଞ୍ଜୟରାମ ଆଚାର୍ଯ୍ୟ, ନରେନ୍ଦ୍ର ସାମଲ, ସୁଚିତ୍ରା ପାଣିଗ୍ରାହୀ, ପ୍ରତାପ କୁମାର ମହାପାତ୍ର, ନୀହାର ରଂଜନ କର, ମମତାରାଣୀ ଦାଶ, ପ୍ର.ଧର୍ମେନ୍ଦ୍ର ସିଂ, ଦେବଶ୍ରୀ ଭିକାରୀ ଚରଣ ଧଳଙ୍କୁ ବସୁଧୈବ କୁଟୁମ୍ବକମ୍ ସମ୍ମାନରେ ସମ୍ମାନୀତ କରିଥିଲେ । କବିତା ପାଠୋତ୍ସବରେ କବୀ ଡ. ପ୍ରଭାତ ନଳିନୀ ମହାପାତ୍ର, ଡଃ ଅବନୀ ପ୍ରଧାନ, ଋତୁରାଜ, ପ୍ରଶାନ୍ତ କୁମାର ପାଢ଼ୀ, ଗୀତାରାଣୀ ଆଇଚ, ସରୋଜିନୀ ମହାପାତ୍ର, ନୀଳିମା ପଣ୍ଡା, କୈଳାସ ଚନ୍ଦ୍ର ପାଢ଼ୀ, ରାମଚନ୍ଦ୍ର ସାହୁ ଓ ରଜନୀ ମଣୀ ସାହୁ ପ୍ରମୁଖ କବିମାନେ ଯୋଗଦେଇ ତାଙ୍କର କବିତା ପାଠ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିବେକାନନ୍ଦ ମିଶ୍ର, ଶାନ୍ତିଲତା ମିଶ୍ର, କମଳା ପଣ୍ଡା, ସତ୍ୟାନନ୍ଦ ମିଶ୍ର, ବ୍ରହ୍ମାନନ୍ଦ ମିଶ୍ର, ଗିରିଜା ପତି, ଅନୀତା ନନ୍ଦ, ପ୍ରତିମା ନାୟକ ଓ ବନ୍ଦନା ପତି ପ୍ରମୁଖ ଯୋଗଦେଇ ଥିଲେ ।

## ବଡ଼ଦିନ ଓ ଜିରୋ ନାଇଟ୍ ପାଇଁ କମିଶନରେଟ୍ ପୋଲିସ୍ ପ୍ରସ୍ତୁତି

ଭୁବନେଶ୍ୱର, ୨୪/୧୨ (ନି.ପ୍ର): ଭୁବନେଶ୍ୱରରେ ବଡ଼ଦିନ ଓ ଜିରୋ ନାଇଟ୍ ପାଇଁ କଡ଼ାକଡ଼ି ହେବ ସୁରକ୍ଷା ବ୍ୟବସ୍ଥା। ସୁରକ୍ଷା ନେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂ ସୂଚନା ଦେଇ କହିଛନ୍ତି ଭୁବନେଶ୍ୱରର ସବୁ ଚର୍ଚ୍ଚ ଆଗରେ ପୋଲିସ ମୁତୟନ ହେବେ। ଭିଡ଼କୁ ଦୃଷ୍ଟିରେ ରଖି ଟ୍ରାଫିକ ବ୍ୟବସ୍ଥା ଉପରେ ନଜର ରଖାଯାଇଛି ।
ସେହିପରି ଜାନୁଆରୀ ୩୧ ତାରିଖରେ ଜିରୋ ନାଇଟ ସେଲିବ୍ରେସନ୍ ପାଇଁ କମିଶନରେଟ ପୋଲିସ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଆସନ୍ତା ୨୬ ତାରିଖରେ ହୋଟେଲ ଓ କ୍ଲବ୍ ସହ ପୋଲିସର ଆଲୋଚନା ହେବ ବୋଲି ଡିସିପି ସୂଚନା ଦେଇଛନ୍ତି।

## କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟର ନୂଆ ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ



ବାସୁଦେବପୁର, ୨୪/୧୨ (ନି.ପ୍ର): ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ଏବଂ କ୍ରୀଡା ଓ ଯୁବ ବ୍ୟାପାର ବିଭାଗ ପକ୍ଷରୁ ବାସୁଦେବପୁର ପୌର ପରିଷଦ ରେ ଥିବା ବଂଶୀ ପାଟଣା ସଂସ୍କୃତ ମହାବିଦ୍ୟାଳୟ ରେ ଯୁବ ଓଡ଼ିଶା ଓ ନବୀନ ଓଡ଼ିଶା କାର୍ଯ୍ୟ କର୍ମ ଉଦ୍ ଜାପାନୀ ଉତ୍ସବ ପାଳନ ହୋଇ ଯାଇଛି। ମୁଖ୍ୟ ଅତିଥି ଭାବେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟଯୋଗ ଦେଇ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କଳ୍ପତରୁ ସଂସ୍କୃତ ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପାଢ଼ୀ ବିବରଣୀ ପ୍ରଦାନ କରିଥିଲେ। ସଭା କାର୍ଯ୍ୟ କର୍ମ ଟି ବିକାଶ କୁମାର ଶତପଥୀ ଙ୍କ ସଂଯୋଜନା ରେ ଅନୁଷ୍ଠିତ ହୋଇଥିଲା। ସମ୍ମାନିତ ଅତିଥି ଭାବେ ବିଧାୟକ ଙ୍କ ପ୍ରତିନିଧି ଅସିତ୍ କୁମାର ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶରତ ପଣ୍ଡା, ପୌର ଉପାଧ୍ୟକ୍ଷ ଉତ୍ତମ ବାରିକ୍, ସମାଜ ସେବୀ ମାନସ ସାହୁ ଯୋଗ ଦେଇଥିଲେ। ଏହି ଅବସର ରେ ବିଭିନ୍ନ ପ୍ରତି ଯୋଗିତା ରେ କୃତି ବିଦ୍ୟାର୍ଥୀ ମାନଙ୍କୁ ପୁରସ୍କୃତ କରାଯାଇଛି। ଶେଷ ରେ ସାଂସ୍କୃତିକ କାର୍ଯ୍ୟ କର୍ମ ଅନୁଷ୍ଠିତ ହୋଇଥିଲା।

## ମୟୂରଭଞ୍ଜ ପୁସ୍ତକମେଳାର ସାରସ୍ୱତ ଆସର



ବାରିପଦା , ୨୪/୧୨ (ନି.ପ୍ର): ବାରିପଦା ଛଉ ପଡ଼ିଆରେ ଅନୁଷ୍ଠିତ ହେଉଥିବା ୧୦ମ ମୟୂରଭଞ୍ଜ ପୁସ୍ତକମେଳାର ଅଷ୍ଟମ ସନ୍ଧ୍ୟାରେ ପୁସ୍ତକମେଳାର ବରିଷ୍ଠ ସଦସ୍ୟା ପ୍ରାକ୍ତନ ଶିକ୍ଷାଧିକାରୀ ବୀଣାପାଣି ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ପୁସ୍ତକର ଉପାଦେୟତା ଏବଂ ଆଜିର ଡିଜିଟାଲ ଓ ମୋବାଇଲ ଯୁଗରେ ଶିଶୁ, କିଶୋର ତଥା ଯୁବପିଢ଼ିଙ୍କୁ ପୁସ୍ତକ ମନସ୍କ କରିବାର ସାମାଜିକ କର୍ତ୍ତବ୍ୟ ବିଷୟବସ୍ତୁକୁ ନେଇ ଜିଲ୍ଲାର ବୈଷୟିକ ଶିକ୍ଷା ଏବଂ ସାଧାରଣ ଉଚ୍ଚଶିକ୍ଷା ପ୍ରସାରର ଦୁଇ ଯୁବପ୍ରତିଭା ଇଂ. ବିପ୍ଳବ କୁମାର ବୁଗୁଡେଇ ଓ ଇଂ. ପ୍ରଭଞ୍ଜନ ରାଉତ ମୁଖ୍ୟ ଅତିଥି ଓ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡିଜିଟାଲ ଯୁଗରେ ମଧ୍ୟ ପୁସ୍ତକର ବିକଳ୍ପ ନାହିଁ ବୋଲି କହିଥିଲେ। ଯୁବକବି ସ୍ନେହାଶିଷ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡ.ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକ ମେଳା ଆନୁକୂଲ୍ୟରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଶୀ ଓ ଶାସ୍ତ୍ରୀୟ ନୃତ୍ୟ ପ୍ରତିଯୋଗିତା ମଧ୍ୟ ଅନୁଷ୍ଠିତ ହୋଇଥିବା ବେଳେ ବିଚାରକ ଭାବେ ଗୁରୁ ତ୍ରିଲୋଚନ ସାହୁ, ବନରୂପା ମହାନ୍ତି ଓ ତପନ କୁମାର ବେହେରା ମୂଲ୍ୟାୟନ କରିଥିଲେ। ପରେ ପରେ ସାଇ ବିଦ୍ୟା ମନ୍ଦିର ଓ ପି.ସି.ସି.ଗ୍ରୁପ ଶିକ୍ଷାନୁଷ୍ଠାନର ପିଲାମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଅନୁଷ୍ଠାନର ସଦସ୍ୟ ସମରେନ୍ଦ୍ର କୁମାର ବଶା, ଅଜିତ କୁମାର ପାଣିଗ୍ରାହୀ ଓ ଗୋପାଳ ଚନ୍ଦ୍ର ସାଓ ପ୍ରମୁଖ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଫ୍‌କୋ ଜ୍ୟୋତି ମହିଳା ସମିତି ପକ୍ଷରୁ ବାର୍ଷିକ ଫେଟେ




ପାରାଦୀପ, ୨୪/୧୨ (ନି.ପ୍ର): ଇଫକୋ ଜ୍ୟୋତି ମହିଳା ସମିତି ପକ୍ଷରୁ ବାର୍ଷିକ ଫେଟେ ଅନୁଷ୍ଠିତ ହୋଇଯାଇଛି । ଇଫକୋ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ସଦସ୍ୟ ସଚୀବ କେ. ମୁରୁଗୁସେନ ଉଦଘାଟନ କରିଥିଲେ ।ଏଥିରେ ଅତିଥି ଭାବେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲ, କୋଷ୍ଟଗାର୍ଡ କିମାଣ୍ଡର ଯଶବନ୍ତ କୁମାର ସିଂ, ତଟରକ୍ଷୀକା ସଭାନେତ୍ରୀ ଡ. ଭିନିତା ସିଂ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ପରିବେଶ ଯନ୍ତ୍ରୀ ଇଂ. ବି.କେ. ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲାର ବିଭିନ୍ନ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ଦ୍ୱାରା ପ୍ରସ୍ତୁତ ଏମ୍ବ୍ରୋଡୋରୀ, ଟେରାକୋଟା ନିର୍ମିତ ସାମଗ୍ରୀ ପ୍ରଦର୍ଶିତ ହୋଇଥିଲା । ଜ୍ୟୋତି ଲେଡିଜ୍ କ୍ଲବ ସଦସ୍ୟାମାନେ ସୁସ୍ୱାଦୁ ଖାଦ୍ୟ ପରିବେଷଣ କରିଥିଲେ। ଏହି ଫେଟେରୁ ଆୟ ହୋଇଥିବା ଅର୍ଥରାଶି ପାରିପାର୍ଶ୍ୱିକ ଗ୍ରାମ ଗୁଡିକର ଉନ୍ନୟନ କାର୍ଯ୍ୟରେ ବିନିଯୋଗ କରାଯିବ ବୋଲି ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲ ସୂଚନା ଦେଇଥିଲେ। ଏଥି ସହିତ ଜରାଶ୍ରମ ଗୁଡିକ ଉନ୍ନୟନରେ ସହାୟତା କରାଯିବା ନେଇ ସେ କହିଥିଲେ। ଏଥି ସହିତ ସ୍ୱୟଂସହାୟିକା ଗୋଷ୍ଠୀର ସଦସ୍ୟାମାନଙ୍କ ବିକାଶ ନିମନ୍ତେ ତଥା ମହିଳାମାନଙ୍କୁ ଆତ୍ମନିର୍ଭରଶୀଳ କରିବା ପାଇଁ ସିଲେଇ ମେସିନ, ପେପର ପ୍ଲେଟ୍ ନିର୍ମାଣ ଉପକରଣ ଆଦି ଯୋଗାଇ ଦେବାକୁ ଶ୍ରୀମତୀ ପଟେଲ କହିଛନ୍ତି। କୋଭିଡ୍ ମହାମାରୀ ସମୟରେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ, ଜ୍ୟୋତି ଲେଡିଜ୍ କ୍ଲବ୍ ସଭାନେତ୍ରୀ ମମତା ପଟେଲ ଯେଉଁ ଭଳି ଭାବେ ମହନୀୟତା ଦେଖାଇ ସାଧାରଣ ଲୋକଙ୍କ ନିକଟତର ହୋଇ ସହଯୋଗର ହାତ ବଢାଇଥିଲେ ସେହିଭଳି ଭାବେ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଇଫକୋ ସାଧାରଣ ଲୋକଙ୍କ ନିକଟତର ହୋଇ ସବୁ ଦିନ କାମ କରିବ ବୋଲି ଇଫକୋ ପକ୍ଷରୁ ପ୍ରେସ୍ ଇସ୍ତାହାରରୁ ସୂଚନା ମିଳିଛି।

## ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚର ବୈଠକ

ଲଙ୍ଗଳେଶ୍ୱର , ୨୪/୧୨ (ନି.ପ୍ର): ବାଲିଆପାଳ ବରିଷ୍ଠ ନାଗରିକ ମଞ୍ଚର ବୈଠକ ଅନୁଷ୍ଠିତ ହୋଇଥିଲା। ମଞ୍ଚର ସଭାପତି ନାରାୟଣ ପ୍ରସାଦ ସାହୁ ସଭାପତିତ୍ୱରେ ଆୟୋଜିତ ଅତିଥି ଭାବେ ବିପିନ ବିହାରୀ ବିଶ୍ୱାଳ ଯୋଗଦେଇ ଥିଲେ। ବାଲିଆପାଳ ଅଞ୍ଚଳ ରୁ ବହୁ ଲୋକ ସ୍ୱାଧିନତା ସଂଗ୍ରାମରେ ସାମିଲ ହୋଇଥିଲେ । ସାମିଲ ହୋଇଥିବା ଲୋକ ମାନଙ୍କ ର ନାମଫଳକ ଟି ବାଲିଆପାଳ ବ୍ଲକ ପରିସରରେ ପୂର୍ବରୁ ସ୍ଥାପିତ ହୋଇଥିଲା ମାତ୍ର ବ୍ଲକର ଉନ୍ନତି କରଣ ଆଳରେ ଭାଙ୍ଗି ଦିଆଯାଇଛି ଏହାକୁ ତୁରନ୍ତ ନିର୍ମାଣ ପାଇଁ ବ୍ଲକ ପ୍ରଶାସନ ହାତକୁ ନେଉ ବୋଲି ବୈଠକ ରେ ମତପ୍ରକାଶ ପାଇଥିଲା ଏହାସହିତ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ସବୁ ବିଭାଗରେ ଡାକ୍ତର ନିଯୁକ୍ତି କରାଯାଉ। ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀଧର ବେହେରା,ଝଡିନାଥ ଦେ, ଶ୍ରୀକାନ୍ତ ପାଳ, ବଂଶୀଧର ଜେନା, ବୃନ୍ଦାବନ ରାଜ, ଶ୍ରୀକାନ୍ତ ନାୟକ, ପ୍ରମୁଖ ଙ୍କ ନାମକୁ ପୁନର୍ବାର ନୂତନ ଫଳକ ତିଆରି କରି ବ୍ଲକ ପରିସରରେ ଉପଯୁକ୍ତ ସ୍ଥାନ ରେ ସ୍ଥାପନ ପାଇଁ ବରିଷ୍ଠ ନାଗରିକ ମଞ୍ଚର ସଭ୍ୟ ମାନେ ଦାବି କରିଛନ୍ତି। ଏହି ବୈଠକରେ ମଞ୍ଚର ସମ୍ପାଦକ ବଙ୍କିମ ଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ରାଜ, ଚିତ୍ତରଞ୍ଜନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ବୀରମାଧବ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସବୁ ଦାବି ପୂରଣ ନହେଲେ ଆଗାମୀ ଦିନରେ ବିରାଟ ଜନଆନ୍ଦୋଳନ ହେବ ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo